# ସିଂହାବଲୋକନ

ଝମସରା

ଓକେଣରୀଗଡ଼

ଓ

ରାଉରକେଲା

ଶ୍ରୀ ଗୋକୁଳ ଚନ୍ଦ୍ର ମିଶ୍ର

Digitized by PPRACHIN, SOA

# ସିଂହାବଲୋକନ

ଲେଖକ—ଶ୍ରୀ ଗୋକୁଳ ଚନ୍ଦ୍ର ମିଶ୍ର

ଗ୍ରାମ—ଡାମର୍‌

ପୋ. ଅ.—କାନପୁର

ଜିଲ୍ଲା—କଟକ

ଓଡ଼ିଶା

Digitized by PPRACHIN, SOA

# ସିଂହାବଲୋକନ

●

ଲେଖକ ଓ ପ୍ରକାଶକ :

**ଶ୍ରୀ ଗୋକୁଳ ଚନ୍ଦ୍ର ମିଶ୍ର**

ଗ୍ରାମ—ଡାମରା

ପୋ. ଅ.—କାନପୁର

ଜିଲ୍ଲା—କଟକ

●

ପ୍ରକାଶ କାଳ :

**ବିଜୟା ଦଶମୀ**

୧୯୮୫

●

ପ୍ରଥମ ସଂସ୍କରଣ :

**ଏକ ହଜାର**

●

ମୁଦ୍ରଣ :

**ପ୍ରକାଶ ପ୍ରିଣ୍ଟର୍ସ**

ବାର୍ଣ୍ଣିସାହି, କଟକ-୯

●

ମୂଲ୍ୟ : [illegible] ଟଙ୍କା ମାତ୍ର

~~ଆଠ ଟଙ୍କା ମାତ୍ର~~

Digitized by PPRACHIN, SOA

# ମୁଖବନ୍ଧ

ଜନ୍ମଭୂମିର ପଦସେବା ଜୀବନର ଲକ୍ଷ୍ୟ । ସ୍ୱପ୍ନକୁ ସଫଳ କରିବାରେ ନିର୍ମଳ ପରିସର, ନିଷ୍କପଟ ସହକର୍ମୀ ଏବଂ ପୂର୍ବାର୍ଜିତ କର୍ମଫଳ ଅଭାବରୁ ଅନେକ କ୍ଷେତ୍ରରେ ତୀବ୍ର ବେଦନା ଅନୁଭୂତ ହୋଇଛି । ନୀରବ ଚିନ୍ତାରେ ବହୁ ସମୟ ଅତିବାହିତ ପରେ, କରୁଣାମୟୀ ମା'ଙ୍କର ଆଶିଷ ଲାଭରୁ ଭାଷା ମାଧ୍ୟମରେ ଜନନୀର ପଦସେବା ଭାବ ଅଙ୍କୁରୋଦ୍‌ଗମ ହୋଇ କ୍ରମଶଃ ବଢ଼ି ଚାଲିଛି ।

'ଅର୍ଘ୍ୟ କୁସୁମ' ପ୍ରଥମେ ପ୍ରକାଶିତ ହୋଇ ପାଠକମାନଙ୍କ ଶ୍ରଦ୍ଧା ଭାଜନ ହୋଇଛି । ଲେଖକଙ୍କୁ ଅଶେଷ ଆନନ୍ଦ ପ୍ରଦାନ କରୁଛି । ଜୀବନ ଛବି ପାଣ୍ଡୁଲିପି ବଣମଲ୍ଲୀ ପରି ବନରେ ଝାଉଁଳି ପଡ଼ିବା ପୂର୍ବରୁ ତାକୁ ଆଦରରେ ତୋଳି ତା'ର ସୌରଭକୁ ବିକିରଣ କରାଇବାରେ ଗୁଡ଼ଉଇକେଲ ସରକାରୀ କଲେଜଜର ପ୍ରାଧ୍ୟାପକ ଡକ୍ଟର ଅର୍ଜୁନ ଶତପଥୀ ମୁଖବନ୍ଧ ଦେଇ ଯେଉଁ ଅମୂଲ୍ୟ ସମୟ ଦାନ କରିଅଛନ୍ତି, ସେଥିପାଇଁ ତାଙ୍କ ନିକଟରେ ଋଣୀ । ଅର୍ଥାଭାବରୁ ଏହି ପାଣ୍ଡୁଲିପି ଅଦ୍ୟା-ବଧି ଅପ୍ରକାଶିତ ଅବସ୍ଥାରେ ଅଛି ।

ସନ ୧୯୬୫ ମସିହାରୁ ସନ ୧୯୭୨ ମସିହା (ସାତ ବର୍ଷ) ଲେଖକ ଝିରପାଣି କଲୋନୀ, ସ୍ୱର୍ଗତ ରତ୍ନାକର ମିଶ୍ରଙ୍କ ଘରେ ରହିବା ସୁଯୋଗ ଲାଭ କରିଥିଲି । ଝିରପାଣି ନିକଟସ୍ଥ ଶ୍ମଶାନ ଭୂମିଂ ପଡ଼ି ରହିଥିବା ଯମସଦୃ 'କେଶରୀ ଗଡ଼'ର ମୋହ ଏଡ଼ି ନ

Digitized by PPRACHIN, SOA

ପାଇ, ଏହା ପଛରେ ଥିବା ରହସ୍ୟମୟ ଇତିହାସ, ତା'ର ମନକୁ ଗଭୀର ଭାବେ ସ୍ପର୍ଶ କରିଛି । ଦୀର୍ଘଦିନ ପରେ ସନ ୧୯୮୧ ମସିହାରୁ ସନ ୧୯୮୪ ମସିହା (ତିନି ବର୍ଷ) କଠିନ ପରିଶ୍ରମ କରି ସମସ୍ତ କେଶରୀ ଗଡ଼ର 'କେଶରୀ ବଂଶ' ପ୍ରାରମ୍ଭରୁ ନାଗରା, ଗାଙ୍ଗପୁର ଓ ସୁନ୍ଦରଗଡ଼ର କ୍ରମିକ ପରିବର୍ତ୍ତନ ମଧ୍ୟରେ, ଜନ୍ମ ନେଇଥିବା ଶିଳ୍ପନଗରୀ ରାଉରକେଲାର ସନ ୧୯୮୨ ମସିହା ପର୍ଯ୍ୟନ୍ତ, ଦୀର୍ଘ ଇତିହାସକୁ ସଂକ୍ଷିପ୍ତରେ କବିତା ମାଧ୍ୟମରେ ପ୍ରକାଶ କରାଇ, ଉତ୍କଳୀୟ ସଂସ୍କୃତିର ଗତିଧାରାକୁ 'ସିଂହାବଲୋକନ' କାବ୍ୟରେ ପରିବେଷଣ କରିଛି ।

'ସିଂହାବଲୋକନ'କୁ ସମସ୍ତ କେଶରୀ ଗଡ଼ ରାଉରକେଲା ପ୍ରଥମ ଭାଗ ଓ ରାଉରକେଲା ଦ୍ୱିତୀୟ ଭାଗ ପର୍ଯ୍ୟାୟକ୍ରମେ ତିନି ଭାଗରେ ବିଭକ୍ତ କରିଛି । ପ୍ରତ୍ୟେକ ଭାଗ ଶେଷରେ ଦିଆ ଯାଇଥିବା ସ୍ପଷ୍ଟୀକରଣରେ ଇତିହାସର କେତେକ ପ୍ରାମାଣିକତଥ୍ୟ ପାଠକଙ୍କ ଅବଗତି ନିମନ୍ତେ ଦେଇଛି । କାବ୍ୟରେ ଥିବା ସମସ୍ତ କିମ୍ବଦନ୍ତୀ, କେଶରୀ ଗଡ଼ର ଇତିହାସ, ନାଗରା ଏବଂ ଗାଙ୍ଗପୁର ଅଧୁନା ସୁନ୍ଦରଗଡ଼ର ବାସିନ୍ଦାଙ୍କ ଗାଥାରୁ ସଂଗ୍ରହ କରି, ଭଗବତୀ ବିରଜାଙ୍କ ଶ୍ରୀଚରଣ ତଳେ ଅର୍ପଣ କରିଛି ।

ନାଗରା, ଗାଙ୍ଗପୁର ବରିଷ୍ଠମାନଙ୍କ ମଧ୍ୟରେ କୁଶ ପ୍ରଧାନ, ବିପ୍ର ଅମାତ, ମେଣ୍ଢା ପଡ଼ିହାର, ଶୁକୁ ଗଉଡ଼, ମାଦ୍ରିକାଲୋ ଇତିହାସକୁ ଜନଶ୍ରୁତିରୁ ଉଦ୍ଧାର କରି 'ରାଉରକେଲା ପ୍ରଥମ ଭାଗ'ରେ ଦେଇଛି । ନାଗରାର ପ୍ରସିଦ୍ଧ ପାଲା ଗାୟକ ସ୍ୱର୍ଗତ ରତ୍ନାକର ମିଶ୍ର ଏବଂ କବି ଶ୍ରୀ ଅର୍ଜ୍ଜୁନ ରାଜ (ଭୂୟାଁ) ଉଭୟଙ୍କ

Digitized by PPRACHIN, SOA

ସହିତ ଲେଖକ ସୁପରିଚିତ । ଏହାର ଜଗନ୍ନାଥ ସଂସ୍କୃତି ସହ ଆଧୁନିକ ଯାନ୍ତ୍ରିକ ସଭ୍ୟତାର ସଂକ୍ଷିପ୍ତ ବିବରଣୀ ରାଉରକେଲା ପ୍ରଥମ ଏବଂ ଦ୍ୱିତୀୟ ଭାଗରେ ଦେଇ 'ସିଂହାବଲୋକନ' କାବ୍ୟ ପୂର୍ଣ୍ଣାଙ୍ଗ କରିଛି ।

ପ୍ରଥମେ ପାଣ୍ଡୁଲିପିର ନାମ 'ନାଗରୀ' ଦିଆ ଯାଇଥିଲା । କାବ୍ୟିକ ଦୃଷ୍ଟିରୁ ପରେ ଏହାର ନାମ 'ସିଂହାବଲୋକନ' କରାଯାଇଛି । 'ସିଂହାବଲୋକନ' ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ରିଡ଼ର ଡକ୍ଟର ବାସୁଦେବ ସାହୁଙ୍କର ଅଭିମତ ଲାଭ କରିଛି । ସେଥିପାଇଁ ଲେଖକ ନିଜର କୃତଜ୍ଞତା ଅର୍ପଣ-କରି ଆରାଧ୍ୟଙ୍କ ନିକଟରେ ତାଙ୍କର ମଙ୍ଗଳ କାମନା କରୁଛି ।

ପ୍ରିୟ ବନ୍ଧୁ ନେପାଳ ପ୍ରଧାନଙ୍କ ପ୍ରେରଣା ଓ ସମା-ଲୋଚନା, ଶ୍ରୀଯୁକ୍ତ ନବ କିଶୋର ପଣ୍ଡା, ଗାୟକ ଶ୍ରୀଯୁକ୍ତ ପଦ୍ମଲୋଚନ ପାଣିଗ୍ରାହିଙ୍କର ଉପଦେଶ, ରାଉରକେଲାର ବରେଣ୍ୟ କବି ଶ୍ରୀଯୁକ୍ତ ମହେଶ୍ୱର ପଣ୍ଡା, କବି ଶ୍ରୀଯୁକ୍ତ କବିବର ପରିଡ଼ା, ଡକ୍ଟର ବାସୁଦେବ ସାହୁଙ୍କର ସ୍ନେହ, ଶ୍ରଦ୍ଧା, ପ୍ରେରଣା ପାଇ 'ସିଂହାବଲୋକନ' କାବ୍ୟର ମୁଖଶ୍ରୀ ବର୍ଦ୍ଧିତ ହୋଇଛି । ଏତଦ୍ ବ୍ୟତୀତ ସର୍ବଶ୍ରୀ କୁମୁଦ ଗଡ଼ତିଆ, ରାମ ପ୍ରସାଦ ସାହୁ, ସୁରିଆ ରାଓ, ନୀଳମଣି ପାତ୍ର, ଗଣେଶ ଆଚାର୍ଯ୍ୟ, ନବୀନ ଚନ୍ଦ୍ର ମହାପାତ୍ର, ଫକୀର ଚରଣ ମୁଦୁଲି ଓ ପୂଜ୍ୟ ଭାଇ ଶ୍ରୀ ଭାଗବତ ମିଶ୍ର, ଶ୍ରୀ ମୁରଲୀଧର ମିଶ୍ର, ଶ୍ରୀ ନାରାୟଣ ମିଶ୍ର ଓ ଶ୍ରୀ ନିରଞ୍ଜନ ତ୍ରିପାଠୀଙ୍କ ସାହାଯ୍ୟ ପ୍ରେରଣା ପାଇଛି । ଏଥିପାଇଁ ସମସ୍ତଙ୍କୁ ଆନ୍ତରିକ କୃତଜ୍ଞତା ଅର୍ପଣ କରୁଛି । ସାନ ଭାଇନା ସ୍ୱର୍ଗତ

Digitized by PPRACHIN, SOA

ଚନ୍ଦ୍ରଶେଖର ମିଶ୍ରଙ୍କର ମହାନ ଅଭିଳାଷ ଲେଖକକୁ ସର୍ବଦା ଆଶିଷ ଦେଇ, ସାରସ୍ୱତ ଭଣ୍ଡାର ବୃଦ୍ଧି ଦଗରେ ସାହାଯ୍ୟ କରୁଛି ।

ଉତ୍କଳ ଜନନୀ ପଦ ସେବାରେ 'ସିଂହାବଲୋକନ'କୁ ନିୟୋଜିତ କରାଇ ଲେଖକ ଯେଉଁ ଆନନ୍ଦ-ଲାଭ କରୁଛି, ପାଠକ ତା'ର ରସ ଆସ୍ୱାଦନ କଲେ ସ୍ୱପ୍ନ ସଫଳ ହେବ । ଇତି ।

ଆଷାଢ଼ ଶୁକ୍ଳପକ୍ଷ ଦଶମୀ
ବାହୁଡ଼ା (୧୯୮୫)
ରାଉରକେଲା

ଲେଖକ
**ଶ୍ରୀ ଗୋକୁଳ ଚନ୍ଦ୍ର ମିଶ୍ର**
ସା: ତାମରା

Digitized by PPRACHIN, SOA

# ସୂଚୀପତ୍ର


| ବିଷୟ | | ପୃଷ୍ଠା |
|---|---|---|
| ମଙ୍ଗଳା ଚରଣ | | ୧ |
| ଯମସର କେଶରୀ ଗଡ଼ | ପ୍ରଥମ ସର୍ଗ | ୪ |
| | ଦ୍ୱିତୀୟ ସର୍ଗ | ୧୩ |
| | ତୃତୀୟ ସର୍ଗ | ୧୭ |
| | ଚତୁର୍ଥ ସର୍ଗ | ୨୭ |
| | ପଞ୍ଚମ ସର୍ଗ | ୩୨ |
| | ଷଷ୍ଠ ସର୍ଗ | ୪୮ |
| | ସପ୍ତମ ସର୍ଗ | ୫୩ |
| | ଅଷ୍ଟମ ସର୍ଗ | ୫୭ |
| | ସ୍ପଷ୍ଟୀକରଣ | ୭୦ |
| ରାଉରକେଲା ପ୍ରଥମ ଭାଗ | | ୮୯ |
| ସ୍ପଷ୍ଟୀକରଣ | | ୧୦୨ |
| ରାଉରକେଲା ଦ୍ୱିତୀୟ ଭାଗ | | ୧୧୫ |
| ସ୍ପଷ୍ଟୀକରଣ | | ୧୪୪ |


Digitized by PPRACHIN, SOA

ଓଁ

## (ପ୍ରଥମ)

ବାଣେଶ୍ୱର ଶିବ    କଣ୍ଟିଲୋ ମାଧବ
ଶ୍ରୀଚରଣକୁ ପଖାଳି ।
ବେନ ତୀର୍ଥ ଛୁଇଁ    ପୂତ ମହାନଦୀ
ସଧୀରେ ଯାଉଛି ଚଳି । ୧ ।

ଏଦ୍ୱାର ଉତ୍ତର    ପାରୁଶେ ଗ୍ରାମର
ଅଟେ ମୋ' ଜନମ-ଭୂମି ।
ଲକ୍ଷ୍ମଣ, ସେବଷ    ପିଅର ଜନନୀ
ସଭିଙ୍କୁ ଅନ୍ତରେ ନମି । ୨ ।

ଫୁଲ ଭଳି ହସି    ଗଳିଯାଏ ଦିନ
ସଂସାର ମାୟା-ବନ୍ଧନେ ।
ଦୁଃଖ ସୁଖ ମେଳେ    ପାପ ପୁଣ୍ୟ ଖେଳ
ଗଳୁଛି ଦୀନ ଜୀବନେ । ୩ ।

ଅପାର କରୁଣା    ନ-କରାଇ ଊଣା
ଲେଖନୀ ଦେଇଛ କରେ ।
ପୂର୍ଣ୍ଣ କର ପ୍ରଭୁ    ତବ ଅଭିଳାଷ
ନିତ୍ୟ ନୂତନ ଭାବରେ । ୪ ।

Digitized by PPRACHIN, SOA

# (ଦ୍ୱିତୀୟ)

ଉତ୍କଳ ଜନନୀ ଅଂଶରୁ ଜନମି
ଗାଉରକେଲ୍ ଜନନୀ ।
ନିଜ ସୁତ ସହ ଆଦରେ ପାଳୁଛ
ଭେଦ ଭାବକୁ ନ ଘେନ । ୧ ।
ଜଗନ୍ନାଥ ଦୀକ୍ଷା ଗ୍ରହଣ କରିଣ
ସନ୍ତାନେ ସେ ଦୀକ୍ଷା ଦେଇ ।
ମାନବ ଜାତିକୁ ଆଶ୍ରୟ ଦେଇଛ
ପ୍ରେମ ମହାଭାବ ପାଇ । ୨ ।
ମହତ ସାଧନା କରୁଅଛ ଯାହା
ନ ବୁଝି କେତେକ ଭାଇ ।
ଭାଷା ସଂସ୍କୃତିକୁ ବୁଡ଼ାଇବା ପାଇଁ
ସ୍ୱାର୍ଥେ ହେଉଛନ୍ତି ବାଇ । ୩ ।
ଦେଖୁଛନ୍ତି ନୟନେ ତଥାପି ଜନନି !
ମଉନେ ଯାଉଛ ସହି ।
ଦୁଃଖ ଭରେ କେବେ ନିର୍ଯାତିତ ଗାଥା
ଶୁଣାଉଛ ଦୟା ବହି । ୪ ।
କି ଅବା ଶକତି ଅଛି ଗୋ ଜନନି !
ତୋ' ଦୁଃଖ ହରିବ ଧନ ।
ଭାଇ ସଙ୍ଗେ ମିଳି ଇସ୍ପାତ ତିଆରି
କର୍ମ କ୍ଷେତ୍ରେ କାଟେ ଦିନ । ୫ ।
ତୋ' ଆଶିଷ ଘେନି ଭାଷାରେ ଅର୍ଚ୍ଚନା
କରିବାକୁ ବଳେ ମନ ।

Digitized by PPRACHIN, SOA

ପୁଣ୍ୟମୟୀ ମାତଃ ହରଷେ ଘେନବୁ
ଦୋଷକୁ ତେଜି ବହନ । ୬ ।
ଯୁଗ ରୁଚି ନେଇ କବିତା ରଚଇ
ଶ୍ରଦ୍ଧା ଚିତ୍ତେ ବାଟରେ ଶୁଣ ।
ଯାହା ଶୁଣାଉଛି ଯାହା ଦେଖାଉଛି
ଗୀତରେ ହେଉ ପୂରଣ । ୭ ।

Digitized by PPRACHIN, SOA

ସିଂହାବଲୋକନ

## ଯମସରା

# କେଶରୀ ଗଡ

### ପ୍ରଥମ ସର୍ଗ

ସଉଧ ମାଳମା ରାଉରକେଲାରୁ
ମୁଦ୍ରିକା ପଥରେ ଯାଇ ।
ଉଭୟ ପାର୍ଶ୍ୱର ପ୍ରୋଥିତ ପାଦପ
ସୁଶୀତଳ ଛାଇ ପାଇ । ୧ ।
ଇନ୍ଦ୍ରର ଉଦ୍ୟାନ ସୁବାସିତ ବାସ
ଇସ୍ପାତ ନଗରୁ ନେଇ ।
ଉଲ୍ଲସିତ ଚିତ୍ତେ ଦ୍ୱିଖଣ୍ଡ ସେକ୍ଟର
ପାଣିଟାଙ୍କି ସୀମା ଛୁଇଁ । ୨ ।
ପିଚୁ ରାସ୍ତା ଦେଇ ପୂରୁବ ଦିଗକୁ
ସିଧା କରିଲେ ଗମନ ।
କିଛି ଦୂର ଯାଇ ଝିରପାଣି କୋଳେ
ମିଳଇ ପଥ ସନ୍ଧାନ । ୩ ।

Digitized by PPRACHIN, SOA

ଝିରପାଣି ଠାରୁ ଧୂଳିଆ ପଥରେ
ଜବାଘାଟ ଯିବା ବେଳେ ।
ଯମସର୍ ନାଳ ଡେଇଁଲେ ବାମରେ
ଧୂସର ପ୍ରାଚୀର ତଳେ । ୪ ।
ଥମିଯାଏ ପାଦ ଦେଖି ଉଚ୍ଚ କୁଦ
ଛୁଏଁ ପବନ ତରଙ୍ଗ ।
ଦୁଃଖ ମିଶା ଗୀତ ମର୍ମର ଉଠଇ
ଆକାଶେ ଉଡ଼େ ବିହଙ୍ଗ । ୫ ।
ଦେଖି ଏଇ ଦୃଶ୍ୟ ଅଟକୁ ମାନସ
ବଳିବ କପରି କହ !
ନିଷ୍ଠୁର ହୃଦୟ ଛାଡ଼ିଯିବ ସିନା
ଦୟାକୁ ଲଭିବ କୋହ । ୬ ।
କୁସୁମ ତେନ୍ତୁଳି ମହୁଲ ଶାଲ୍ମଳୀ
ବର ତାଳ ବାଂଶ ବେଲ ।
ନିର୍ମୁଳୀ ଲତିକା ବୃକ୍ଷ ପରେ ରହି
ରସ ହରି କରେ ଖେଳ । ୭ ।
ଆକୁଳ ସହିତ ଜଠଜଠିଆରେ
ମେଳରେ ଅଟାମାରଙ୍ଗ ।
କୁଦା ପରେ କୁଦା ବିସ୍ତାର କରଣ
ଦର୍ଶକେ କରନ୍ତି ବ୍ୟଙ୍ଗ । ୮ ।
ଧାନ ମିଶା ପୋଡ଼ା ରଙ୍ଗିନ ଇଟାର
ଧୂଳିରେ ରଞ୍ଜିତ କୁଦ ।
ବିବିଧ ରଙ୍ଗର ଚିକ୍କଣ ପଥର
ଦେଖିଣ ବଢ଼େ ଆନନ୍ଦ । ୯ ।

Digitized by PPRACHIN, SOA

ଅଲ୍ପ କେତେ କାଳ୍ପ ଯମସର ବାସୀ
କୁନ୍ଦର ଗୁଳ୍ମ ବନାଶି ।
ଧାନ ଆଉ ରବି ଫସଲ କରନ୍ତ
ଏଦ୍ଧାର ହୋଇ ପଡ଼ୋଶୀ । ୧୦ ।
ପୋତା ସରସୀର କ୍ଷୀଣ ଅଙ୍ଗ ଏବେ
ମୃତ୍ତିକା ଜଳକୁ ଧରି ।
ଅତଥି ମଳିନ ମୁଖକୁ ଧୋଉଛି
ତୃଷା ଆଶା ନ ନିବାରି । ୧୧ ।
ବୀରର ପୋଷାକ ଶିରସ୍ତ୍ରାଣ ପିନ୍ଧି
ତରବାରି ଢାଲ ଧରି ।
ପାଇକ ଦମ୍ପତି * କୋଳେ ଶିଶୁ ପୁତ୍ର
ହାତେ ଦାନ୍ତେ ଗଡ଼ି କରି । ୧୨ ।
ରଖିଥିଲେ ରାଜା ଏ ସୁନ୍ଦର ମୂର୍ତ୍ତି
କି ଭାବ ମନେ ସୁମରି !
ଗଦାଧର ପାନ ଦୋକାନୀ ନେତ୍ରରେ
ପଡ଼ିଲା ଏ ଯଶ ଶିରୀ । ୧୩ ।
ଆଠ ଟଙ୍କା ମୂଲ୍ୟ ପ୍ରତି ବଦଳରେ
କ୍ଷୀରୋଦ ସାମଲ ନେଲେ ।
ତାଙ୍କ ଠାରୁ ପରେ ଉପ-ଜିଲ୍ଲାପାଳ
ମୂର୍ତ୍ତିକୁ ଉଦ୍ଧାର କଲେ । ୧୪ ।
ପାଷାଣ ଖୋଦିତ ଲକ୍ଷ୍ମୀ. ନାରାୟଣ
ପାଷାଣ ଶିଳ୍ପ ସମ୍ପଦ ।
ଯାଦୁ ଘରେ ସର୍ବେ ସ୍ଥାନ ପାଇଛନ୍ତି
ଶୁଣି ଲଭିଲି ଆନନ୍ଦ । ୧୫ ।

Digitized by PPRACHIN, SOA

ଗନ୍ଧହର ଶିଳା ✳ ଅମୂଲ୍ୟ ପାଷାଣ ✳
ଠାବ ଶୁଣି ନାହିଁ ଦାସ ।
ଅଙ୍ଗତର ରମ୍ୟ ରାଜବାଟୀ ସ୍ମୃତି-
ଭଗ୍ନ ପ୍ରାଚୀରେ ପ୍ରକାଶ । ୧୬ ।

ସୁବର୍ଣ୍ଣ ଭୂଷଣ ✳ ବଟରେ ସ୍ୱପନ
ପାଇ ଯେଉଁ ଭାଗ୍ୟବନ୍ତ ।
ସ୍ୱପନ ଆଦେଶ ନ ପାଳି ବରଷ
ରସରେ ହେଲେ ମଜ୍ଜିତ । ୧୭ ।

ଝିରପାଣି ବାସୀ ଟିମନ ମିର୍ଦ୍ଧାର
ପତ୍ନୀ ପାଇଥିଲେ ସୁନା ।
ସ୍ୱପନ ଆଦେଶ ନ ପାଳି ଲୋଭରେ
ସର୍ପାଘାତେ ମୃତ୍ୟୁ ସିନା । ୧୮ ।

ଘଟିବା ବାରତା ଆଠ ମାସ ତଳ
ଅଟଇ ଏ ଜନରବ ।
ମୃତ୍ୟୁ ପରେ ସ୍ୱାମୀ ନ ପାଇଲେ ଘରେ
ପାଇବା ସୁନାର ଠାବ । ୧୯ ।

ଜବା ପାନପୋଷ ✳ କାରାଗାର ସୀମା
ସେଠାରେ ଶୂଳିଆ ପଦା ।
ରକତେ ଲୋହିତ ହୋଇ ସେହି ମାଟି
ରାଜ ଶତ୍ରୁ କଲା ପଦା । ୨୦ ।

ବାଙ୍କି ବଞ୍ଚଣାର ✳ ଅଜଣା ବଟେଦ
ଆମ୍ର ଗନ୍ଧ ଭାଙ୍ଗି ଦିଏ ।
ସୁଷ୍ଠା ବନ୍ଧ ସହ କରଆ ପୋଖରୀ
କେଶରୀ ସଙ୍ଗୀତ ଗାଏ । ୨୧ ।

Digitized by PPRACHIN, SOA

ଗଡ଼ଖାଇ ପିନା                ସମସରୀ ନାଳ
ନାମରେ ହୁଏ ବିଦିତ ।
ଗଡ଼ ଯାଇ ନାଶ                ଅଜ୍ଞାତ ରହସ୍ୟ
ହୁଏ ନାହିଁ ଦୃଷ୍ଟିପାତ । ୨୨ ।
ଦେବୀ ଦେବାଳୟ                ଐଶ୍ୱର୍ଯ୍ୟ ସକଳ
ଭୂଗର୍ଭେ ଲଭିଛି ସ୍ଥାନ ।
କି କରମ ଫଳେ                ଅଜ୍ଞାତର ଯଶ
କିଏ କରିଲା ଗୋପନ । ୨୩ ।
କୋଏଲ * ଯାହାର                ଜୀବନ ଦାୟିନୀ
ମହାବୀର * ଯାର ଗୁରୁ ।
ସେ ଆଶିଷ ଏବେ                ଅଭିଶାପ ହୋଇ
ଉଡ଼ଉଛି ଦେଖ ଦୂରୁ । ୨୪ ।
ପାପ ପୁଣ୍ୟ କେହି                ଲୁଚି ରହିନାହିଁ
ସ୍ରଷ୍ଟାର ଏ ଖେଳ ଘରେ ।
ଲୀଳାମୟ ଲୀଳା                ସମୟ ମୁଖରେ
ଦେଖାଏ ତା' ଜଗତରେ । ୨୫ ।
ଉଭୟ ଚରଣେ                ନତ କରି ଶିର
ଅର୍ଚ୍ଚା କରେ ବାରମ୍ବାର ।
ରାଜ ପରିବାର                ଇତିହାସ ଘୋଷେ
ଜଗତେ ପ୍ରଚୁର କର । ୨୬ ।
ଆହେ ମହାକାଳ                ତବ କୋଳେ ଲୀନ
ହୋଇଛି ଯେ ସ୍ମୃତି ଆଜ ।
ଦୟା କରି ଥରେ                ଶୁଣାଅ ସେ ଗାଥା
ଜଣାଏ ଗରବ ତେଜ । ୨୭ ।

Digitized by PPRACHIN, SOA

ଧ୍ୱଂସ ସ୍ତୂପ ଦେଖି ଲାଗଇ ବିଷାଦ
ଚିନ୍ତାରେ ବୁଡ଼ଇ ମନ ।
ବିଂଶ ଶତାବ୍ଦୀର ଭୂତତ୍ତ୍ୱ ବିଜ୍ଞାନ
ନ ହୁଏ କିଛି ସନ୍ଧାନ । ୨୮ ।
ସ୍ୱାଧୀନ ଭାରତ ଜନ ସରକାର
ଦେଖି ନ ଦେଖଇ ଏହା ।
ନିଜ ସ୍ୱାର୍ଥେ ନେତା ଚିନ୍ତିତ ସତତ
କିଏ ବା କରିବ ଆହା । ୨୯ ।
ଏହିପରି କେତେ ପ୍ରାଚୀନ ବିଭବ
ମାଟିରେ ଯାଉଛି ମିଶି ।
ଏହିସବୁ ଖୋଜି ଲାଭ ନାହିଁ କିଛି
କହନ୍ତି କେତେକ ବସି । ୩୦ ।
ଅତୀତର ଭାଷା ଅତୀତ ସଂସ୍କୃତି
ଆଜି ନାହିଁ ପ୍ରୟୋଜନ ।
ସମସ୍ତ ପୃଥିବୀ ମାନବ ସମାଜ
ମଧ୍ୟେ ନାହିଁ ଭିନ୍ନାଭିନ୍ନ । ୩୧ ।
ବିଂଶ ଶତାବ୍ଦୀର ସମାଜ ବାଦରେ
ସ୍ୱାର୍ଥ ଚିନ୍ତା କରି ସାର ।
ଆମ୍ଭ ବିଡ଼ମ୍ୱାରେ ଦୂର କରି-ଦେବା
ସମାଜର କୁ-ସଂସ୍କାର । ୩୨ ।
ବିଜ୍ଞାନ ବଳରେ ଅତୀତ କବରେ
ଗଢ଼ି ନୂତନ ସମାଜ ।
ପ୍ରସ୍ଥାର ସୃଷ୍ଟିକୁ ଉପହାସ କରି
ଦେଖାଇବା ଆମ୍ଭ ତେଜ । ୩୩ ।

Digitized by PPRACHIN, SOA

ଏହି ଭାବେ ଯଶ ହୋଇଛ ଯେତେକ
ପ୍ରତାରକ ନରାଧମ ।
ବୃଥା ହେବ ତୁମ ଜୀବନ ସ୍ୱପନ
ନ ଲଭିବ ନର ଜନ୍ମ । ୩୪ ।
କାଳ ଚକ୍ରେ ସର୍ବେ ମାଟିରେ ମିଶନ୍ତି
ଏତ ଶରନ୍ତନ ବାଧି ।
ଗର୍ବ ଅହଙ୍କାର ରହନ୍ତ କାହାର
ହୋଇ କାଳର ବଶୋର୍ଦ୍ଧି । ୩୫ ।
ଅତୀତକୁ ଛାଡ଼ି କେହି କେଉଁଠାରେ
ହୋଇନାହିଁ କେବେ ବଡ଼ ।
ମହତ ପୁରୁଷ କହିଛନ୍ତି ଏହା
ହୋଇଛନ୍ତି ଯେତେ ବଡ଼ । ୩୬ ।
ଶିଖିବା ଆଶାରେ ଖୋଜେ ଇତିହାସ
ନ ପାଇ କାହିଁ ସନ୍ଧାନ ।
ବୃଦ୍ଧ ଜନତାର କମ୍ପଦର୍ପ୍ପୀ ଶୁଣି
ଯଶ କରୁଅଛୁ ଗାନ । ୩୭ ।

• •

## ପ୍ରଥମ ସର୍ଗ

**ଟୀକା :—**

* **ପାଇକ ଦର୍ପଣ** :—ଉକ୍ତ ହାଣ୍ଡି ଦାନ୍ତର ମୂର୍ତ୍ତି ଝିର-ପାଣି କଲୋନୀରେ ବାସ କରୁଥିବା ଜଗେଇକେଲର ଶ୍ରୀ ଗଦାଧର ନାଏକ (ଭୂୟାଁ) ଏବଂ କଟକର ଶ୍ରୀ କ୍ଷୀରୋଦ ସାମଲ ଉଦ୍ଧାର କରିଥିବା ଗାଥା ସେମାନଙ୍କ ମୁଖରୁ ଲେଖକ

Digitized by PPRACHIN, SOA

ଶୁଣିଅଛୁ । ଘଟିଥିବା ଘଟଣା ସାତ କମ୍ବା ଆଠ ବର୍ଷ ତଳର (୧୨-୧୪ ପଦ) ।

※ **ଗର୍ବହରା ଶିଳା** :—ପାଟଳ, ତାଳମ୍ବ ରଙ୍ଗ ସଦୃଶ ଗୋଟିଏ ପଥର ଦୁର୍ଗରେ ପୂଜା ପାଉଥିଲା । ଏହି ପଥର ଗର୍ବୀଙ୍କ ପାଇଁ ମେରୁତୁଲ୍ୟ ଓ ସରଳ ଗର୍ବହୀନ ବ୍ୟକ୍ତିଙ୍କ ପାଇଁ ଫୁଲ ଭଳି ଓଜନ ହେଉଥିଲା । କେଶରୀ ରାଜା ଏହାକୁ ବ୍ୟବହାର କରାଇ ଭଲ ମନ୍ଦ ଜାଣି ପାରୁଥିଲେ ।

※ **ଅମୂଲ୍ୟ ପାଷାଣ** :—ଊନଶତ ଘନଫୁଟ (୩′ × ୩′ × ୧୧′) ବିଶିଷ୍ଟ ଦୁର୍ଲଭ ପାଷାଣ ବହୁକାଳ ଦୁର୍ଗରେ ପଡ଼ିରହି ନିକଟ ଅତୀତରେ ଅନ୍ତର୍ହିତ ହେବା ଘଟଣା ଜନରବ କହେ (ପଦ ୧୬) ।

※ **ସୁବର୍ଣ୍ଣ ଭୂଷଣ** :—ସାଧାରଣତଃ ବର୍ଷା ଋତୁରେ କେଶରୀ ଗଡ଼ରୁ ସୁନା ଅଳଙ୍କାର, ସୁନା ମୋହର ମିଳିବା ଘଟଣା ବହୁ ଗ୍ରାମର ଅନେକ ଲୋକଙ୍କ ମୁଖରୁ ଶୁଣିବାକୁ ମିଳେ (୧୭ ପଦ) । ସ୍ପଷ୍ଟୀକରଣ ଦ୍ରଷ୍ଟବ୍ୟ ।

※ **ସର୍ପାଘାତରେ ମୃତ୍ୟୁ** :—ଝିରପାଣି ବାସିନ୍ଦା ଟିମନ ମିସ୍ତ୍ରୀର ସ୍ତ୍ରୀ ସର୍ପାଘାତରେ ମୃତ୍ୟୁ ବରଣ କରିଥିବା ଘଟଣା ସତ୍ୟ ଅଟେ ।

※ **କବାପାନପୋଷ** :—ଏହିଠାରେ କେଶରୀ ରାଜାଙ୍କର କାରାଗାର ଥିଲା । କାରାଗାର ନିକଟସ୍ଥ ଗୋଟିଏ ଗୋଲାକାର ପରିଖାରେ ଦେଶଦ୍ରୋହୀମାନଙ୍କୁ ପ୍ରାଣଦଣ୍ଡ ଦିଆଯାଉଥିଲା । ଏହି ଗୋଲାକାର ପରିଧିର ଗର୍ତ୍ତ କ୍ରମଶଃ ପୋତି ହୋଇ

Digitized by PPRACHIN, SOA

ଅତୀତର କ୍ଷୀଣ ସ୍ମୃତିକୁ ଜାଗ୍ରତ କରୁଛି । ବିଗତ ପାଞ୍ଚ ବର୍ଷ ମଧ୍ୟରେ ପରିଧି ନିକଟସ୍ଥ ନୂତନ ଜନବସତି ଏବଂ ଏହାର ମଧ୍ୟ ଦେଇ ଯାଇଥିବା ନୂତନ ପଥ ସ୍ମୃତିକୁ ବିକଳାଙ୍ଗ କରୁଅଛି ।

※ **ବାଙ୍କି ବଞ୍ଚଣା** :—ଗୋଟିଏ ବଡ଼ ବନ୍ଧ । ବନ୍ଧ ହୁଡ଼ାରେ ବସି ପ୍ରକୃତ ଦୁଃଖୀ ନିଜର ଦୁଃଖ ପ୍ରକାଶ କରି ଧନ ଭିକ୍ଷା କଲେ, ତାହାର କାମନା ଅଚିରେ ପୂରଣ ହେଉଥିଲା । ଛଳନାରେ ଦୁଃଖ ପ୍ରକାଶକାରୀ ଧନ ଭିକ୍ଷୁମାନଙ୍କୁ କଠିନ ଦୈବୀଦଣ୍ଡ ମିଳୁଥିଲା (୨୧ ପଦ)

※ **ଢୋଏଲ** :—କୋଏଲ ନଦୀ (୨୪ ପଦ)

※ **ମହାବୀର** :—ସୁନ୍ଦରଗଡ଼ର ବଡ଼-ଗାଁ ଠାରୁ ଗାଙ୍ଗେପୁର ଉପତ୍ୟକା ପର୍ଯ୍ୟନ୍ତ ବିସ୍ତୃତ ମାଳଭୂମିକୁ 'ମହାବୀର' ନାମରେ ନାମିତ କରାଯିବା ବୃଦ୍ଧମାନଙ୍କର ମତ ଅଟେ । ଏହାର ଏକ ଉନ୍ନତ ଶିଖ କେଶରୀ ଗଡ଼ର ଦକ୍ଷିଣରେ ଅବସ୍ଥିତ (୨୪ ପଦ) ।

Digitized by PPRACHIN, SOA

# ଦ୍ୱିତୀୟ ସର୍ଗ

ମଗଧ ରାଜନ ଜନ୍ମେଜୟ ପୁତ୍ର
ଯଯାତି, କନ୍ୟା ବିମଳା ।
ଯାଜପୁର ଚନ୍ଦ- କ୍ଷେତ୍ରକୁ ଆସି ସେ
ରଚିଲେ ବିଚିତ୍ର ଲୀଳା । ୧ ।

ବଳି ଯାଇ ଗ୍ରାମେ କିଛି କାଳ ରହି
ତେମୁହାଣୀ ଯାତ୍ରା କଲେ ।
ଶ୍ରୀ ମାଧବାନନ୍ଦ ଗୋସ୍ୱାମୀ ଋଷିଙ୍କ
ଆଶ୍ରମେ ବେଦ ରଖିଲେ । ୨ ।

ଗୋସ୍ୱାମୀଙ୍କ ଅନ୍ତେ ବିରଜାଙ୍କୁ ପୂଜି
ଚନ୍ଦ୍ର କ୍ଷେତ୍ରେ ହେଲେ ରାଜା
ବିନ୍ଧ୍ୟ ଗିରି ତଟେ ମନ୍ଦିର ତୋଳାଇ
ଦେବୀଙ୍କର କଲେ ପୂଜା । ୩ ।

କାନ୍ୟକୁବ୍ଜ ଯାଇ ଦଶ ସହସ୍ର, ଚତୁର-
ବେଦର ବ୍ରାହ୍ମଣ ଆଣି ।
ବୈତରଣୀ ତୀରେ ସପ୍ତ ମାତୃକାଙ୍କୁ
ବରଣ କରିଲେ ପୁଣି । ୪ ।

ଭୈରବୀ ବଗଳା ହେଙ୍ଗୁଳା ମଙ୍ଗଳା
ଛିନ୍ନମସ୍ତା ଦୁର୍ଗା ମିଳି ।
ଭବାନୀ ସହିତେ ସପ୍ତ ମାତୃକାଙ୍କ
ଶ୍ରୀଚରଣେ ନତ ଭାଳ । ୫ ।

Digitized by PPRACHIN, SOA

ସିଦ୍ଧ ଗଣନାଥ                ସେ ସ୍ଥାନେ ସ୍ଥାପିଣ
ତୋଷିଲେ ଭକ୍ତି ଭାବରେ ।
ଦଶ ଅଶ୍ୱମେଧ                ଯଜ୍ଞ ସମାପନ
ଦଶାଶ୍ୱମେଧ ଘାଟରେ । ୬ ।
କରି ଲିଙ୍ଗରାଜ                ଦେବାଳୟ ଗଢ଼ା
କାର୍ଯ୍ୟ ଆରମ୍ଭ କରିଲେ ।
ଲଲାଟେନ୍ଦୁ ଏଇ                ମନ୍ଦିର ନିର୍ମାଣ
କାର୍ଯ୍ୟ ସମାପନ କଲେ । ୭ ।
ଲିଙ୍ଗରାଜ ଲିଙ୍ଗ                ପ୍ରତିଷ୍ଠା କରାଇ
ହରିହର ପୂଜା କଲେ ।
ଅଶେଷ ସୁଖ୍ୟାତି                ଜଗତେ ରଖାଇ
ଉତ୍କଳ ପବିତ୍ର କଲେ । ୮ ।
ଲଲାଟେନ୍ଦୁ ଘାଇ                ଶ୍ୟାମଳ କେଶରୀ
ଏହି ବଂଶେ ଜନ୍ମ ହୋଇ ।
ଜନ୍ମ ଭୂମି ପ୍ରୀତି                ମନରେ ସାଇତି
ସ୍ୱଦେଶେ ମନ ବଳାଇ । ୯ ।
ଯାଜପୁର ଛାଡ଼ି                ତାଳଚେର ଦେଇ
ଟାଲଲିହଟ୍ଟେ ପ୍ରବେଶ ।
ସେ ଠାବରୁ ପୁଣି                ବଣେଇକୁ ଜିଣି
ନାଗରକୁ ଦେଖି ତୋଷ । ୧୦ ।
ଜବାପାନପୋଷେ                ଅସ୍ଥାୟୀ ଉଆସ
ତୋଳାଇ କଲେ ବିଶ୍ରାମ ।
ତାହା ପରେ ବିଜେ                କୋଏଲ କୂଳର
ରମ୍ୟ ଯମସର ଗ୍ରାମ । ୧୧ ।

Digitized by PPRACHIN, SOA

ଉଚ୍ଚ ସମତଳ ଭୂଖଣ୍ଡକୁ ଦେଖି
ଚିନ୍ତା କଲେ ସ୍ଥାପିବା ପୁର ।
ଇଟା ଚୂନ ବାଲି ରଙ୍ଗିନ ପଥର
ଖଞ୍ଜି ତୋଳିଲେ ନଅର । ୧୨ ।
ପୂରୁବ ଦକ୍ଷିଣ ପଶ୍ଚିମ ଦିଗରେ
ଗଡ଼ଖାଇ ଖୋଳାଇଲେ ।
ଉତ୍ତରେ କୋଏଲ ସ୍ୱଚ୍ଛ ଜଳ ଦେଖି
ହରଷେ ଦୁର୍ଗେ ରହିଲେ । ୧୩ ।
ମହାରାଣୀ ସତୀ ସାବିତ୍ରୀ ସୁନ୍ଦରୀ
ସ୍ୱଧର୍ମ ପାଳନ କରି ।
ପତି ସେବା ସହ କୋହ୍ଲ ଭୂୟାଁ ହୃଦେ
ବାତ୍ସଲ୍ୟ ମମତା ଭରି । ୧୪ ।
ସତ୍ୟ ଧର୍ମ ନ୍ୟାୟେ ପରଜା ପାଳଣ
ସୁଖ ଶାନ୍ତିକୁ ବିସ୍ତାରି ।
ସ୍ୱ-ବଂଶର କୀର୍ତ୍ତି ପ୍ରକାଶିବା ପାଇଁ
ବିହରିଲେ ଦଣ୍ଡଧାରୀ । ୧୫ ।
ବ୍ରାହ୍ମଣ କ୍ଷତ୍ରିୟ ଆଣାଇ ରାଇଜେ
ଜମି-ବାଡ଼ି ଖଞ୍ଜି ଦେଲେ ।
ଶତ୍ରୁ ହୃଦେ ଶଙ୍କା ଜାତ କରାଇଣ
ଜନ ମଙ୍ଗଳ ଚିନ୍ତିଲେ । ୧୬ ।
ଷାଠିଏ ପାଇକ— ଦଳ ଦଳାଛନ୍ତି
ଡରେ ଫଟୋକେମେଙ୍ଗିଆ ।
କେଶରୀ ରାଇଜେ ସେନାପତି ହୋଇ
ଥରାଇଲେ ଶତ୍ରୁ ହିଆ । ୧୭ ।

Digitized by PPRACHIN, SOA

ପୁରୁଣା ପାଣିର କେମେଙ୍ଗିଆ ଆଉ
ଅନ୍ଧାରୀ ବନ୍ଧର ମାଝି ।
କାଟିପୁର ସଙ୍ଗେ ଟେଟେର କେଲାର
ପ୍ରଧାନ ବଂଶକୁ ବୁଝି । ୧୮ ।
ବଲଣି ଅମାତ ସେମେଣ୍ଡାର ଗଞ୍ଜୁ
କୃଷ୍ଣ ନାଏକର ବଂଶ ।
ବନ୍ଧାର ମନ୍ଦର ନାଏକ ସକଳ
ଏହାଙ୍କ ପୂର୍ବ ପୁରୁଷ । ୧୯ ।
ରାଉରକେଲଆ ବରକେରଆର
ସହ୍ର ଶତରୀ ନାଏକ ।
ବଂଶର ପଦବୀ ପ୍ରକାଶ ହୋଇଛି
ଥିଲେ କେତେଗୀ ପାଇକ । ୨୦ ।
ପ୍ରଧାନ ନାଏକ ଅମାତ ଦେହୁରୀ
ବେହେରା ମାଝି ସକଳ ।
ଭୂଇଁୟା ଜାତିର ଉପନାମ ଧରି
ଠାଏ ଠାଏ ହୋଇ ମେଳ । ୨୧ ।
ଏବେ ବି ଅଛନ୍ତି ଏଇ ମାଟି ପରେ
ଦେଖି ତୋଷ ହୁଏ ଚିତ୍ତ ।
କେତେଗୀ ରାଇଜ ଶାସ୍ତ୍ର ସ୍ମୃତି ରଖି
ଅଛନ୍ତି କରି ଜୀବତ । ୨୨ ।
ପ୍ରଥମରୁ ତୋଷ ବାଇଶି ପୁରୁଷ
ସିଂହାସନେ ବସେ କରି ।
କଲେ ଯେଉଁ ଯଶ ଅଳପେ ପ୍ରକାଶ
ହୋଇବ ଖେଳ ତାଙ୍କର । ୨୩ ।

• •

Digitized by PPRACHIN, SOA

# ତୃତୀୟ ସର୍ଗ

ପୂରୁବେ ସୋନୁଆ ପଶ୍ଚିମେ ସାଗର
ଉତ୍ତରେ ଗୋଏଲଫପ୍‌ସା ।
ଦକ୍ଷିଣର ସୀମା ଖାରଭୂର ବ୍ୟାପି
ପୂରିଲା ରାଇଜ ଲପ୍‌ସା । ୧ ।
ଓଡ଼ସ୍ରୁ କେମାଙ୍ଗ ଗର୍ଜନ ଗଇଲେ
ଏରେଗେଡ଼ା ଲେମ୍ବୁ ଗଡ଼ ।
ରାଟଣ୍ଡା ଯମସର ନାଗର ଗଡ଼ରେ
ମୁଖ୍ୟ ଯମସର ଗଡ଼ । ୨ ।
ଦୁଆରଶୁଣୀଙ୍କୁ ସିଂହଦ୍ୱାରେ ରଖି
ଭିତରେ ଝଗଡ଼େଶ୍ୱରୀ ।
ମାଝି ଅବା କାଲେ ସେବକ ରଖାଇ
ପୂଜିଲେ ନୃପ କେଶରୀ । ୩ ।
ଦୁଆରଶୁଣୀଙ୍କ କରୁଣା କଟାକ୍ଷ
ଦୁର୍ଗ ସୀମାରେ ରହିଲା ।
ସିଂହ ଦ୍ୱାରେ ରହି ବଳ ଭୋଜା ପାଇ
ଶତ୍ରୁ ଗର୍ବ ନାଶ କଲା । ୪ ।
ଝଗଡ଼େଶ୍ୱରୀଙ୍କୁ ଇଷ୍ଟଦେବୀ ରୂପେ
ମାନଥିଲେ ରାଜ ବଂଶ ।
ନବ ନୂଆ ବେଶ ବିବିଧ ପୂଜାକୁ
ଖଞ୍ଜାଇ ଥିଲେ ନରେଶ । ୫ ।

Digitized by PPRACHIN, SOA

ସୁବର୍ଣ୍ଣ କାଠିରେ ମୁଖ ସଫା କରି
ସ୍ନାନ କରାଇଣ ଶେଷ ।
ନାନା ରଙ୍ଗ ପାଟ ପିନ୍ଧାଇ ଯତନେ
ଦେବୀଙ୍କୁ କରି ସୁବେଶ । ୬ ।
ହୀରା ମାଳା ମୋତି ମାଣିକ୍ୟ ସୁବର୍ଣ୍ଣ
ଆଭରଣ ଖଞ୍ଜି ଦେଇ ।
କସ୍ତୁରୀ କୁଙ୍କୁମ ଗୋରଚନା ଚୂଆ
ସିନ୍ଦୂରରେ ଗୋଳ ଦେଇ । ୭ ।
ଲଲାଟେ ସିନ୍ଦୂର ଚନ୍ଦନ ବିନ୍ଦୁକୁ
ପିନ୍ଧାଇ ମାଜଣା କରି ।
ଜବା ବିଲ୍ୱ ଦଳ ମାଳାକୁ ପିନ୍ଧାଇ
ଧୂପ ଦୀପ ମାଡି ସାରି । ୮ ।
ସୁବର୍ଣ୍ଣ ଥାଳରେ ନୈବେଦ୍ୟ ପରଷି
ସବୁରି ମଙ୍ଗଳ ଚିନ୍ତ ।
ଊଷା ସାୟାହ୍ନରେ ଦେବୀଙ୍କ ସେବାରେ
ସେବକ କାଳ କଟାନ୍ତି । ୯ ।
ମହା ଆଡ଼ମ୍ବରେ ଦଶହରା ପର୍ବ
ଦୁର୍ଗରେ ପାଳନ କରି ।
ମହିଷ ଛାଗଳ ବଳି ପ୍ରଥା ଖଞ୍ଜି
ତୋଷ କରି ଦୁର୍ଗେଶ୍ୱରୀ । ୧୦ ।
ଦେବୀ ପ୍ରସନ୍ନରେ ଅଭିନବ ରାଜା
ଗଢ଼ାଇଲେ ନୃପବର ।
ପର୍ବ ପର୍ବାଣୀରେ ନିଶାଣ ଶବଦେ
କମ୍ପୁଥିଲା ରାଜପୁର । ୧୧ ।

Digitized by PPRACHIN, SOA

ଅଷ୍ଟ ଧାତୁ ମିଶା   ନୂଆ ନାଗରାଟି
ଯେ କାଳେ ଉଠଇ ବାଜି ।
ସେ ଶବ୍ଦ ଶ୍ରବଣେ   ଅରିର କରରୁ
ଅସ୍ତ୍ର ପଡ଼ୁଥିଲା ଭାଜି । ୧୨ ।
ଶତ୍ରୁ ଆଗମନେ   ନାଗରା ବଜାଇ
ରାଜା ହେଉଥିଲେ ସଜ ।
ନାଗରା ବାଜାରୁ   କେଶରୀ ରାଇଜ
ନାମ ନାଗରା ରାଇଜ । ୧୩ ।
ମାଣ୍ଡିଆ କୁଦର   ଜଜରଙ୍କୁ ସେବ
ଗୋଧନ ବୃଦ୍ଧି କରାଏ ।
ଦଧି ଦୁଧ ଘିଅ   ରାଜା ଘର ଘରେ
ଗଉଡ଼ ସମର୍ପି ଦିଏ । ୧୪ ।
ଖଞ୍ଜା ଜମି-ବାଡ଼   ସୁଖେ ଭୋଗ କର
ଦେବୀ ପଦେ ଚିତ୍ତ ରଖି ।
ପୂର୍ବେ ରହିଥିଲ   ଏବେ ବି ରହିଛ
ସ୍ୱଧର୍ମ ବୃତ୍ତିକୁ ରଖି । ୧୫ ।
ନବ ଦୁର୍ଗେ ନବ   ଦୁର୍ଗା ପୂଜା-କରି
ହରଷେ କେଶରୀ ରାଜା ।
ଦେବୀ ପ୍ରସାଦରେ   ସୁଖେ ରାଜ୍ୟ ପାଳି
ଉଡ଼ାଇଲେ କୀର୍ତ୍ତି ଧ୍ୱଜା । ୧୬ ।
ବୁଢ଼ାବନ୍ଧ ପୁଣି   ପ୍ରତାପୀ ଠାକୁର
ଏ-ରାଇଜେ ବଜେ-କରି ।
ଭକତ କାମନା   ପୂର୍ଣ୍ଣ କରନ୍ତି
ପ୍ରବାଦ ରହିଛି ଘେରି । ୧୭ ।

Digitized by PPRACHIN, SOA

ବହୁ ଦେବାଳୟ ପୁଷ୍କରଣୀ ଚୟ
ଦେଶର ଶୋଭା ସମ୍ପଦ ।
ଅକଳନ ଶସ୍ୟ ଉପୁଜାଇ ପ୍ରଜା
ସୁଖ ଲଭି ହେଲେ ମୋଦ । ୧୮ ।
ପାଷାଣେ ଖୋଦିତ ଗୁରୁ କଳା ମୂର୍ତ୍ତି
ମନ୍ଦିରରେ ଖଞ୍ଜାଇଲେ ।
ଧବଳେଶ୍ୱରଙ୍କ ଦେବାଳୟ ଗଢ଼ି
ଶମ୍ଭୁଙ୍କୁ ପ୍ରତିଷ୍ଠା କଲେ । ୧୯ ।
ବ୍ରାହ୍ମଣୀ ପୂଜନ ଦେଓଗାଁ ମନ୍ଦିରେ
ଆଜି ସେ କଳା ବିରାଜେ ।
ସ୍ୱଇଚ୍ଛାରେ ପ୍ରଭୁ ଭୂମିରୁ ବାହାରି
ଭବେ ହୋଇଅଛ ବିଜେ । ୨୦ ।
ଗର୍ଜନ ଗଡ଼ର ବ୍ରାହ୍ମଣୀ ଉତ୍ତର
କୂଳରେ ଘୋର ଅରଣ୍ୟ ।
ତବ ଶକ୍ତି ସ୍ଫୁର୍ତ୍ତି ସେ ଦୁର୍ଗମ ସ୍ଥଳ
କରାଇଲ ଦେବ ଧନ୍ୟ । ୨୧ ।
ଗର୍ଜନ ବ୍ରାହ୍ମଣ କାଳି ଗାଈ ଚରୁ
ଆକର୍ଷିଲ ପ୍ରଭୁ ହର ।
ନଦୀ ପାରି ହୋଇ କାଳି ଗାଈ ସୁଖେ
କ୍ଷୀରକୁ ଦେଇ ସତ୍ୱର । ୨୨ ।
ଫେରି ଯାଇ ପୁଣି ନିଜ ଗୃହାଳକୁ
ବତ୍ସାକୁ କରି ଆଦର ।
ବାଛୁରୀକୁ କ୍ଷୀର ପିଆଇ ହରଷେ
ପଦ୍ମା କରିଦିଏ ଦୂର । ୨୩ ।

Digitized by PPRACHIN, SOA

ଦେଖି ଏ ରହସ୍ୟ ହରଣ ବୃତ୍ତାନ୍ତ
ଜାଣିବା ପାଇଁ ବ୍ରାହ୍ମଣ ।
ଗାଈ ଚରାଇବା ବୈଦ୍ୟ ବେହେରାଙ୍କୁ
କରାଇଲେ ସାବଧାନ । ୨୪ ।
ଧେନୁ ପଥ ଧରି ଶିବ ପାଶେ ଯାଇ
ଧବଳ ଗାଈ ଦେଖିଲା ।
ସଂଶୟରେ ପଡ଼ି ନିଜ ଗାଈ ପୁଚ୍ଛେ
କନା ଏକ ବାନ୍ଧି ଦେଲା । ୨୫ ।
ତହୁଁ ଆରଦିନ ସେ-ଠାବକୁ ଯାଇ
ଲିଙ୍ଗରେ କନା ଦେଖିଲା ।
କ୍ଷୀର ଚୋର ଶିରେ ଠେଙ୍ଗିଆ ପଶାରେ
ନିଘାତ ପାହାର ଦେଲା । ୨୬ ।
ସ୍ୱଇଚ୍ଛାରେ ପ୍ରଭୁ ଆଘାତ ସହିଣ
ଲିଙ୍ଗ ଅଗ୍ର ଭଙ୍ଗାଇଲେ ।
ବୈଦ୍ୟନାଥ ଦୋଷ ମନରେ ନ ଧରି
ସପନେ ଆଦେଶ ଦେଲେ । ୨୭ ।
ବୈଦ୍ୟନାଥ ନାମେ ସେବା କର ମୋତେ
ସେବାରେ ହୋଇବି ତୋଷ ।
ଗାଈ ଚରା ବୃତ୍ତି ଛଡ଼ାଇ ତାହାର
ସେବାରେ ହେଲେ ହରଷ । ୨୮ ।
ସେହି ବଂଶଧର ଦେହୁରୀ ହୋଇଣ
ଆଜି ଶ୍ରୀଚରଣେ ଖଟେ ।
ନାଗରୀ ରାଇଜେ କେଶରୀ ଶବଦ
ମୁଖରେ ତାହାର ଫୁଟେ । ୨୯ ।

Digitized by PPRACHIN, SOA

ମାୟା ଖେଳ ରଚି ଧବଳେଶ୍ୱରଙ୍କ
ନାମକୁ ସାର୍ଥକ କରି ।
ପଶ୍ଚିମକୁ ମୁଖ ଗଢ଼ା ମନ୍ଦିରରେ
ପୂଜା ପାଅ ଶୂଳଧାରୀ । ୩୦ ।
ସେବକ କହଇ ଦୁଗ୍ଧ ପାନ ଗାଥା
ଶୁଣି କେଶରୀ ରାଜନ ।
ଗହନ ବନରେ ପ୍ରବେଶି ହରଷେ
ଗିରୀଶ କଲେ ବନ୍ଦନ । ୩୧ ।
ବୈଦ୍ୟନାଥ ନାମ ଦେଇ ପ୍ରଭୁଙ୍କର
ମନ୍ଦିର ଗଠନ କରି ।
ତା ପିତୃ ପୁରୁଷ— ମାନଙ୍କ * ସେବାରେ
ରଖାଇଲେ ଦଣ୍ଡଧାରୀ । ୩୨ ।
ଗାଙ୍ଗପୁର ରାଜା ଧବଳ କୁଷ୍ଠରୁ
ମୁକତି ଲଭି ସତ୍ୱର ।
ନୂଆ ନାମେ ଶମ୍ଭୁ ଅଭିଷେକ କଲେ
ସେ ହନୁ ଧବଳେଶ୍ୱର । ୩୩ ।
ଦୁଇ ଜନରବ ପ୍ରକାଶ ହୋଇଛୁ
ଜନତା ସନ୍ତୋଷ ପାଇଁ ।
ସତ୍ୟ ଶିବ ଭାବ ପ୍ରକାଶି ଦୁର୍ଲଭ
ଆନନ୍ଦ ମନେ ମିଳଇ । ୩୪ ।
ମହାକାଳ ଚକ୍ର ଆଘାତରେ ଭଗ୍ନ
ପାଷାଣ ଜୀର୍ଣ୍ଣ ମନ୍ଦିର ।
ହେବାରୁ ଉକଳେ ବାଲି ସିମେଣ୍ଟରେ
ମନ୍ଦିର କଲେ ଉଦ୍ଧାର । ୩୫ ।

Digitized by PPRACHIN, SOA

ବାଲି ଚୂନ ଆଉ ସିମେଣ୍ଟ ଭିତରେ
ଉର୍ଦ୍ଧ୍ୱେ ମାରି ଶିଳା କଲା ।
ଅଗଣିତ ପାଷାଣ ଶିଳ୍ପର ନୈପୁଣ୍ୟ
ଦେଖାଇ କରୁଛି ଲୀଳା । ୩୬ ।

ରୁଦ୍ର ଅନୁଚର ସହ ରାଧା କୃଷ୍ଣ
ମୁଖଶାଳା ସମ୍ମୁଖରେ ।
ରହି ହରହର ପରମ ପ୍ରୀତିର
ଭାବକୁ ପ୍ରକାଶ କରେ । ୩୭ ।

ଦକ୍ଷିଣେ ମୁଷିକ ଉପରେ ଗଣେଶ
ରହି ଦିଶନ୍ତି ସୁନ୍ଦର ।
ଅଗ୍ର ପୂଜା ପାଇ ହରଷେ ଦାସର
ବିଘ୍ନ କରୁଛନ୍ତି ଦୂର । ୩୮ ।

ତିନ ମୁଖ ଛଅ ହାତକୁ ବିସ୍ତାରି
ମୟୂରେ ବସି କାର୍ତ୍ତିକ ।
ପୂର୍ବ ଦିଗେ ରହି ପୂଜା ପାଉଛନ୍ତି
ଦେବ ସେନାର ନାୟକ । ୩୯ ।

ଉତ୍ତର ପାର୍ଶ୍ୱେ ଅଷ୍ଟଭୂଜା ଦୁର୍ଗା
ସିଂହ ପରେ ବିଜେ କରି ।
ଭକ୍ତ ହୃଦେ ମାତଃ ପବିତ୍ର ଚେତନା
ବାହାର୍ଲ୍ଲେ ଦିଅନ୍ତି ଭରି । ୪୦ ।

ମନ୍ଦିର ମଧ୍ୟରେ ହରଷେ ବୃଷଭ
ପ୍ରଭୁଙ୍କୁ ଚାହିଁ ବସିଛି ।
ଭିତର ମଧ୍ୟରେ ଶକ୍ତି ଲିଙ୍ଗେ ବସି
ଅଦ୍ଧ ଆନନ୍ଦେ ଖେଳୁଛି । ୪୧ ।

Digitized by PPRACHIN, SOA

ପୂର୍ବ ସମୟରୁ ରହି ଆସି ଏବେ
ଭକତ ଦୁଃଖ ହରୁଛ ।
ଅଗୋଚର ମାୟା ପ୍ରକାଶ କରଣ
ଭକ୍ତର ଭାବ ଘେନୁଛ । ୪୨ ।
କେଉଁ ଦୋଷେ ପ୍ରଭୁ ମନ୍ଦର କରତା
ଦାସ ନାମ ନ-କହୁଛ ।
ପରମ ଦୟାଳୁ ହୋଇ ଆଶୁତୋଷ
ତାରେ ଭବେ ବୁଡ଼ାଉଛ । ୪୩ ।
ବିଶ୍ୱ ହିତେ ଦେବ ଗରଳ ଭକ୍ଷିଛ
ତୁଚ୍ଛ ମଣିଛ ବିଭବ ।
ଶମଶାନେ ରହି ମହାଯୋଗୀ ହୋଇ
ରଖିଛ ଉମାର ଭାବ । ୪୪ ।
ଦାସ ଅପରାଧ ମନରେ ନ ଧର
ରାଜା ପରେ ହୋଇ ତୋଷ ।
ମନର ବାସନା ପୂରଣ କରାଇ
ସଂସାରେ ରଖାଅ ଯଶ । ୪୫ ।

●

**ଟୀକା :—**

**କେଶରୀ ରାଜ୍ୟର ଚତୁଃସୀମା :**—ପୂର୍ବରେ ସୋନୁଆ, ପଶ୍ଚିମରେ ସାଗର, ଉତ୍ତରରେ ଗୋଏଲଫସା ଏବଂ ଦକ୍ଷିଣରେ ଖାରଭୂଇ ପର୍ଯ୍ୟନ୍ତ ବିସ୍ତାର ଲାଭ କରିଥିଲା ।

Digitized by PPRACHIN, SOA

ସୋନୁଆ ଏବଂ ଗୋଏଲଫପ୍‌ସା ବର୍ତ୍ତମାନ ବିହାର ପ୍ରଦେଶର ଅନ୍ତର୍ଗତ ହୋଇଅଛୁ (୧୨ ପଦ)।

**ଦେଓଗାଁ ଶିବ ମନ୍ଦିର** :—ଉକ୍ତ ମନ୍ଦିରଟି କେଶଘ୍ନ ରାଜବଂଶର କୀର୍ତ୍ତି । ଠାକୁରଙ୍କର ପ୍ରଥମ ନାମ ବୈଦ୍ୟନାଥ। ପରେ ଗାଙ୍ଗପୁର ରାଜାଙ୍କ ନିର୍ଦ୍ଦେଶ ଅନୁଯାୟୀ ଧବଳେଶ୍ୱର ନାମରେ ନାମିତ ହୋଇ ପୂଜା ପାଉଅଛନ୍ତି (ତୃତୀୟ ସର୍ଗ ୧୯ ରୁ ୪୫ ପଦ)।

※ ଶ୍ରୀ ଶ୍ରୀ ଧବଳେଶ୍ୱରଙ୍କର ବର୍ତ୍ତମାନ ସେବକ ଦେଓଗାଁ ନିବାସୀ ଶ୍ରୀ ଲକ୍ଷ୍ମଣ ଦେହୁରୀ ଅଟନ୍ତି । ଏହାଙ୍କର ପିତୃପୁରୁଷ ସ୍ୱର୍ଗତ ଭରତ ଦେହୁରୀ, ମୁଣ୍ଡିରୀ ଦେହୁରୀ ଏବଂ ବୃନ୍ଦାବନ ଦେହୁରୀ ଠାକୁରଙ୍କର ସେବକ ଥିଲେ (୩୨ ପଦ)।

• •

Digitized by PPRACHIN, SOA

# ଚତୁର୍ଥ ସର୍ଗ

ଉତ୍ଥାନ ପତନ ବିଧିର ବିଧାନ
ଲଗିଅଛି ଏଇ ଭବେ ।
ଭଲ ମନ୍ଦ ଗାଥା ଗାଏ ଇତିହାସ
ରହି କାଳର ଗରଭେ । ୧ ।

ସମୟ ଚକରେ ସମସ୍ତ ଗଡ଼ି
କେଶରୀ ବଂଶ କରନ୍ତି ।
ମଉଳି ପଡ଼ିଲା ଯେଉଁ କାରଣରୁ
ଶୁଣ ବୁଧେ ଦେଇ ମତି । ୨ ।

ବିଳାସରେ ମାତି କର୍ତ୍ତବ୍ୟରେ ହେଳା
କରିଲେ ପଦ୍ମକେଶରୀ ।
ନବ ଦୁର୍ଗେ ନଅ ରାଣୀଙ୍କ ସହିତ
କାଟିଲେ ଦିବା ଶର୍ବରୀ । ୩ ।

ସତୀ ସୁଲକ୍ଷଣୀ ଫୁଲମତି ରାଣୀ
ପ୍ରଧାନ ପ୍ରାସାଦେ ଥାଇ ।
ଚିତ୍ତ ପରଜାଙ୍କ ହିତ କାମନାରେ
ମହେଶ ଭବାନୀ ଧ୍ୟାୟୀ । ୪ ।

କାଟୁଥିଲେ କାଳ ରାଜ ଐଶ୍ୱର୍ଯ୍ୟରେ
ଦୁଃଖ ହୃଦପୁଟରେ ରଖି
ହର ପ୍ରସାଦରୁ ସନ୍ତାନ ଲଭିଣ
ସନ୍ତୋଷରେ ଚନ୍ଦ୍ରମୁଖୀ । ୫ ।

Digitized by PPRACHIN, SOA

ଅପୂତ୍ରକ ଦୋଷ          କଟିଲା ରାଜାର
ପୁତ୍ର ଜାତ କର୍ମ କଲେ ।
ବିଦୂଷକ ଡାକ          ଜାତକ ଲକ୍ଷଣ
ଜାଣିବାକୁ ଇଚ୍ଛା କଲେ । ୬ ।
କରପତ୍ର ଯୋଡ଼ି          କହିଲେ ଗଣକ
ଦୋଷ ନ-ଧେନବେ ସ୍ୱାମୀ ।
ଦ୍ୱାଦଶ ବାର୍ଷିକ          ହେବ ରାଜପୁତ୍ର
ଗୃହତ୍ୟାଗିବେ ଧର୍ମ ଧାମୀ । ୭ ।
ଗିମ୍ଭୂତ୍ତ ଗାତରେ          ଶ୍ରୀବାର କେଶରୀ
ହୋଇଯିବେ ଦେବ ଲୀନ ।
ଅସ୍ତ ହୋଇଯିବ          ରାଇଜ ବିଭବ
ଯଶ ହୋଇବ ମଳିନ । ୮ ।
ସହସା ବିଷାଦ          ଗ୍ରାସିଲା ରାଇଜ
ରାଣୀ ହୋଇଲେ ଅସ୍ଥିର ।
ପୁତ୍ର ଭବିଷ୍ୟତ          ହୃଦୟରେ ଚିନ୍ତି
ମହୀପାଳ କଲେ ସ୍ଥିର । ୯ ।
ରାଜବାଟୀ ପୁର          ପ୍ରାଙ୍ଗଣ ମଧ୍ୟରେ
ନ ରଖିବ କାହିଁ ମାଟି ।
ପକ୍କା ଭୂମି ପରେ          ସନ୍ତାନ ସେବାରେ
ଦାସ ଦାସୀ ଥିବେ ଖଟି । ୧୦ ।
ଇଚ୍ଛା ବଶେ ନିଜ          ନଅର ସଜାଇ
ଧାଇଁ ମେଳେ ପୁତ୍ର ପାଳି ।
ନିପୁଣ୍ଡର ଖେଳ          ଆନ କରିବାକୁ
ଚିନ୍ତା କଲେ ମହାବଳୀ । ୧୧ ।

Digitized by PPRACHIN, SOA

ଅହଂ ଗର୍ବେ ରାଜା କାରାଗାର ଦଣ୍ଡ
ଆଦେଶି ଗଣକ ପରେ ।
ଫୁଲମଣ୍ଡ ରାଣୀ ବାରଣ ନ ମାନ
ମଜ୍ଜିଲେ ରାଜଭୋଗରେ । ୧୨ ।
ଶୁକ୍ଳପକ୍ଷ ଚନ୍ଦ୍ର ସମ ରାଜପୁତ୍ର
ବଢ଼ିଲା ତେଜ ପ୍ରସାରି ।
କନ୍ଦର୍ପ ସତେ କି ଅବତୀର୍ଣ୍ଣ ହେଲା
ଯୋଷାଗଣ ଚିତ୍ତାକରି । ୧୩ ।
କୋଳେ ଧରି ହୃଦେ ଚାପି ଗଣ୍ଡସ୍ଥଳେ
ହରଷେ ଚୁମ୍ବନ ଦେଲେ ।
ମୁଖ ଶୋଭା ଦେଖି ହୃଦ ତାପ ନାଶି
କୁମାର ସ୍ନେହେ ପାଳିଲେ । ୧୪ ।
ସବୁରି ପରାଣେ ବଢ଼ିଲା ଆନନ୍ଦ
ମାତା ପାଇଲେ କଷଣ ।
ପୁତ୍ର ରାଜ୍ୟ ବନ୍ଧୁ ସୁମରି ଜନନୀ
ରହିଲେ ସଦା ମଉନ । ୧୫ ।
କ୍ରୂର କାଳ ହସି କ୍ରମେ ଆୟୁ ହରି
ମାୟା ଖେଳ ଆରମ୍ଭିଲେ ।
ପିତା ମାତାଠାରୁ ଅଦୂରରେ ରହି
ପୁତ୍ର ଚିତ୍ତ ଆକର୍ଷିଲେ । ୧୬ ।
କୋଳୁଁ ଉଠି ଶିର ବାଟି ଖେଳୁ ଖେଳୁ
ବାଟି ଦୂରେ ଗଡ଼ିଗଲା ।
ପିପିଲିକା ବିଳ ଉପରେ ଅଟକି
ପାତାଳ ପଥ ରୁନ୍ଧିଲା । ୧୭ ।

Digitized by PPRACHIN, SOA

ବାଟି ଧରୁ ଧରୁ ଭିତରକୁ ହାତ
ଦେହ କ୍ରମେ ଗଳିଗଲା ।
ଧାଇଁ ପରେ ପୁଣି ହାଥି ମାହୁନ୍ତର
ଉଦ୍ଧାର ଚେଷ୍ଟା ଚାଲିଲା । ୧୮ ।
ଉଦ୍ଧାରିବା ଜନେ ରାଜପୁତ୍ର ସହ
କଲେ ପାତାଳ ଗମନ ।
ପଲକରେ ଭୂମି ରୁନ୍ଧିଲେ ସେ ପଥ
ଫାଟ କରାଇ ମିଳନ । ୧୯ ।
ପୁତ୍ର ଶୋକେ ବୁଡ଼ି କେଶରୀ ଦମ୍ପତି
ତୁଚ୍ଛ ମଣି ରାଜଭୋଗ ।
ରାଜ୍ୟ ଭାର ଚିନ୍ତା ମନ୍ତ୍ରୀ କରେ ଦେଇ
ତୀର୍ଥେ କଲେ ଅନୁରାଗ । ୨୦ ।
ପ୍ରିୟଜନ ସଙ୍ଗେ ପାଟଭେଳା ଶୁଆ
ନେଇ କାଶୀ ଯାତ୍ରା କଲେ ।
ବୀରମିତ୍ରପୁର ତରଗା ନିକଟେ
ପଥେ ଶିବିର ଟାଣିଲେ । ୨୧ ।
ଦିବା ଅବସାନ ସମୟରେ ଶୁଆ
ପିଞ୍ଜରାରୁ ଉଡ଼ିଗଲା ।
ବାଉଁଶ ବୁଦାରେ ଅଭିମାନେ ରହି
ରାଣୀ ଡାକେ ନ ଆସିଲା । ୨୨ ।
ପାଟଭେଳା ସୁତ ବେନି ସ୍ନେହ ସ୍ମରି
ଶୋକାକୁଳେ ମାତ ଭୋଳ ।
ପ୍ରିୟତମା ଦୁଃଖେ ଶୁଆ ଧରିବାକୁ
ମନେ ଚିନ୍ତିଲେ ଭୂପାଳ । ୨୩ ।

Digitized by PPRACHIN, SOA

ପ୍ରିୟ ପ୍ରଭୁ ଡାକ ନ ଶୁଣି ସେଠାରୁ
ଡାଳେ ଡାଳେ ଗଡ କଲା ।
ଶୁଆ ଯୋର ଗ୍ରାମ ନିକଟକୁ ଯାଇ
ବାଉଁଶ ଡାଳେ ବସିଲା । ୨୪ ।
ପାଠଭୋଳ ମୋହେ ଅଭିଶାପ ଭୁଲି
ଡାଳ ଧରିଲେ ଭୂପାଳ ।
ଅଭିଶାପ ଯୋଗ ଘଟିବାରୁ ସେହି
ବିପିନ ହୋଇଲା କାଳ । ୨୫ ।
ବୁଦାରୁ ଶାର୍ଦ୍ଦୂଳ ବାହାରି ତକ୍ଷଣେ
ସେଠାରେ କଲା ଆଘାତ ।
ସେ ଆଘାତେ ନୃପ ଚିର ନିଦ୍ରା ଲଭି
ମହୀରେ ହେଲେ ପତିତ । ୨୬ ।
ଉପସ୍ଥିତ ଜନେ ଚିତା ସଜାଡ଼ିଲେ
ସଂସ୍କାର କରିବା ପାଇଁ ।
ରାଜ୍ୟ ଲୋଭ ତେଜି ସ୍ୱାମୀ ତରବାରି
ମନ୍ତ୍ରୀଙ୍କର କରେ ଦେଇ । ୨୭ ।
ଆଦେଶିଲେ ରାଣୀ ଏହି ତରବାରି
ଉପଯୁକ୍ତ ଜନେ ଦେଇ ।
ସତ୍ୟ ଧର୍ମ ନ୍ୟାୟେ ପରଜା ପାଳିବ
କେଶରୀ ଦାୟାଦ ହୋଇ । ୨୮ ।
ଅନ୍ୟଥା ଘଟିବ ବହୁ ପରମାଦ
ସତ୍ୟ ବଚନ ଅଟଇ ।
ଭକ୍ତିଭରେ ସର୍ବେ ଆଦେଶ ପାଳିଲେ
ପଦେ ପ୍ରଣିପାତ ହୋଇ । ୨୯ ।

Digitized by PPRACHIN, SOA

ସତ୍ତା ଧର୍ମ ଟାଳି     ଫୁଲମନ୍ତ ରାଣୀ
ଚନ୍ଦ୍ରକେଶରୀ ଚିତାରେ ।
ଝାସ ଦେଇ ପଡି     ସଙ୍ଗତେ ଚଳିଲେ
କଥା ରହିଛି ଧରାରେ । ୩୦ ।
ପ୍ରଭୁ ଭକ୍ତ ଶ୍ୱାନ     ପଥର ହୋଇଲା
ଚିତାକୁ ଦୁଃଖେ ଅନାଇଁ ।
ପୁଷ୍କରଣୀ ଏକ     ଖୋଳାଇଲେ ମନ୍ତ୍ରୀ
ସମାଧି ପୀଠକୁ ଯାଇ । ୩୧ ।
ରାଣୀ ନାମ ଲୁଚି     ରାଣୀ ସରୋବର ※
ନାମ ହୋଇଅଛି ଖ୍ୟାତ ।
ତଡ଼ାଗର ଜଳ     ସର୍ବଦା ସମାନ
ରହିଛି ଏହା ବଚନ । ୩୨ ।

## ଟୀକା :—

**କେଶରୀ ରାଜବଂଶ :**—ସମସ୍ତ କେଶରୀ ଗଡ଼ ରାଜବଂଶରେ ପୁରୁଷାନୁକ୍ରମେ ବାଇଶି ଜଣ (ପାଠକ) ରାଜା ରାଜତ୍ୱ କରିଥିଲେ । ପ୍ରଥମ ରାଜା ଶ୍ୟାମଳ କେଶରୀ ଏବଂ ଶେଷରାଜା ଚନ୍ଦ୍ରକେଶରୀଙ୍କୁ ଜନମାନସରୁ ଉଦ୍ଧାର କରି ଜୀବନ୍ୟାସ ଦିଆଯାଇଅଛି ।

※ **ରାଣୀ ସରୋବର :**—ଫୁଲମନ୍ତ ରାଣୀ ଚନ୍ଦ୍ରକେଶରୀଙ୍କ ଚିତାରେ ଝାସଦେଇ ସତୀ ହେବାପରେ ସମାଧି ପୀଠରୁ ସ୍ୱତଃ ଗୋଟିଏ ଜଳ ଉତ୍ସ ବାହାରିଲା । ଏହି ଜଳକୁ ଏକ ପୁଷ୍କରିଣୀରେ ଆବଦ୍ଧ କରାଇ, ପୁଷ୍କରିଣୀକୁ 'ରାଣୀ ସରୋବର' ନାମରେ ନାମିତ କରାଯିବା କାହାଣୀ ଅନେକଙ୍କ ମୁଖରୁ ଶୁଣିବାକୁ ମିଳେ ।

Digitized by PPRACHIN, SOA

# ପଞ୍ଚମ ସର୍ଗ

ଅରାଜକ ଯୋଗ ଘଟିବାରୁ ମନ୍ତ୍ରୀ
ଦଳପତି ଡକାଇଲେ ।
ରାଜ କର୍ମଚାରୀ ସର୍ବେ ମେଳ ହୋଇ
ମଣ୍ଡଳାକାରେ ବସିଲେ । ୧ ।
କାଷ୍ଠାସନ ପରେ ଲେମ୍ବୁ ଗଡ଼ାଇଲେ
ଯାର ନାମେ ହେବ ସ୍ଥିର ।
ସେ ଦିନୁ ବରଷେ ହେବ ସେ ରାଜନ
ଏ ପନ୍ଥା କର ବିସ୍ତର । ୨ ।
ଦ୍ୱାଦଶ ପାଇକ ଲେମ୍ବୁ ରାଜା ପ୍ରଥା
କହନ୍ତି କେତେକ ଜନ ।
ଷାଠିଏ ପାଇକ ଲେମ୍ବୁ ରାଜା ପ୍ରଥା
ଅନ୍ୟ କେତେକ କଥନ । ୩ ।
ଲେମ୍ବୁ ରାଜା ପ୍ରଥା ଷାଠିଏ ରାଜନ
ଏକଥା ସବୁରି ମତ ।
ଦ୍ୱାଦଶ କି ଅବା ଷାଠିଏ ପାଇକ
ରାଜା ହୋଇଥିଲେ ସତ । ୪ ।
ଷାଠିଏ ଦିବସ ଷାଠିଏ ବରଷ
ଦୁଇ ଦଳର କଥନ ।
ବାର ପାଇକରେ ଷାଠିଏ ବରଷ
ହେବନି ଲେଖକ ମନ । ୫ ।

Digitized by PPRACHIN, SOA

ଷାଠିଏ ବରଷେ ଷାଠିଏ ନୃପତି
ଦଳପତିମାନେ ହେଲେ ।
ସବୁରି ଇଚ୍ଛାକୁ ପୂରଣ କରାଇ
ନୟୂତ ମାୟା ରଚଲେ । ୬ ।
ଅଣଷଠୀ ପରେ ଷାଠିଏ ରାଜନ
ପଟଷ୍ଠାକେମେଙ୍କି ଆ ଟେହଲେ ।
ସୂର୍ଯ୍ୟାସ୍ତ ସମୟେ ଗ୍ରାମରେ ପ୍ରବେଶି
ନିଜ ଦ୍ୱାରେ ଉଭା ହେଲେ । ୭ ।
ଆଦେଶିଲେ ନୃପ ଆଲୁଅ ଜଳାଇ
ମଣୋହି ସଜାଡ଼ି ଦିଅ ।
କ୍ଷୁଧା ଦୂର କରି କୋମଳ ବଚନେ
ହୃଦୟେ ପରଶ ଦିଅ । ୮ ।
ପ୍ରିୟ ମନ ଭାବ ନ ବୁଝିଣ ପ୍ରିୟା
ନିଦ୍ରାଳସେ କହିଦେଲେ ।
ଆଦେଶ ନ ଦେଇ ନିଜେ ବାଢ଼ି-ଖାଅ
ଶୋଇ ଅଳସ ଭାଙ୍ଗିଲେ । ୯ ।
ଅବଳାର ବଶେ ରାଜା ହୋଇ ଯେବେ
କରିବ ରାଜ୍ୟ ପାଳନ ।
ଧିକ ମୋର ପଦ ଧିକ ମୋ' ଜୀବନ
ପ୍ରଜା ଲଭିବେ କଷଣ । ୧୦ ।
ଚିନ୍ତା ରାଜ୍ୟେ ବୁଡ଼ି ରାତି ବିତାଇଣ
ପ୍ରଭାତେ ଗଡ଼କୁ ଗଲେ ।
ରାଜ ଦରବାରେ ଅମାତ୍ୟଙ୍କ ମେଳେ
ଗତ ଘଟଣା କହିଲେ । ୧୧ ।

Digitized by PPRACHIN, SOA

ଏଣୁ ଆଜଠାରୁ ଲେମ୍ଭୁ ରାଜା ପ୍ରଜା
ରାଇଜେ ନିଷେଧ କଲି ।
ଆଦେଶ ଲଙ୍ଘନେ ବଂଶ ଘାତ ହେବ
ତୁମେନେ ନ ଯାଅ ଭୁଲି । ୧୨ ।
ପାଇକ ମାନଙ୍କ ଦଳପତି ମେଳେ
ପୁଣି ହୋଇଲା ବିଚାର ।
ସାତଶ ପଚାଶ ତୋଳା ଗଣ୍ଡମାଟି
ବଦଳରେ ସୁବର୍ଣ୍ଣର । ୧୩ ।
ସମତୁଲ ସ୍ୱର୍ଣ୍ଣ ଯେଉଁ ଜନ ଦେବ
ରାଜନ କରିବା ସତ ।
ରାଇଜ ସମର୍ପି ସୁଖରେ ରହିବା
ହୋଇ ତାଙ୍କ ପ୍ରିୟପାତ୍ର । ୧୪ ।
ଅନେକ ରାଜନ ଦରଶନ ସାରି
ନ-ପାଇ ଏକ ଗ୍ରାହକ ।
ଶେଷରେ କେଞ୍ଝର ଗଡ଼ରେ ପ୍ରବେଶି
ଭେଟିଲେ ପ୍ରଜା ନାୟକ । ୧୫ ।
ମାଟିର ଉଦ୍ଦେଶ୍ୟ ନ ପଚାରି ନୃପ
ପାଇକେ ବିଦାୟ ଦେଲେ ।
ଫେରିବା ପଥରେ ଏମାନଙ୍କୁ ଦେଖି
ଜେମା ପାଶେ ଡକାଇଲେ । ୧୬ ।
କେଉଁଠାକୁ ଯାଇ ବିରସ ବଦନେ
ଫେରୁଛ କାହିଁକି କୁହ ।
ଥିଲେ ମୋ' ଶକତି କାମନା ପୂରଣ
କରିବ ନାହିଁ ସନ୍ଦେହ । ୧୭ ।

Digitized by PPRACHIN, SOA

ମାଟିର ରହସ୍ୟ ବୁଝାଇ କହିଲେ
ଶୁଣି ତୋଷ କୁଞ୍ଜମଣି ।
ପିତା ପାଶେ ଯାଇ ବାସନା ଫିଟାଇ
ନିଜ ଅଳଙ୍କାର ଆଣି । ୧୮ ।
ସାତଶ ପଚିଶ ତୋଳା ମାଟି ରଖି
ସମତୁଲ ସ୍ୱର୍ଣ୍ଣ ଦେଇ ।
ପାଇକଙ୍କ ଠାରୁ ନାଗର ରାଇଜ
କିଣିଲେ ହରଷ ହୋଇ । ୧୯ ।
ପାଇକଙ୍କ ମେଳେ କେଶରୀ ବାନ୍ଧବ
ଲଲ ମହାପାତ୍ର ଥିଲେ ।
କୁଞ୍ଜମଣି ଜେମା ନିଜ ପାଟଶାଢ଼ୀ
ତାଙ୍କ ଶିରେ ବାନ୍ଧିଦେଲେ । ୨୦ ।
ଆଜ ଠାରୁ ତୁମେ ନାଗର ରାଇଜେ
ସାମନ୍ତ ରାଜା ବୋଲାଇ ।
ସାତଶ ପଚିଶ ଟଙ୍କାର ରାଜସ୍ୱ
ଏକ ଟଙ୍କା ଟୀକା ଦେଇ । ୨୧ ।
ପ୍ରତି ବରଷରେ ଏହି ସର୍ତ୍ତ ମାନି
ପରଜା ପାଳନ-କରି ।
ହରଷେ ଆଦେଶ ଶିରୋଧାର୍ଯ୍ୟ କରି
ଫେରିଲେ ନିଜ ନଗରୀ । ୨୨ ।

× × ×

ବିବାହ ବୟସେ ବରର ସନ୍ଧାନ
ନେଇ କେଞ୍ଝର ରାଜନ ।

Digitized by PPRACHIN, SOA

ଗାଙ୍ଗପୁର ଯୁବ— ରାଜ ଚନ୍ଦ୍ରଭାନୁ
ଜାତକ କରି ମିଳନ । ୨୩ ।
କୁଞ୍ଜମଣି କେମା କର-କମଳକୁ
ନବ ଯୁବରାଜ କରେ ।
ମହା ଆଡ଼ମ୍ବରେ ବିବାହ କରାଇ
ସମର୍ପିଲେ ହରଷରେ । ୨୪ ।
ନାଗରା ରାଇଜ ଯଉତୁକ ଦେଇ
ଶୁଭ ଆଶିଷ ବହିଲେ ।
ନବୀନ ଦମ୍ପତି କେଞ୍ଝର ଦୁର୍ଗରୁ
ମେଲାଣି ମାଗି ଚଳିଲେ । ୨୫ ।
ସୈନ୍ୟ ସାମନ୍ତଙ୍କ ଗହଣେ ନୃପତି
ନାନା ଉତ୍ସବ କରାଇ ।
ଫେରୁଥିଲେ ଯେବେ ନିଜ ନଅରକୁ
ବଣେଇର ପଥ ଦେଇ । ୨୬ ।
କୋଠାର ଉପରୁ ପଦ୍ମାବତୀ କେମା
ଚନ୍ଦ୍ରଭାନୁ ରୂପ ଦେଖି ।
ନିଜ ହୃଦ ଭାବ ବଖାଣି ବସିଲେ
ମାତା ଆଗେ ପଦ୍ମମୁଖୀ । ୨୭ ।
ପ୍ରକାଶ କରାଇ ଦୁଃଖରେ ରହିଲେ
ପିତା ଜାଣି କନ୍ୟା ବ୍ୟଥା ।
"ବିନା ଆଦେଶରେ ମୋ ରାଜ୍ୟେ କା ପାଦ ?
ନୁହଇ ବିହିତ ପ୍ରଥା ।" ୨୮ ।
ଏଇ ଅପରାଧେ ଗାଙ୍ଗପୁର ରାଜା
ସହିତ ଯୁଦ୍ଧ କରିଲେ ।

Digitized by PPRACHIN, SOA

ସୂଇଡ଼ ନିକଟ   ଆତ୍ମତୋଷା ଠାରେ
ହସ୍ତରେ ଶୃଙ୍ଖଳ ଦେଲେ । ୨୯ ।
ଯୁଦ୍ଧ ଚନ୍ଦ୍ର-ପାଇଁ   ଯୁଦ୍ଧ-ଭୂମି ନାମ
ହାତବନ୍ଧା ରଖାଗଲା ।
ହାତବନ୍ଧା ନାମ   ଅପଭ୍ରଂଶ ହୋଇ
କ୍ରମେ ହାତିବନ୍ଧ ହେଲା । ୩୦ ।
ଗୋଧୂଳି ସମୟେ   ବନ୍ଦୀ ସହ ନୃପ
ନଗରରେ ବିଜେକଲେ ।
ରାଜ ଦରବାରେ   ସବୁରି ସମ୍ମୁଖେ
ନିଜେ ଶୃଙ୍ଖଳ ଫେଡ଼ିଲେ । ୩୧ ।
ବିଷମ ଚିନ୍ତାରେ   ବୁଡ଼ି ଚନ୍ଦ୍ରଭାନୁ
ପ୍ରିୟା ଦୁଃଖ ମନେ ଗୁଣି ।
ଚକ୍ରବାକ ଦଶା   ଘଟିଲେ ରଜନୀ
କପଟ କାଟିବ ଧନୀ । ୩୨ ।
ଜୀବନ ବସନ୍ତ   ସମସ୍ତ ହୁଅଇ
ନବ-ଯଉବନ ସିନା ।
ପ୍ରସ୍ଫୁଟିତ ହୋଇ   ମଧୁ ପ୍ରୀତି ଦାନେ
ବିତରେ ମଧୁ ମୂର୍ଚ୍ଛନା । ୩୩ ।
ହାୟରେ ବିଧାତା   ଆମର ଜୀବନ
ବସନ୍ତକୁ ଅକାରଣେ ।
କରାଇ କି ସୁଖ   ପାଇବ ମନରେ
କ୍ଷୁଦ୍ର କରେ ନିବେଦନ । ୩୪ ।
ପ୍ରିୟ ଦୁଃଖ ପ୍ରିୟା   ହୃଦୟରେ ଚିନ୍ତି
ଝରିବେ ଅଶ୍ରୁ ଗଡ଼ାଇ ।

Digitized by PPRACHIN, SOA

ହାତଦୋଳାରେ ସଖୀ ଗହଣରେ ରହି
କର୍ମଫଳକୁ ଭଲଇ । ୩୫ ।
ବୃଦ୍ଧ କାଳେ ନିଜ ଯଉବନ ଖେଳ
ସପନ ନେତ୍ରେ ଦେଖିଣ ।
ବିପରୀତ ଦଶା ସମ୍ମୁଖରେ ଦେଖି
ମଉନେ କ୍ଷଣେ ରହିଣ । ୩୬ ।
ଉଦାସ ମାନସ ନୟନ ପଟଳେ
ଚନ୍ଦ୍ରଭାନୁ ଦୁଃଖ ଖେଳ ।
ଦେଖିଲେ ରାଜନ ବିରହ ପଟଳ
ସଙ୍ଗେ ଯେନ ନିଜ ବଳ । ୩୭ ।
ସମଦର୍ଶୀ ରାଜା ଦେଖି ଏଇ ଦୃଶ୍ୟ
ପ୍ରସନ୍ନ ଚିତ୍ତେ ଭାଷିଲେ ।
ଯୌବନ ଚପଳ ଖେଳର ଏ ଫଳ
ଲଭିଲ ଯା ଥିଲ ଭାଲେ । ୩୮ ।
ଆସ ଆସ ବତ୍ସ ତେଜ ଅଭିମାନ
ଦେଇ ହୃଦେ ଆଲିଙ୍ଗନ ।
ଝଛ କଥା ଭୂଲି ଶ୍ରଦ୍ଧାରେ ମୋ' ପୁରେ
ରହିଥାଅ କଣ୍ଠିଧନ । ୩୯ ।
ଅସ୍ତାଚଳେ ସୂର୍ଯ୍ୟ ସନ୍ଧ୍ୟାରାଣୀ ଭକ୍ତି
ଅରଚନା ତୋଷେ ପାଇ ।
କଳା ଘନ ଛାଇ ଜଗତେ ବିସ୍ତାରି
ପ୍ରିୟା କୋଳେ ଗଲେ ଶୋଇ । ୪୦ ।
ପୁଷ୍ପ ଲତା ଘେରି ଅତିଥି ଭବନେ
ଆଲୋକ ପ୍ରଦୀପ ଜାଳି ।

Digitized by PPRACHIN, SOA

ରଜାର ସମ୍ମାନ　　ଦେଇ ରଖାଇଲେ
ଭବିଷ୍ୟତ ପନ୍ଥା ଭାଳି । ୪୧ ।
ମାଳୀ ବେଶକାରୀ　　ଆଳିଗଣ ମେଳେ
ରାଜ-ନର୍ତ୍ତକୀ ଡକାଇ ।
ସେବାରେ ତୋଷିବ　　ରାଜ-ଦମ୍ପତିର
ଚିତ୍ତେ ମୋଦ ଭାବ ଦେଇ । ୪୨ ।
ଆଦେଶ ଦିଆଇ　　ସଭା ଭଙ୍ଗ କରି
ଅନ୍ତଃପୁରେ ପ୍ରବେଶିଲେ ।
ଶୁଚିଭ ନିଜ ଜେମା　　ବିବାହ ଯୋଜନା
ନୀରବରେ ଚିନ୍ତା କଲେ । ୪୩ ।

× × ×

ଶୀତଳ ଜଳରେ　　ସ୍ନାନ କରାଇଣ
ଜେମଙ୍କୁ ବେଶ କରାଇ ।
ଚନ୍ଦନ କର୍ପୂର　　ସିନ୍ଦୂର ବିନ୍ଦୁକୁ
ଲଲାଟରେ ଖଞ୍ଜି ଦେଇ । ୪୪ ।
ସୁବାସ କୁସୁମ　　ମାଳାରେ ଚନ୍ଦନ
କର୍ପୂରର ରଜ ଗୋଳି ।
ମାଳାକୁ ପିନ୍ଧାଇ　　ମନୋହର ଶେଷରେ
ନୃତ୍ୟ ଗୀତେ ବାଦ୍ୟ ଚାଳି । ୪୫ ।
ବିବିଧ କୁସୁମ　　ବିତାନର ତଳେ
କୁସୁମେ ଶଯ୍ୟା ମଣ୍ଡାଇ ।
ଆଲଟ ଚାମର　　ଧୀରେ ଧୀରେ ଚାଳି
କସ୍ତୁରୀ ବଡ଼ଆ ଦେଇ । ୪୬ ।

Digitized by PPRACHIN, SOA

ଦୁଃଖ ଦୂର-କରି          ସେବାକାରୀ ଗଣ
ନିଜ ଗୃହେ ଚଳିଗଲେ ।
ହରଷ ସ୍ୱପ୍ନେ          ପ୍ରୀତି ଝେଟଲେ ମାତି
ପଲଙ୍କରେ ପହୁଡ଼ିଲେ । ୪୭ ।
ଚତୁର୍ଥ ପ୍ରହର          ଆଗମନେ ରାଜା
ବ୍ରାହ୍ମଣୀ ପୂଜନ ବନେ ।
ବସନ୍ତ ପ୍ରଭାତ          ବାଣେଶ୍ୱର ବନ
ଶୋଭା ଦେଖନ୍ତି ସପନେ । ୪୮ ।
ବନ କାକଳିରେ          ଶିବ ଶିବ ଧ୍ୱନି
ବନ ଗାନ ପ୍ରକମ୍ପିତ ।
ଶୁଭେ ଶୁଣାଉଛି          ଶ୍ରୁତିରେ ତାଙ୍କର
ଶିବ ପବନ ସଙ୍ଗୀତ । ୪୯ ।
ଉଷା ଆଗମନେ          ଅତିଥି ରାଜନ
ଉଦ୍ୟାନେ ବିହାର କଲେ ।
ଅରୁଣ କିରଣ          ପରଶେ କୁସୁମ
କାନ୍ତି ଦେଖି ମୋଦ ହେଲେ । ୫୦ ।
ଯୋଷାଗଣ ମେଳେ          କୁଞ୍ଜମଣି ରାଣୀ
ରାଣୀ-ଅନ୍ତଃପୁରେ ଗଲେ ।
ରାଜ ମହିଷୀର          ମାତୃ ସ୍ନେହ ପାଇ
ବିଗତ ଦୁଃଖ ଭୂଲିଲେ । ୫୧ ।
ପଦ୍ମାବତୀ ସଙ୍ଗ          ଲଭି କୁଞ୍ଜମଣି
ଅତି ହରଷିତ ହେଲେ ।
ଏକତ୍ର ଆହାର          ବିହାର କରଣ
ଜେମା ପୁରେ ବିହରିଲେ । ୫୨ ।

Digitized by PPRACHIN, SOA

ଧନାନ୍ତେ ରଜନୀ କୋଳେ କୁଞ୍ଜମଣି
ସ୍ୱାମୀ ପଦ ସେବାକର ।
ନବ ରସ ଭାବ ପ୍ରୀତିର ବଇଭବେ
କୁଞ୍ଜ-ରହିଲେ ସୁନ୍ଦରୀ । ୫୩ ।
ସଖୀ ମେଳେ ଧନେ ପଦ୍ମାବତୀ ଜେମା
ମାନସ ପ୍ରିୟ ଦେଖିଲେ ।
ଆରାଧ ଦେବଙ୍କୁ ହୃଦୟରେ ନମି
କଟାକ୍ଷେ ମନ ମୋହିଲେ । ୫୪ ।
ପଦ୍ମାବତୀ ଶୋଭା ନରେଖି ରାଜନ
ମଣ୍ଡନେ ଉଷତ ହେଲେ ।
ଧନେ ବନ୍ଧ୍ୟଲତା ଛଟକ ସଞ୍ଚାର
ହୃଦେ ଅନୁଭବ କଲେ । ୫୫ ।
କଣ୍ଡୁକେ କନ୍ତି ସମସ୍ତ କଟାଇ
କୁଞ୍ଜମଣି ସନ୍ନିଧରେ ।
ସ୍ୱର୍ଣ୍ଣତନୁ ପ୍ରଭା ଅଞ୍ଚଳେ ପ୍ରକାଶି
ଜେମାମଣି ଗଲେ ଧୀରେ । ୫୬ ।

× × ×

ଦୁର୍ଗ ଇଷ୍ଟଦେବୀ କୋନ୍ତ କୁମାରୀଙ୍କ
ଦର୍ଶନ ଛନ୍ଦେ ବଳାଇ ।
ପ୍ରତ୍ୟୁଷରୁ ଜେମା ସହଚରୀ ସହ
ଦେବୀଙ୍କୁ ବନ୍ଦିଲେ ଯାଇ । ୫୭ ।
ଦରଶନ ସାରି ବାଣେଶ୍ୱର ଶିବ
ମନ୍ଦିରେ ହେଲେ ପ୍ରବେଶ ।

Digitized by PPRACHIN, SOA

ଭକ୍ତିଭରେ ବନ୍ଦେ  "ଚନ୍ଦ୍ରଭାନୁ ପତି
ଦିଅନ୍ତୁ ମୋତେ ମହେଶ" । ୫୮ ।
ଜଣାଇ ପ୍ରଭୁଙ୍କୁ  ପ୍ରସାଦ ସେବଣ
ବ୍ରାହ୍ମଣୀ ପୂଜନେ ବସି ।
କୁଞ୍ଜମଣି ରାଣୀ  କର ଧରି ଜେମା
କହୁଛନ୍ତି ମୃଦୁ ହସି । ୫୯ ।
ଦୂର ନ-କରିବ  ଛୋଟ ଭଉଣୀକୁ
ଏ ଅଳ୍ପ ନିବେଦନ ମୋର ।
ଯହିଁ ଥିବ ତୁମେ  ତହିଁ ଥିବ ଭଗ୍ନୀ
ସତ୍ୟ ବଚନ ମୋହର । ୬୦ ।
ତୁମରି ସେବାରେ  ସରଗର ସୁଖ
ଲଭି ହୋଇବି ସନ୍ତୋଷ ।
ଯୁଗେ ଯୁଗେ ଆମ  ମଧୁର ସମ୍ପର୍କ
ଗାଉଥିବ ଇତିହାସ । ୬୧ ।
ଭକ୍ତ ଭାବ ଜାଣି  ସଦାଶିବ ମାୟା
କରି ଚନ୍ଦ୍ରଭାନୁ ଚିତ୍ତ ।
ଆକର୍ଷି ଶୀରକୁ  ନିଜ ଉପବନେ
କରାଇଲେ ଉପସ୍ଥିତ । ୬୨ ।
ସହଜେ ବସନ୍ତ  ହୋଇଛି ଆଗତ
ପତ୍ର ଝଡ଼ି ପତ୍ର ଧରେ ।
କୁସୁମ ପଳାସ  ଶାଳ୍ମଳୀ ଅଶ୍ୱତ୍ଥ
ପତ୍ର ଫୁଲ ରଙ୍ଗ ଝରେ । ୬୩ ।
ମହୁଲ ରସାଳ  କନିଅରି ବେଲ
ଚମ୍ପା ଅରଖ ଭରିଛି ।

Digitized by PPRACHIN, SOA

ମଧ୍ୟର ତଡ଼ାଗ ଚଉପାଶେ ରହି
ବନକୁ କରନ୍ତ ଘଞ୍ଚ । ୭୪ ।
ଜାମୁ, କେନ୍ଦୁ, ବର ଖଜୁରି ଆବର
ବନ ଶୋଭା ବୃଦ୍ଧି କରେ ।
ଗିଲଖି ପାଦପ ହଳଦିଆ ପୁଷ୍ପ—
ଦାମ୍ଭ ଠେକେଛି ଅମ୍ବରେ । ୭୫ ।
ଅରୁଣ କିରଣ ଆରକ୍ତ ବରଣ
ପ୍ରକୃତିକୁ ମୁଗ୍‌ଧ କରି ।
ଧବଳ ଲୋହିତ ପଦ୍ମର ଗଣ୍ଡକୁ
ଚୁମ୍ବଇ ମାନସ ହରି । ୭୬ ।
ବିବିଧ ରଙ୍ଗୀନ କୁସୁମ ହସଇ
ମଧୁପେ ମଧୁ ବିତରି ।
ଅଳିର ଗୁଞ୍ଜନ କୋଇଲିର ଗାନ
ମୃଦୁ ହିଲ୍ଲୋଳେ ସଞ୍ଚରି । ୭୭ ।
ଶିବ ଶିବ ନାମ ବାଣେଶ୍ୱର ବନେ
ସଦା ପ୍ରତିଧ୍ୱନି ହୋଇ ।
ସତ୍ୟ ଶାନ୍ତ ଭାବ ଅହିଂସା ପ୍ରଭାବ
ଅହରହ ବିରାଜଇ । ୭୮ ।
ଖଗ ମୃଗ ପିକ ଫଣୀ ଚକ୍ରବାକ
କୁମ୍ଭାଟୁଆ ଶୁଆ ସାରି ।
ଗୋ-ବତ୍ସା ମେଳରେ ବଇଁଶୀ ବଜାଏ
ଗୋପାଳ ସୁଖେ ବିହରି । ୭୯ ।
ବିଭୂତି ପୁଲକେ ଯୁବରାଜ ବନେ
ବନକାନ୍ତି ଦେଖୁଛନ୍ତି ।

Digitized by PPRACHIN, SOA

ଶିବ ଶିବ ଧ୍ୱନି କ୍ରମଶଃ ମର୍ମର
ଶ୍ରୁତି ଗହ୍ୱରେ ଖେଳନ୍ତ । ୭୦ ।
ସହସା ଏକାଳେ ଘନ କୋଳୁଁ ଝର
କୁହୁଡ଼ି କଲା ପ୍ରବେଶ ।
ଉନ୍ମେଷ ବିପିନ ବ୍ରାହ୍ମଣୀ ପୁଳିନ
ଉଭୟ କରିଲା ଗ୍ରାସ । ୭୧ ।
ଶିଶିର ପ୍ରବେଶି ବସନ୍ତ ଉତ୍ସବ
ଗାନ ତାନ ହରିନେଲା ।
ଚନ୍ଦ୍ରଭାନୁ ପ୍ରିୟା ସ୍ମୃତିକୁ ସୁମରି
ଦୁଃଖରେ ବିହାର କଲା । ୭୨ ।
ଜଳ ସ୍ଥଳ କୂଳ ହେବାରୁ ଫେନିଳ
ଶିବ ଶବ୍ଦେ ଶ୍ରୁତି ଡେରି ।
ଜଳକୁ ଉପେକ୍ଷି ସ୍ଥଳରେ ପ୍ରବେଶି
ଶିବ ନାମକୁ ଉଚ୍ଚାରି । ୭୩ ।
ବୁଲୁ ବୁଲୁ ବନେ ସହଚରୀଙ୍କର
ବିଚ୍ଛେଦ ଯୋଗ ଘଟିଲା ।
ଭଇଁଚ କଣ୍ଟକ ବେନଙ୍କୁ ପରଶି
ଗତି ପଥ ଆଚ୍ଛାଦିଲା । ୭୪ ।
ଭୟେ କୁଞ୍ଜମଣି ଭଉଣୀକୁ ଛାଡ଼ି
ପଡ଼ି ହୋଇଲେ ଅଚେତ ।
ଶିବ ଅନୁଚର ପରମ ତୃପ୍ତିରେ
ଦେଖନ୍ତି ଘଟିବା ଶବ । ୭୫ ।
ଭୟେ ଚନ୍ଦ୍ରାବତୀ ଶିବଙ୍କୁ ସୁମରି
କୁଞ୍ଜମଣିର ସନ୍ଧାନ ।

Digitized by PPRACHIN, SOA

ନେବାବେଳେ ଭ୍ରମେ ଚନ୍ଦ୍ରଭାନୁ ଛାୟା
ନେଵ କରିଲ ଦର୍ଶନ । ୭୬ ।
ସହଚରୀ ଭାବ ଅଧୀରେ ଯାଇଣ
ଛାୟା କଲ ଆଲିଙ୍ଗନ ।
ଶିବ ଆଦେଶରେ କୁହୁଡ଼ି ଛାଡ଼ିଲ
ଭକ୍ତ ଭାବ କରି ପୂର୍ଣ୍ଣ । ୭୭ ।
ହୃଦୟେ ହୃଦୟ ଏକାକାର ବେଳେ
କୁହୁଡ଼ି ହେବାରୁ ଦୂର ।
ମାନସ ପ୍ରିୟଙ୍କ ବକ୍ଷସ୍ଥଳ ତେଜି
ଚରଣେ ପଡ଼ି ସତ୍ୱର । ୭୮ ।
ବିଧିବଶେ ଅଙ୍ଗ ଛୁଇଁଲ ହେ ଦେବ
ଆନେ ଭୋଗ୍ୟା ନ ହୋଇବି ।
କୁଳାଗ୍ନିର ମତେ ଧର୍ମେ ସାକ୍ଷୀ ରଖି
ପଦ ସେବା ନ ଛାଡ଼ିବି । ୭୯ ।
ପୂର୍ବର ସକଳ ବୃତ୍ତାନ୍ତ ଜଣାଇ
ଦାସୀ ଭିକ୍ଷା ଅଳି କଲେ ।
ଶିବ ଅନୁଗ୍ରହେ ଚନ୍ଦ୍ରଭାନୁ ସ୍ନେହେ
ଜେମା ଅଳି ପୂର୍ଣ୍ଣ କଲେ । ୮୦ ।
ଗାନ୍ଧର୍ବ ବିବାହ ସମାପନ କରି
ପଦ୍ମାକୁ କରେ ଉଠାଇ ।
କୁଞ୍ଜମଣି ଠାବ କରିବାକୁ ବେନି
ଖୋଜନ୍ତି ଅସ୍ଥିର ହୋଇ । ୮୧ ।
କିଛି ଦୂରେ ପଦ୍ମା ଧୂଳି ଧୂସରିଆ
ପତ୍ର ଫୁଲ ଶଯ୍ୟା ପରେ ।

Digitized by PPRACHIN, SOA

ନରେଖି ଦେଖିଲେ ଶୋଇଛନ୍ତି ଭଉଣୀ
ଅଚେତ ହୋଇ ଧରାରେ । ୮୨ ।
ହୃଦ ତାପ ଅଶ୍ରୁ ସମ୍ବରଣ କରି
ପ୍ରିୟଙ୍କୁ ପାଶେ ଡାକଲେ ।
ଅଧୀର ନ ହୋଇ ଯୁବରାଜ ଶୀଘ୍ର
ନଦୀରୁ ନୀର ଆଣିଲେ । ୮୩ ।
କୋଳେ ପ୍ରାଣ ପ୍ରିୟା କୁଞ୍ଜମଣି ଧରି
ଚନ୍ଦ୍ରମୁଖ ପଖାଳିଲେ ।
ସୁବାସେ ମଣ୍ଡିତ ହୋଇ ମୃଦୁ ବାତ
ମୁଖେ ଆଲଟ ଚଳିଲେ । ୮୪ ।
ଉମା ଦେବୀ ବର ଆହେ ବାଣେଶ୍ୱର
ସଙ୍କଟରୁ ରକ୍ଷାକର ।
ଭଉଣୀର ମୁଖେ ହସକୁ ଫୁଟାଇ
ଯଶକୁ ବିସ୍ତାର କର । ୮୫ ।
ହୃଦେ ଚିନ୍ତି ପଦ୍ମା ପ୍ରଣତ ଜଣାଇ
ପଦ-ସେବାରେ ଲାଗିଲେ ।
ଧାର ଧାର ଅଶ୍ରୁ ନୟନରୁ ଗଡ଼ି
ପିନ୍ଧା ବାସ ଭିଜାଇଲେ । ୮୬ ।
ବନଚର ପଶୁ ପକ୍ଷୀଙ୍କ ରାବରେ
ବନଭୂମି ମୁଖରିତ ।
ହୋଇ କୁଞ୍ଜମଣି ଚେତନା ଫେରିଲା
ଦୃଶ୍ୟ ଦେଖି ଆଚମ୍ବିତ । ୮୭ ।
କୋଳୁଁ ଉଠି ରାଣୀ ପ୍ରିୟଙ୍କୁ ପ୍ରଣମି
ଭଉଣୀକୁ କୋଳ କଲେ ।

Digitized by PPRACHIN, SOA

ଶିବଙ୍କ ରଚିତ ଘଟିବା ଚରିତ
ନଭୁଁ ଶୁଣି ପ୍ରୀତ ହେଲେ । ୮୮ ।
ବାଣେଶ୍ୱର ପଦ ଦରଶନ କରି
ଆରାଧନା ବିଧି ସାରି ।
ହରଷ ବିସ୍ମୟ ଘେନି ଅନୁଭବି
ସ୍ୱସ୍ଥାନକୁ ଗଲେ ଫେରି । ୮୯ ।
ଗାନ୍ଧର୍ବ ମିଳନ ବାରତାକୁ ପାଇ
ଜନକ ହରଷ ହେଲେ ।
ଚନ୍ଦ୍ରଭାନୁ ସହ ପଦ୍ମାବତୀ ଜେମା
ବିବାହ ସମ୍ପନ୍ନ କଲେ । ୯୦ ।
ନାଗରୀ ସହିତ ବେନି ରାଜ ଜେମା
ବରଣମାଳା ଲଭିଲେ ।
ହରଷ ଚିତ୍ତରେ ସ୍ୱରାଇଜେ ଫେରି
ବିଭା ଉତ୍ସବ ସାରିଲେ । ୯୧ ।
ନାଗରୀ ରାଇଜ ଗାଙ୍ଗପୁରରେ ମିଶି
ଗଙ୍ଗବଂଶ ଅଧୀନରେ ।
ଶାସିତ ହୋଇଣ କୁଞ୍ଜମଣି ରାଣୀ
ସ୍ୱତ୍ତ୍ୱକୁ ରଖି ଧରାରେ । ୯୨ ।
ଯେଉଁ ଇତିହାସ ଜନରବେ ରହି
ରାଣୀଙ୍କୁ ଅମର କରେ ।
ସେଇ ଶ୍ରୁତି ଏବେ ପ୍ରକାଶ ହୋଇବ
ବୁଧେ ଘେନ ହରଷରେ । ୯୩ ।

Digitized by PPRACHIN, SOA

# ଷଷ୍ଠ ସର୍ଗ

ଗଙ୍ଗ ବଂଶଧର ଆସି ଗାଙ୍ଗପୁର
ଗାଙ୍ଗପୁରେ ରାଜା ହେଲେ ।
ବହୁ କାଳ ପରେ ଗଙ୍ଗ ରାଜବଂଶ
ରାଜା ଅପୁତ୍ରିକ ହେଲେ । ୧ ।
ରାଜା ପରେ ରାଜ୍ୟ ଅରାଜକ ଦେଖି
ଭୂଇଁୟା ସେନା ଚକ୍ରିଲେ ।
ଉପଯୁକ୍ତ ପାତ୍ର ନ-ପାଇ ରାଇଜେ
ଅନ୍ୟତ୍ର ସନ୍ଧାନ ନେଲେ । ୨ ।
ଧଲଭୂମି ପାଖ ଶିଖର-ଭୂମିରୁ
ରାଜପୁତ୍ର ଚୋରି କଲେ ।
ମହାବୀର ଠାରେ ପାହାଡ଼ ଉପରେ
ସର-ଜଳେ ଲୁଚାଇଲେ । ୩ ।
ରାଜ-ଆଖଡ଼ାରେ ଯୁଦ୍ଧ ଶିକ୍ଷା ଦେଇ
ଏହାଙ୍କୁ ଯୋଦ୍ଧା କରିଲେ ।
ରାଜ ପୁରୋହିତ ରାଜମନ୍ତ୍ର ଶିକ୍ଷା
ଆଦରରେ ଦାନ କଲେ । ୪ ।
ଜଳେ ରଖିବାରୁ ଜଳନ୍ଧର ସଙ୍ଗେ
ଶେଖର ପଦବୀ ଦେଲେ ।
ଗାଙ୍ଗପୁର ରାଜ୍ୟ ନୂତନ ପ୍ରାସାଦେ
ଯୁବାକାଳେ ରାଜା କଲେ । ୫ ।

Digitized by PPRACHIN, SOA

ଜଗତ ଗଡ଼ରୁ                    ଲଇମ ଗଡ଼କୁ
ଶେଷେ ସୁନ୍ଦର ଗଡ଼ରେ ।
ନଅର ତୋଳାଇ                    ରାଇଜ ପାଳିଲେ
ଏ ରାଜବଂଶ ଧରାରେ । ୬ ।
ଜଳନ୍ଧର ପୁତ୍ର                    ଯଶୁ ରାମ ପରେ
ଜଗଦେବ ଚନ୍ଦ୍ରଭାନୁ ।
ଦୁଇ ଭାଇ ମଧ୍ୟେ                    ଜଗଦେବ ବଡ଼
ସାନ ଥିଲେ ଚନ୍ଦ୍ରଭାନୁ । ୭ ।
ଜଗଦେବ ନାମ                    ହଠମ୍ଭର ବୋଲି
ଗାଥା କରୁଛନ୍ତି ପ୍ରଚାର ।
ଓଡ଼ରୁମା ଗ୍ରାମେ                    ଚନ୍ଦ୍ରଭାନୁ ବଂଶ
କ୍ରମେ ହୋଇଛନ୍ତି ବିସ୍ତାର । ୮ ।
ହଠମ୍ଭର ଠାରୁ                    ଉଦ୍ଧବ ଶେଖର
ସୁନ୍ଦର ଗଡ଼ରେ ରହି ।
ନାଗରାର ସ୍ୱତ୍ୱ                    ରାଣୀ ନାମେ ରଖି
ଶାସିଲେ ନିଜର ମହି । ୯ ।
ରାଣୀର ଅଧୀନେ                    ମହାପାତ୍ର ବଂଶ
ନାଗରାରେ ରାଜା ହୋଇ ।
କରିଥିବା ଯଶ                    ଜନରବ ଘୋଷ
ରଚନେ ଶତ୍ରୁ ବଳଇ । ୧୦ ।
ଲାଲ ମହାପାତ୍ର                    ରଘୁ ମହାପାତ୍ର
ମଧ୍ୟରେ କେତେ ପୁରୁଷ ।
ନାଗରା ପାଳିଲେ                    ଶୁଣିନାହିଁ କିଛି
ଏମାନଙ୍କ ଇତିହାସ । ୧୧ ।

Digitized by PPRACHIN, SOA

ଗାଙ୍ଗପୁର ରାଜା ଆଦେଶ ଲଙ୍ଘନ
କରି ରଘୁ ମହାପାତ୍ର ।
ସାମନ୍ତ ପଦବୀ ଅସ୍ୱୀକାର କରି
ଦେଖାଇଲେ କୋପ ନେତ୍ର । ୧୨ ।
ଯୁଦ୍ଧ ଇଚ୍ଛାକରି ଗର୍ଜନ ଗଡ଼ରେ
ମହାରାଜା ବଜେ କଲେ ।
ବ୍ରାହ୍ମଣୀ ଅପର ଛାଣ୍ଟି ନାଗରରେ
ମହାପାତ୍ର ସଜହେଲେ । ୧୩ ।
ବଇରୀ ଗଞ୍ଜର୍ନ ସେନାପତି ଯୁଦ୍ଧେ
ବିଶ୍ୱାସଘାତକ ହେଲେ ।
ରଘୁ ମହାପାତ୍ର କୋଏଲ ବାଲିରେ
ଚିର ନିଦ୍ରାରେ ଶୋଇଲେ । ୧୪ ।

× × ×

କେଶରୀ ଦାୟାଦ ଦ୍ୱିଜ ରଘୁନାଥ
ଶିରେ ଗାଙ୍ଗପୁର ରାଣୀ ।
ଶିରସ୍ତ୍ରାଣ ଦେଇ କରାଇଲେ ରାଜା
ପାଳିବେ ନାଗର ପୁଣି । ୧୫ ।
ପୂର୍ବ କର ସର୍ତ୍ତ ମାନି ରଘୁନାଥ
ନାଗର ପାଳନ କଲେ ।
ସମସର ଗଡ଼ ଅମୂଲ୍ୟ ବିଭବ
ଇଷ୍ଟଦେବୀ ପୂଜାକଲେ । ୧୬ ।
ଏକଟଙ୍କା ଟିକା ସାତଶ ପଚିଶ
ଖଜଣା ଟଙ୍କା ସହିତ ।

Digitized by PPRACHIN, SOA

ଚଉଦ ହଜାର                 କଏଣା ଖରଚ
ପରେ ଦେଇ ମହାପାନ । ୧୭ ।
ଗାଙ୍ଗପୁର ରାଣୀ                 ଅଧୀନରେ ରହି
ନାଗରା ଭୋଗ କରିଲେ ।
ସମସ୍ତ ସ୍ରୋତରେ                 ରଜା ପଦ ଛାଡ଼ି
ଜମିଦାର ବୋଲାଇଲେ । ୧୮ ।
ନାଗରା ପ୍ରାସାଦେ                 ବହୁକାଳ ରହି
କୁଆଁର-ମୁଣ୍ଡା ଚଳଲେ ।
ସ୍ୱାଧୀନ ଭାରତ                 ସର୍ତ୍ତ ମାନନେଇ
ଜମିଦାରୀ ଛାଡ଼ଦେଲେ । ୧୯ ।
କହର ବାଲୁ୍କ                 ହରିହର ଶିବ *
ପୁରୁଷାଦ ଭୋଗକର ।
ନାଗରା ରାଇଜ                 ସ୍ମୃତି ରଖି ଭବେ
ଗଲେ ସ୍ୱର୍ଗପୁରୀ । ୨୦ ।
ଏବେ ରହିଛନ୍ତି                 ଯେଉଁ ବଂଶଧର
ଦେଖନବେ ଧାନ ମିନନ୍ତି ।
ଯମସରା ଗଡ଼                 ରହସ୍ୟ ପ୍ରକାଶି
ଜଗତେ ରଖନ୍ତୁ ଖ୍ୟାତି । ୨୧ ।
ବହୁ ଶ୍ରମ କରି                 ଗାଥାକୁ ଉଦ୍ଧାରି
ଗାଥାକାରଙ୍କ ପ୍ରକାଶ ।
ନ-କଲେ ନଜର                 ମହତ ବଡ଼ମା
ଅଯଥା ହେବ ବିନାଶ । ୨୨ ।
ଏହାପରେ ପୁଣି                 ନଜ ଉକ୍ତି ଭଣି
କେଶରୀ କାବ୍ୟ ସମାପ୍ତ ।

Digitized by PPRACHIN, SOA

କରିବାକୁ ଭଳି ସପ୍ତମ ଅଷ୍ଟମ
ସର୍ଗ ହୋଇଅଛି ବ୍ୟକ୍ତ । ୨୩ ।

●

**ଟୀକା:—**

※ **ଶିବ**—ଏହାଙ୍କର ପୂର୍ଣ୍ଣନାମ ୮ ଶିବ ନାରାୟଣ ସିଂହ ମହାପାତ୍ର । ନାଗର ଇଷ୍ଟେଟ୍‌ର ଶେଷ ଜମିଦାର ଥିଲେ । ଏହାଙ୍କର ସ୍ତ୍ରୀ, ପାଞ୍ଚ ପୁତ୍ର ଏବଂ ତିନ ଝିଅ (ଜୀବିତ) ଅଛନ୍ତି । ବଡ଼ ପୁତ୍ରଙ୍କ ନାମ ଶ୍ରୀ ବିଜୟ ପ୍ରତାପ ସିଂହ (ଟିକାୟତ) । ଟିକାୟତ ବର୍ତ୍ତମାନ ଶ୍ରୀ ବିଜୟ ପ୍ରତାପ ସିଂହଦେଓ ନାମରେ ପରିଚିତ ହୋଇଅଛନ୍ତି ।

Digitized by PPRACHIN, SOA

# ସପ୍ତମ ସର୍ଗ

ଗାଙ୍ଗପୁର ମଧେ          ନାଗରା ରାଇଜ
କେଶରୀ ଶାସନ ନେଇ ।
ନାନା ମତ ଏଠି          ପ୍ରକାଶ ହୋଇଛନ୍ତି
ଶୁଣିବେ ସଦସ୍ୟ ହୋଇ । ୧ ।
ଯଯାତି କେଶରୀ          ପର ବଂଶଜଙ୍କ
ରାଜାର ରାଜତ୍ୱ କାଳେ ।
ଖଣ୍ଡାୟୁତ ଅବା          ପାଇକ ଭୂଇଁୟା
ଗାଙ୍ଗପୁରେ ଦଳେ ଦଳେ । ୨ ।
ପ୍ରବେଶି ଏ ରାଜ୍ୟେ          ସୈନ୍ୟ ସେନାପତି
ହୋଇ ସୁଖରେ ରହିଲେ ।
କେଶରୀ ରାଜାଙ୍କ          ସୁ-ଦୃଷ୍ଟିରେ ପଡ଼ି
ନାଗରାର ସେବାକଲେ । ୩ ।
କଟକ ଝଙ୍କଡ଼          ଯୋଧ ଭୂମିଠାରୁ
ଏଇ ସମ୍ପ୍ରଦାୟ ଆସି ।
ନାଗରା ରାଇଜେ          ବସତି ସ୍ଥାପନ
କରି ଶତ୍ରେ ହେଲେ ଖୁସି । ୪ ।
କ୍ରମେ ଗାଙ୍ଗପୁର          ବାମଣ୍ଡା ବଣାଇ
ଛୋଟ ରାଜ୍ୟମାନଙ୍କରେ ।
ବନ୍ଧୁତ୍ୱ ବିସ୍ତାରି          ନିଜର ସଂସ୍କୃତି
ପ୍ରକାଶିଲେ ଏ ମାଟିରେ । ୫ । ।

Digitized by PPRACHIN, SOA

ଚନ୍ଦନ ସିଂହର    ବନ୍ଧୁ ହରିହର
ଗଜରାଜ ଦନାର୍ଦ୍ଦନ ।
ହିମଗିରି ସହ    ନାଗରୀ ସରଫ—
ଗଡ଼ ସର୍ଗିପାଲି ମାନ । ୬ ।
ଜମିଦାର ହୋଇ    ଲେଖିଛନ୍ତି ଯାହା
କବିତାରେ ପରକାଶ ।
କରି ଏବେ ଦେଖେ    ଭୂଇଁୟା ଜାତିରେ
ପାଇକର ଇତିହାସ । ୭ ।
ଜଳନ୍ଧର ନାତି    ହଠମ୍ବର ଦେଓ
ଗାଙ୍ଗପୁରେ ଥିଲେ ରାଜା ।
ପୁରୀ ଶାରିରାମ—    ପୁରର ବ୍ରାହ୍ମଣ
ସମ୍ଭୁକର କଲେ ପୂଜା । ୮ ।
ଯମସରା ଗଡ଼    ନିକଟରେ ରଉଁ
ଗ୍ରାମରେ ବସତି ଦେଇ ।
ଗୋ-ବ୍ରାହ୍ମଣ ହିତ    ହୃଦୟପୁରେ ଚିନ୍ତି
ସେପୁରକୁ ଗଲେ ସାଇଁ । ୯ ।
ତଲ ରାମଚନ୍ଦ୍ର    ପରେ ସୁଦର୍ଶନ
କରି ରହି ଏହି ଗ୍ରାମେ ।
ପୁନି ନାତି ମେଳେ    ଯମସରା କଥା
ବଖାଣିଲେ ଅତି ପ୍ରେମେ । ୧୦ ।
ହମିର ପୁରର    ବୃନ୍ଦାବନ ସାଧୁ
ବେହେରା ଏ ବେନି ଭାଇ ।
ଝିରପାଣି କୋଳେ    ଜଗନ୍ନାଥ ମାଟି
ସଙ୍କେତ ଦେଲେ ବତାଇ । ୧୧ ।

Digitized by PPRACHIN, SOA

ବଲ୍ଣି ଗ୍ରାମର — ଅରଜ୍ଜୁନ ରାଜ
ବିଶ୍ବନାଥ ଦେବାନନ୍ଦ ।
ସେମେର୍ଣ୍ଣାର କୃଷ୍ଣ — କେଶରୀ ଗାଥାକୁ
ଶୁଣାଇ ଦେଲେ ଆନନ୍ଦ । ୧୨ ।
ଚୈନପୁର ଗଙ୍ଗୁ — ଗଟଣେଶ ରାଉତ
ଓଡ଼ରୁମା ପୁରମଣି ।
ରାପୃବଗା ସତ୍ୟା— — ନନ୍ଦ ସହ୍ବଦେବ
କେଶରୀ ଶେଖର ବାଣୀ । ୧୩ ।
ଶୁଣାଇ ଉତ୍ସାହ — ଦେଇ ଧାନ ମନେ
ଜଗାଇ ଅଜ୍ଞାତ ସ୍ମୃତି ।
ଦୟାର୍ଦ୍ର ଚିତ୍ତରେ — କୃତାର୍ଥ କରାଇ
ପୂରଣ କରିଲେ କୃତି । ୧୪ ।
ଯମସର ଗଡ଼ — କେଶରୀ କୀରତି
ମାଟିରେ ମିଶିଛୁ ସତ ।
ଦେଖି ଶୁଣି ଯାହା — ମନରେ ଚିନ୍ତିଲ
ଫୁଟିଲ୍ ହୋଇ ଉଷତ । ୧୫ ।
ସେ ଫୁଟିଲ୍ ଫୁଲ — କବିତାରେ ଗୁନ୍ଥି
ସ୍ବରଜାଙ୍କ ଚଦ ଧାର୍ଯ୍ୟା ।
ଶ୍ରୀଚରଣେ ଦେଇ — ପ୍ରଣାମ କରଇ
ଦୋଷ ହର ଦୟାମର୍ଯ୍ୟା । ୧୬ ।

# ଅଷ୍ଟମ ସର୍ଗ

ଭୂମିରୁ ଜନମି ଭୂମି ଘର ଦ୍ୱର
ଭୂମି ପଦ ସେବାକର ।
ଭୂମି କରଷଣ ଶସ୍ୟ ଉତପନ
କରିଛ ଭାଇ ମୋହର । ୧ ।
ସେଇ ଶସ୍ୟ ଦେଇ ପ୍ରାଣୀଙ୍କୁ ବଞ୍ଚାଇ
ଧରଣୀରେ ଶ୍ୟାମ ଶୋଭା ।
ଫୁଟାଇ ଜନନୀ କୋଳରେ ଦେଖିଛ
ସବୁଜରେ ଘନ ଆଭା । ୨ ।
ସୋମ ଗଙ୍ଗ ସୂର୍ଯ୍ୟ ବଂଶର ହୃଦୟେ
ଧ୍ୱର ଦ୍ୱର ମିଳକର ।
ଗଙ୍ଗା ଗୋଦାବରୀ ମଧ୍ୟରେ ଉତ୍କଳ
ସାମ୍ରାଜ୍ୟ ବିସ୍ତାର କର । ୩ ।
ସତ୍ୟ ଶାନ୍ତି ମୈତ୍ରୀ ପ୍ରତିଷ୍ଠା କରାଇ
ଜଗନ୍ନାଥ ଦେବ ପୂଜ ।
ମହୀ ମଣ୍ଡଳରେ ରଖିଲେ ଯେ ଯଶ
ସେ ଧ୍ୱଜା ଉଡ଼ଇ ଆଜ । ୪ ।
ସତ୍ୟ ଶାନ୍ତ ପ୍ରିୟ ଅତିଥି ବତ୍ସଳ
ଶୌର୍ଯ୍ୟ ବୀର୍ଯ୍ୟେ ପରିପୂର୍ଣ୍ଣ ।
ହୋଇ ଏଇ ଯାଷା ମାନବ ହୃଦୟେ
ଦେଇ ଜଗତରେ ଧନ୍ୟ । ୫ ।

Digitized by PPRACHIN, SOA

ହୋଇ ହରଷରେ କଉତୁକ ଖେଳି
କରି ଜନମୀର କୋଳେ ।
ଜୀବନର ଶେଷେ ଅନ୍ତିମ ବିଶ୍ରାମ
ନେଇଛ ତା' ପୂତ କୋଳେ । ୬ ।
ମୋ' ପୂର୍ବ ପୁରୁଷ ତୁମ ସହ ମିଳି
ଜନନୀ ଚରଣ ସେବି ।
ସତ୍ୟ ନ୍ୟାୟ ଧର୍ମ ଧାରଣ କରଣ
ମହିମାକୁ ଅନୁଭବି । ୭ ।
ଶ୍ୟାମ ଶୋଭା କୋଳେ ଶ୍ୟାମ ପୂଜା କରି
ଈଶ୍ବରଙ୍କ ଭବ ପାଇ ।
ଅତୀତ ଉତ୍କଳ ଅକ୍ଷୟ ଯଶକୁ
ଭୁବେ ପ୍ରଚାର କରାଇ । ୮ ।
ଅରଜିଲେ ଯଶ ସେ ଯଶ ମଳିନ
ଦେଖୁଛନ୍ତି ଜଗନ୍ନାଥ ।
ସଂସ୍କୃତିକୁ ଭୁଲି ପ୍ରଭୁ ପୂଜା ଛାଡ଼ି
ଆମେ ହୋଇଛୁ ଅନାଥ । ୯ ।
ନାହିଁ ସେ ସାମ୍ରାଜ୍ୟ ଭାତୃତ୍ୱ ବନ୍ଧନ
କଳହରେ ହୋଇ ରତ ।
ଆମ ଦଶା ଦେଖି ଜନନୀ କାନ୍ଦଇ
ଦୁଃଖରେ ହୋଇ ଆରତ । ୧୦ ।
ଆଜର ଅତିଥି ରହି ଆମ ଘରେ
ଆମକୁ ଲାଞ୍ଛିନା ଦିଏ ।
ଘରର ମୁଖିଆ ଆମକୁ ନ ଦେଖି
ତା' ଇଚ୍ଛା ପୂର୍ଣ୍ଣ କରାଏ । ୧୧ ।

Digitized by PPRACHIN, SOA

ଆମ ମାତୃଭାଷା ଆମର ସୀମାରେ
ଆଜ ଦୁର୍ଦ୍ଦଶା ଲଭଇ ।
ସାହିତ୍ୟ ସାଧକ ଏହା ଦେଖିକରି
ପ୍ରତିକାର ନ କରଇ । ୧୨ ।

ବାର ବାର ମାତା ଜନମ ଦିଅଇ
ସନ୍ତାନକୁ କୋଳେ ତା'ର ।
ସତ୍ୟ ଶାନ୍ତ ଦୟା କ୍ଷମା ଧର୍ମ ଚିହ୍ନ
ଦେଖାଇଛନ୍ତି ବହୁବାର । ୧୩ ।

ଧର୍ମକୁ ଉପେକ୍ଷି ଅଧର୍ମକୁ ବରି
ସ୍ୱାର୍ଥ ଚିନ୍ତାକରି ସାର ।
ଗର୍ବ ଅଭିମାନେ ରହିଛେ ଯେ ଧରାରେ
ଧିକ ଜନମ ତାଙ୍କର । ୧୪ ।

ସବୁ ଯୁଗେ ପୁଣି ଏପରି ଜନରି
ବିଲୋପ ସାଧନ ପାଇଁ ।
ପରଂବ୍ରହ୍ମ କଳା ମରତ ଭୂମିକୁ
ଆସନ୍ତି ମାନବ ହୋଇ । ୧୫ ।

କଳିର ପ୍ରଭାବ ବୃଦ୍ଧି ଦଶଦିଗ
ଦେଖାଇ ବିକଟ ହସ ।
ନାନା ବ୍ୟଭିଚାରି ସରଜନା କରି
ଧର୍ମେ ହେଉଅଛି ରୋଷ । ୧୬ ।

ଘରେ ଘରେ ପଶି ବାପ ମାଆ ପୁଅ
ସମ୍ପର୍କକୁ ଛିନ୍ନ କରି ।

Digitized by PPRACHIN, SOA

ସନାତନ ଧର୍ମ ଆଦର୍ଶ ଡୋରକୁ
କାଟୁଛି ପାପ କଟାରୀ । ୧୭ ।

ମାତୃଭାଷା ପ୍ରୀତି ମନରୁ ତୁଟାଇ
ବିଦେଶୀ ଭାବ ବଢାଇ ।
ପାପର କନ୍ଦଳେ ନାଶ କରାଇବ
ମନେ ରଖ ଆହେ ଭାଇ । ୧୮ ।

ଏ ବେଳରେ ଭାଇ ଜଗନ୍ନାଥ ଧ୍ୟାୟୀ
ମନରେ ସାହସ ଧର ।
ଜଗତ ଜନନୀ ବିମଳାର ପଦେ
ଶରଣକୁ ଭିକ୍ଷାକର । ୧୯ ।

ଭେଦ ଭାବ ଛାଡ଼ି ଉଠ ସର୍ବଭାଇ
ଜାତୀୟ ବୀର ସନ୍ତାନ ।
ଜନନୀର ମୁଖ ଦିଶଇ ମଳିନ
ମନୁ ତେଜ ଅଭିମାନ । ୨୦ ।

ମାତୃଭାଷା ପ୍ରୀତି ମନରେ ବଢ଼ାଇ
ଜାତୀୟ ସଂସ୍କୃତି ଶିଖି ।
ଭକ୍ତିରେ ଜନନୀ ଚରଣକୁ ସେବି
କରାଇବା ତାଙ୍କୁ ସୁଖି । ୨୧ ।

ଜନନୀ ଆଶିଷେ ଜୀବନ ସଫଳ
କରାଇ ତାହାର କୋଳେ ।
ଜଗନ୍ନାଥଙ୍କର ଚକା ନୟନକୁ
ଦେଖି ପୂତ ପ୍ରେମ ଭୋଳେ । ୨୨ ।

Digitized by PPRACHIN, SOA

ଅନ୍ତିମ ବିଶ୍ରାମ ଲଭିବା ଦିରକ୍ଷେ
ମାତା କୋଳେ ମୁଣ୍ଡ ରଖି ।
ଆମ ବଂଶଧର ଆଦର୍ଶକୁ ଶିଖି
ଜୀବନେ ହୋଇବେ ସୁଖୀ । ୨୩ ।

●

## ସମାପ୍ତ

## ସ୍ପଷ୍ଟୀକରଣ (ଏକ)

**ମଙ୍ଗଳାଚରଣ** :—ସାମ୍ପ୍ରତିକ ଦେଶର ସାମାଜିକ ବାତାବରଣକୁ ଲକ୍ଷ୍ୟ ରଖି ନିଜ ପରିଚୟ ସହିତ ଉତ୍କଳ ଜନନୀର ପଦସେବା ମଙ୍ଗଳାଚରଣର ଲକ୍ଷ୍ୟ ।

**କେଶରୀ ଗଡ଼** :—(କ) ବର୍ତ୍ତମାନ କେଶରୀ ଗଡ଼ ପୂର୍ବରେ ସମସ୍ତ ଗ୍ରାମ, ପଶ୍ଚିମରେ ନାଳ (ଗଡ଼ଖାଇ), ନାଳର ପଶ୍ଚିମ ତଟରେ ଝିରପାଣି ପୁନର୍ବସତି କଲୋନୀ, ଉତ୍ତରରେ କୋଏଲ ନଦୀ, ଦକ୍ଷିଣରେ ପଦା ଏବଂ ଗୋଚର ଜମି ଗଡ଼କୁ ଘେରି ରହିଅଛି ।

(ଖ) ପୂର୍ବଦଗର ସିଂହଦ୍ୱାରରୁ ଜବାଘାଟ ପର୍ଯ୍ୟନ୍ତ କୋଏଲ ନଦୀକୂଳ ଦେଇ ଗୋଟିଏ ପକ୍କା ସୁଡ଼ଙ୍ଗ କାଳର କରାଳ ଗର୍ଭରେ ନଷ୍ଟହୋଇ ଯାଇଅଛି ବୋଲି ଶୁଣାଯାଏ ।

Digitized by PPRACHIN, SOA

(ଗ) କେଶରୀ ଗଡ଼ର ପୂର୍ବରେ ଯମସରଠାରୁ ଜବାଘାଟ ମଧରେ ଦୁଇଟି ବର୍ଗାକାର ପ୍ରସ୍ତର ପାବଚ୍ଛ ଥିବା ରମ୍ୟ ପୁଷ୍କରିଣୀ ପୋତି ହୋଇ ବିସ୍ମୃତ ହୋଇଛି ।

(ଘ) ଚତୁଃସୀମାର ପ୍ରସ୍ତର ଗୁଡ଼ଣୀ ପ୍ରାଚୀରର ପ୍ରସ୍ତର-ଗୁଡ଼ିକ ସ୍ଥାନାନ୍ତରିତ ହୋଇ ସ୍ମୃତିକୁ ବିଲୀନ କରିଅଛି ।

(ଙ) ଗଡ଼ଖାଇରେ ରାଜାଘାଟ ରାଣୀଘାଟ ପାବଚ୍ଛ ଜନ-ରବରେ ଅଦ୍ୟାବଧି ତିଷ୍ଠି ରହିଛି ।

(ଚ) ପଶ୍ଚିମ ଦିଗର ଗଡ଼ରୁ ଗଡ଼ଖାଇ (ନାଳ)କୁ ଲାଗି ରହିଥିବା ବେଲ ବଣଟି ନିଶ୍ଚିହ୍ନ ହୋଇ ସେଠାରେ ରବି ଫସଲ ଏବଂ ପରିବା ଖେତ ଦୃଷ୍ଟିଗୋଚର ହୋଇଅଛି ।

(ଛ) ଦୁର୍ଗର ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥଳରେ ଭୌତିକ କ୍ରିୟା ସଂଘଟିତ ହୋଇ ଆସୁଥିବା ଘଟଣାକୁ ଲେଖକ ଅସ୍ୱୀକାର କରେନାହିଁ ।

(ଜ) ଦୁର୍ଗରେ ବ୍ୟବହୃତ ହୋଇଥିବା ଇଟାର ଦୁଇ ପ୍ରକାର ନମୁନା ମିଳେ । ଏହି ଇଟାଗୁଡ଼ିକ ଭିତରେ ପୋଡ଼ା-ଧାନ ଦେଖାଯାଏ । କାନ୍ଥ ଏବଂ ଚଟାଣରେ ନାନାରଙ୍ଗର ବାଲିରଗଡ଼ା ପଥର ବ୍ୟବହାର ହୋଇଅଛି । ଉତ୍ତର ଦିଗର ମୂଳଦୁଆ ନଦୀଖଣ୍ଡିରେ ଉଙ୍କି ମାରୁଅଛି ।

ପ୍ରଥମ ଧରଣ ଇଟାର ଲମ୍ବ ୧୧ ଇଞ୍ଚ
ପ୍ରସ୍ଥ ୮୫ ଇଞ୍ଚ
ଉଚ୍ଚତା ୨୫ ଇଞ୍ଚ

Digitized by PPRACHIN, SOA

ଦ୍ୱିତୀୟ ଧରଣ ଇଟାର ଲମ୍ବ ୧୧ ଇଞ୍ଚ
ପ୍ରସ୍ଥ ୩୨ ଇଞ୍ଚ
ଉଚ୍ଚତା ୨୨ ଇଞ୍ଚ

(ଝ) ନାଗର ଗଡ଼, କୁଆଁରମୁଣ୍ଡା, ପଦ୍ମପୁର, ମାଣ୍ଡିଆ-କୁଦର, ଛେଣ୍ଡ଼, ଦେଓଗାଁ ଶିବାଳୟ, ଜବାଘାଟ, ଜବାପାନ-ପୋଷ, ବ୍ରାହ୍ମଣୀ ପାହାଡ଼, ଝରିଆ ପାହାଡ଼ (ମହାବୀର), ବେଦବ୍ୟାସ, କୋଏଲ ନଦୀ କେଶରୀ ସଭ୍ୟତାର ବିଭୂତି ଏବେ ବି ବହନ କରିଥିବା ଗାଥା ଜନଶ୍ରୁତି କହେ ।

(ଞ) କେଶରୀ ଗଡ଼ର ଇତିହାସକୁ ଜୀବନ୍ତ କରାଇବାପାଇଁ ପ୍ରଥମରୁ ସପ୍ତମ ସାତଟି ସର୍ଗର ଅବତାରଣା କରାଯାଇଅଛି । କାଳଚକ୍ରର ଆବର୍ତ୍ତନରୁ ଜନଶ୍ରୁତି ପ୍ରଦାନ କରିଥିବା କେଶରୀ ରାଜବଂଶର ପରିଚୟକୁ ରୂପରେଖ ଦେବାପାଇଁ ଗାଙ୍ଗପୁର ବଙ୍ଗବଂଶ (କେତେକଙ୍କ ମତରେ ଗାର୍ଗବ ବଂଶ) ରାଜାମାନଙ୍କର ଇତିହାସ ଲେଖକକୁ ଗ୍ରହଣ କରିବାକୁ ପଡ଼ିଅଛି ।

(ଟ) ଅଷ୍ଟମ ସର୍ଗରେ ଉଦ୍‌ବୋଧନ ଦେଇ କାବ୍ୟର ଉପସଂହାର କରାଯାଇଅଛି ।

## ସ୍ପଷ୍ଟୀକରଣ (ଦୁଇ)

(କ) ଯମସରା କେଶରୀ ଗଡ଼ର ଇତିହାସ ନାଗରା ଅଞ୍ଚଳର କେତେକ ବିଦ୍ୟାଳୟ ଏବଂ ଗ୍ରାମ ଚଟଶାଳୀରେ ପଢ଼ାଯାଉଥିଲା । ଇତିହାସ ପୋଥିର ସନ୍ଧାନ ନ ପାଇ ଏହାର ସତ୍ୟତା ପ୍ରତି-ପାଦନ କରାଇବା ନିମନ୍ତେ, ଲେଖକ ନିମ୍ନୋକ୍ତ ବ୍ୟକ୍ତିମାନଙ୍କର

Digitized by PPRACHIN, SOA

ସ୍ୱହସ୍ତ ଲିଖିତ ବିବରଣୀଗୁଡ଼ିକ ସେମାନଙ୍କଠାରୁ ସେମାନଙ୍କ ଗ୍ରାମକୁ ଯାଇ ଆଣିଅଛୁ ।

## ପ୍ରଥମ ବିବରଣୀ

ମୁଁ ଶ୍ରୀ ଗୋକୁଳ ନନ୍ଦ, ପିତା ୬ ଗଙ୍ଗାଧର ନନ୍ଦ, ଗ୍ରାମ ଭୁମ୍ବକେଲ୍, ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପିଲାଦିନେ ଯମସର୍ଗ ଗଡ଼ କେଶରୀ ରାଜା ବିଷୟ ସ୍କୁଲରେ ପଢ଼ିଥିଲୁ । ଆମର ଶିକ୍ଷକ ୬ ଭଗବାନ ନନ୍ଦ ଟିପାଖାତାରେ କେଶରୀ ରାଜା ବିଷୟ ପଢ଼ାଇଥିଲେ ।

| | | |
|---|---|---|
| ୧୯୮୨<br>ମସିହା | } | ଶ୍ରୀ ଗୋକୁଳ ଚନ୍ଦ୍ର ନନ୍ଦ<br>ଗ୍ରାମ ଭୁମ୍ବକେଲ୍<br>ବର୍ତ୍ତମାନ ବୟସ ୭୫ ବର୍ଷ |

## ଦ୍ୱିତୀୟ ବିବରଣୀ

ମୁଁ ଶ୍ରୀ ସିତାରାମ ସାହୁ, ପିତା ୬ ରାମ ଖିଲାବନ ସାହୁ, ଗ୍ରାମ-ଭୁମକେଲ୍; ମୋ' ପିଲାଦିନେ ଭୁମକେଲ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ ଭାଷା ପଢ଼ିଛୁ । ଆମର ଶିକ୍ଷକ ୬ଭଗବାନ ନନ୍ଦ ଓ ୬ ଯୋଗେନ୍ଦ୍ର ମିଶ୍ର ଆମକୁ ଟିପା ଖାତାରେ ଯମସର୍ଗ ଗଡ଼ କେଶରୀ ରାଜାଙ୍କ ବିଷୟ ପଢ଼ାଇ ଥିଲେ । ପଢ଼ିଥିବା ବିଷୟ ପୂରା ମନେନାହିଁ । ମୋର ବାପା ଭୁମକେଲ ଗୁଣ୍ଠଶାଳୀ ଏବଂ କାକା ଅହିବରବନ୍ଦ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ଓଡ଼ିଆ

Digitized by PPRACHIN, SOA

ଚଢ଼ିଥିଲେ । ମୋର ବାପା ୧୯୬୭ ମସିହା ବୈଶାଖ ମାସରେ ଏକାଅଶୀ ବର୍ଷ ପ୍ରାରମ୍ଭ ବୟସରେ ପରଲୋକକୁ ଗଲେ ।

| | |
|---|---|
| ୧୯୮୨ | ଶ୍ରୀ ସିତାରାମ ସାହୁ |
| ମସିହା | ବର୍ତ୍ତମାନ ବୟସ ୫୭ ବର୍ଷ |
| | ଝିରପାଣି କଲୋନୀ |

## ତୃତୀୟ ବିବରଣୀ

ମୁଁ ଶ୍ରୀ ଖାରବର ରାଉତ ସେମେର୍ତ୍ତା ଗ୍ରାମରେ ରହେ । ଜବାଘାଟ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିଛି । ଆମର ଶିକ୍ଷକ ୰ ଚରଣ ବେହେରା ଆମକୁ ଜମସରା ଗଡ଼ କେଶରୀ ରାଜାଙ୍କ ବିଷୟ ଓଡ଼ିଆରେ ପଢ଼େଇ ଥିଲେ ।

| | |
|---|---|
| ୧୯୮୨ | ଶ୍ରୀ ଖାରବର ରାଉତ |
| ମସିହା | ବୟସ ୫୦ ବର୍ଷ |

## ଚତୁର୍ଥ ବିବରଣୀ

ମୁଁ ଶ୍ରୀ ସାଧୁ ଚରଣ ବେହେରା, ପିତା ୰ପାଣୁ ବେହେରା, ହମିରପୁର ଗ୍ରାମର ବାସିନ୍ଦା । ଆମ ଗ୍ରାମର ୰ ସୂର୍ଯ୍ୟମନ ନାଏକଣୀ ଯମସରା କେଶରୀ ଗଡ଼ରୁ ପଇଁତିରିଶ ବର୍ଷ ତଳେ ଗୋଟିଏ ସୁନାକାଠି ପାଇଥିଲା । ସୁନାଟି ଆଙ୍ଗୁଠି ମୋଟାର ଛଅ ଆଙ୍ଗୁଳି ଲମ୍ବାଥିଲା । ଏହାକୁ ଗ୍ରାମ ଲୋକଙ୍କୁ ଦେଖାଇ-ଥିଲା । ମୁଁ ସୁନା ଦେଖିଛି । ପାଇବାଦିନ ରାତିରେ ବୁଢ଼ୀ

Digitized by PPRACHIN, SOA

ଗୋଟିଏ ସ୍ୱପ୍ନ ଦେଖିଲି ତହୁଁ ଆବେଦନ ବୁଢ଼ୀର ମୁହଁ ବନ୍ଦ ହୋଇଗଲା । ଏହି ଘଟଣା ସତ୍ୟ ଘଟଣା ଅଟେ ।

ତା ୪-୯-୧୯୮୪

ଶ୍ରୀ ସାଧୁ ଚରଣ ବେହେରା
ଗ୍ରାମ-ହମିରପୁର
ରାଉରକେଲା-୩

(ଖ) ଭୂତପୂର୍ବ ଲୋକସଭାର ସଦସ୍ୟ ଶ୍ରୀଯୁକ୍ତ ଦେବାନନ୍ଦ ଅମାତ, ଗା : ବଲଣୀ, ପୋ. ଅ. ଲଠିକଟାଙ୍କ ସହାୟତାରେ ଲେଖକ ଶରତ ଚନ୍ଦ୍ର ରାୟ ଏମ୍. ଏ.ଙ୍କ ରଚିତ ଦ ହିଲ୍ ଭୂୟାଁଜ ଅଫ୍ ଓଡ଼ିଶା ପୁସ୍ତକରୁ ଗାଙ୍ଗପୁର ରାଜ୍ୟରେ କେଶରୀ ରାଜବଂଶର ପରିଚୟର ଟିପ୍ପଣୀ ନିମ୍ନରେ ଦେଇଅଛୁ ।

## APPENDIX 'B'

Local accounts of the Plains Bhuiyas of the Orissan States of Gangapur.

Reference Accounts No I Page No. 333 2nd Paragraph "The Khandait or Paik Bhuiya gradually migrated in to Gangapur State through Orissa from Central India by groups during the reign of some of the descendants of Yajati Kesari".

Sd/—Chandan Singh Gartia
Zamidar of Himgir Estate

"ଯଯାତି କେଶରୀଙ୍କର ପରବର୍ତ୍ତୀ କେତେକ ବଂଶଜଙ୍କ ରାଜତ୍ୱ କାଳରେ ଖଣ୍ଡାୟତ ଅବା ପାଇକ ଭୂୟାଁମାନେ

Digitized by PPRACHIN, SOA

କେତୋଟି ଦଳରେ ମଧ୍ୟଭାରତରୁ ଓଡ଼ିଶା ମଧ୍ୟଦେଇ ଗାଙ୍ଗପୁର ରାଜ୍ୟରେ କ୍ରମେ କ୍ରମେ ପ୍ରବେଶ କରିଥିଲେ ।"

ଚନ୍ଦନସିଂହ ଗଉଁତିଆ
ଢମଟିର ଜମିଦାର

Reference Accounts No II Page No. 336 Point No. 6 :—"The original home of the Khandait is said to be the Jodh Land near Jhankad in the district of Cuttack and people of our tribe are to be found in the Bamada and Bonai States also.

Sd/—Harihar Singh
Zamidar of the Nagra Estate.

"କଟକ ଜିଲ୍ଲାର ଝଙ୍କଡ଼ ନିକଟରେ ଥିବା ଯୋଧଭୂମିକୁ ଖଣ୍ଡାୟତମାନଙ୍କ ଉତ୍ପତ୍ତି ସ୍ଥାନ ବୋଲି କୁହାଯାଏ ଏବଂ ଆମ ସଂପ୍ରଦାୟର ଲୋକମାନେ ମଧ୍ୟ ବାମଣ୍ଡା ଏବଂ ବଣାଇ ଗଡ଼ଜାତ-ମାନଙ୍କରେ ଦେଖାଯାନ୍ତି ।"

ହରିହର ସିଂହ୍
ନାଗରା ଜମିଦାର

Reference Accounts No III (Page 337)

"The Khandaits poured in to Gangapur first in Batches passing through Orissa proper during the reign of a successor of Yajati Kesari and began to settle down here."

Sd/—Gajaraj Singh
Zamidar of Sargipali

Digitized by PPRACHIN, SOA

"ଖଣ୍ଡାୟତମାନେ ଯଯାତି କେଶରୀଙ୍କ ପରବର୍ତ୍ତୀ ରାଜାଙ୍କ ରାଜତ୍ୱକାଳରେ, ଓଡ଼ିଶା ମଧ୍ଯ ଦେଇ ଦଳବଦ୍ଧ ଭାବରେ ପ୍ରଥମ-ଥର ପାଇଁ ଗାଙ୍ଗପୁର ରାଜ୍ୟରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ଏଠାରେ ବସନ୍ତି ସ୍ଥାପନ କରିବାକୁ ଲାଗିଲେ ।"

ଗଜରାଜ ସିଂ
ସର୍ଗିପାଲି ଜମିଦାର

Reference Accounts No IV (Page 341) Point No I :—' They are descendants of Yajati Kesari, the famous King of Orissa."

Sd/—Danardan Singh
Zamidar of Saraphgarh

"ସେମାନେ ଉତ୍କଳର ପ୍ରସିଦ୍ଧ ରାଜା ଯଯାତି କେଶରୀଙ୍କର ପରବର୍ତ୍ତୀ ବଂଶଜ ଅଟନ୍ତି ।"

ଜନାର୍ଦ୍ଦନ ସିଂ
ସରଫଗଡ଼ ଜମିଦାର

(ଗ) ଗାଙ୍ଗପୁର ନାଗରା ମଧ୍ୟରେ ସମ୍ପର୍କ ଏବଂ ଓଡ଼ିଆ-ଲିପିର ପ୍ରଚଳନ ତଳେ ଉଲ୍ଲେଖ କରାଯାଇଥିବା ପ୍ରମାଣମାନଙ୍କରୁ ଅନୁମାନ କରାଯାଇ ପାରେ—

୧—ଶତାବ୍ଦୀ ଅଧିକ ପୂର୍ବେ ମସିହାରେ ଗାଙ୍ଗପୁରର ନାଗରା ଜମିଦାରଙ୍କ ମୋହରର ନକଲ ସବୁ ଓଡ଼ିଆ ଭାଷାର ଲିପି ଦେଖିବାକୁ ମିଳେ ।

Digitized by PPRACHIN, SOA

୨—ଉଣେଇଶ ଏଗାର ଖ୍ରୀଷ୍ଟାବ୍ଦରେ Gangapur Feudatory State Nagra Zamidariର ଦେଓ୍ୱାନ (Dewan for Zamindari) ଝରାବାହାଲ ନିବାସୀ ଜଗବନ୍ଧୁ ନାଏକଙ୍କୁ ତା ୧୫-୧-୧୯୧୧ ରିଖରେ ଦେଇଥିବା ଚିଠିରେ ନାଗରାର ପୂର୍ବତନ ଦେଓ୍ୱାନ ନର ବେହେରାଙ୍କ ନାମ ଦେଖିବାକୁ ମିଳେ ।

୩—ଗାଙ୍ଗପୁର ରାଜାଙ୍କ ଚିତ୍ରଛବି ସହିତ ଓଡ଼ିଆ ଲିପି 'ଏକ ଅଣା' ରେଭେନିଉ ଷ୍ଟାମ୍ପରେ ଦେଖିବାକୁ ମିଳେ ।

୪—ନାଗ୍ରା ଇଷ୍ଟେଟ ମେନେଜରଙ୍କ ଘୋଷଣା ପତ୍ର ଏବଂ ବିଜ୍ଞାପନ ପତ୍ର ।

୫—ଅଦାଲତ ଶ୍ରୀମାନ୍ ଦେଓ୍ୱାନ ସାହେବ, ଗାଙ୍ଗପୁର ଷ୍ଟେଟ୍ଙ୍କ ନୋଟିସ ।

୬—ଗାଙ୍ଗପୁର ଷ୍ଟେଟ ରିଜେଣ୍ଟ ରାଣୀ ସାହେବାଙ୍କ ଦଶହରା ଅଭିନନ୍ଦନ ବାର୍ତ୍ତା ।

୭—ଡିଷ୍ଟ୍ରିକ୍ ସବ୍-ଡିଭିଜନାଲ ମାଜିଷ୍ଟ୍ରେଟଙ୍କ ଏନ୍ୟୁ-ମରେଟର ଅର୍ଥାତ୍ ସଂଖ୍ୟାକାରୀ ମୁକରରର ପରଓ୍ୱାନ ।

Digitized by PPRACHIN, SOA

Digitized by PPRACHIN, SOA

# GANGPUR FEUDATORY STATE

## NAGRA ZAMINDARI

## PATTA NO. 7

[illegible]

[illegible] ଅନ୍ତର୍ଗତ
[illegible] ଏହି [illegible]
[illegible] ଓ ସର୍ତ୍ତ ଅନୁସାରେ ଦିଆଯାଉଅଛି ।
[illegible]
[illegible] ।

ପ୍ରଥମ [illegible] ମାଲ [illegible] ସେସ [illegible]

ଦ୍ୱିତୀୟ [illegible] ମାଲ [illegible] ସେସ [illegible]

ମୋଟ ମାଲ [illegible] ସେସ [illegible]

DATED SUNDARGARH

The 1st January 1911.

[illegible]

[illegible] Zamindar.

[illegible]

Digitized by PPRACHIN, SOA

# ଘୋଷଣା ପତ୍ର

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ, ନାଗ୍ରା ଇଷ୍ଟେଟର ପରିଚାଳନା ଭାର ଯାହାକି ଗଭର୍ଣ୍ଣମେଣ୍ଟ ଉପରେ ନ୍ୟସ୍ତ ଥିଲା, ତାହା ନାଗ୍ରା ଜମିଦାର ଶ୍ରୀମାନ୍ ଶ୍ରୀ ତ୍ରିଭୁବନାରାୟଣ ସିଂହ ମହାରାଜଙ୍କୁ ଗତ ତା ୨୬।୧୨। ୧୯୪୭ ଇଂ ରୁ ଦିଆଗଲା। ଉକ୍ତ କ୍ଷମତା ନେଇ ସେ ବର୍ତ୍ତମାନ ନିଜ ଜମିଦାରୀ ପରିଚାଳନା କାର୍ଯ୍ୟ ଆରମ୍ଭ କରିଲେଣି। ଜମିଦାରୀ ସମ୍ପର୍କୀୟ ଯାବତୀୟ ବନ୍ଦୋବସ୍ତ କରିବା ବର୍ତ୍ତମାନ ତାଙ୍କର କ୍ଷମତାଧୀନ।

ମେନେଜର ନାଗ୍ରା ଇଷ୍ଟେଟ

## " घोषणा पत्र "

इस घोषणा पत्र द्वारा सर्व साधारण को सूचित किया जाता है कि श्री नागरा स्टेट का संचालन कार्य भार गवर्नमेंट स्टेट के अधिकार में थी वह कार्य भार अब जमींदार तारीख २६-१२-४७ से श्रीमान् त्रिभुवनारायण सिंह महाराज, जमींदार नागरा स्टेट को सुपुर्द किया गया है। अतः उक्त तिथि से श्रीमान् जमींदार साहब स्वयं उक्त स्टेट का कार्य संचालन करेंगे जिसके लिये सर्वसाधारण की सूचना के लिये यह घोषणा पत्र प्रकाशित किया जाता है।

ह० मैनेजर

नागरा स्टेट

[illegible] Press Bisrapur—[illegible]

Digitized by PPRACHIN, SOA



ଅଦାଲତ ଶ୍ରୀମାନ୍ ଦେଓ୍ୟାନ ସାହେବ ଗାଙ୍ଗପୁର ଷ୍ଟେଟ

# ନୋଟିସ

ଏତଦ୍ୱାରା ସର୍ବସାଧାରଣଙ୍କୁ ସାବଧାନ କରାଇ ଦିଆ ଯାଉଅଛି ଯେ ୧୯୩୯ ଇ: ଭାରତ ରକ୍ଷା ଆଇନର ୮୧ ଧାରା ଅନୁଯାଇ ଚାଉଳ ନିମନ୍ତେ ଦିଆ ଯାଇଥିବା ସମସ୍ତ ଏଡ୍‌ଭାନ୍‌ସ (ଅଗ୍ରିମ ଦାଦନ)କୁ ଆଇନ ସିଦ୍ଧ ନୁହେଁ ବୋଲି ପ୍ରଚ୍ଛରିତ କରାଗଲା ଏବଂ ସେହି ପ୍ରକାର ସମସ୍ତ କଣ୍ଟ୍ରାକ୍ଟ (ଚୁକ୍ତି) ଆଇନ ଅଦାଲତରେ ଗ୍ରହଣ କରାଯିବ ନାହିଁ । ଅର୍ଥାତ୍ କୌଣସି ମହାଜନ ବା ଅନ୍ୟ କେହି ବ୍ୟକ୍ତି ଭବିଷ୍ୟତରେ ଚାଉଳ ଯୋଗାଇବା ନିମନ୍ତେ ଅନ୍ୟ କୌଣସି ବ୍ୟକ୍ତିକୁ କଛି ଏଡ୍‌ଭାନ୍‌ସ (ଆଗତୁରା ଦାଦନ) ଟଙ୍କା ଦେଇଅଛି ବା ଦେବାକୁ କଥା କରିଅଛି ତେବେ ସେହି ପ୍ରକାର କଣ୍ଟ୍ରାକ୍ଟ (ଚୁକ୍ତି)ର କୌଣସି ମୂଲ୍ୟ ନାହିଁ ବା ଗ୍ରହଣ ଯୋଗ୍ୟ ନୁହେଁ ।

ଏଣୁ କୃଷୀମାନଙ୍କୁ ଉପଦେଶ ଦିଆ ଯାଉଅଛି ଯେ ସେମାନେ ସେମାନଙ୍କର ଚାଉଳ ସ୍ୱଇଚ୍ଛାରେ ଉକ୍ତ ଗାଙ୍ଗପୁର ଷ୍ଟେଟ ଅନ୍ତର୍ଭୁକ୍ତ ବଜାର ଓ ଦୋକାନମାନଙ୍କୁ ଆଣି ପାରିବେ ଓ ନଗଦ ଟଙ୍କା ନେଇ କାରବାର କରିବେ । ଇତି । ତା ୨୨ । ୪ । ୪୩ ଇ:

ତା ୨୨ । ୪ । ୪୩ଇ: } ଦ: J. W. Woodhouse
ଦେଓ୍ୟାନ
ଗାଙ୍ଗପୁର ଷ୍ଟେଟ ।

Digitized by PPRACHIN, SOA

## ଜମିଦାର, ଖରପୋଷଦାର, ଟେନାଣ୍ଟ୍ସ ଓ ରୟତଗଣ

୧ । ମୁଁ ଏହି ଦରବାରରେ ଆପଣମାନଙ୍କୁ ହୃଦୟର ସହିତ ଅଭିନନ୍ଦିତ କରୁଅଛି । ପୂର୍ବରୁ ଆମ୍ଭମାନଙ୍କ ମଧ୍ୟରେ ଉତ୍ତମ ପରିଚୟ ଥିଲେ ମଧ୍ୟ ଆଜିର ଏହି ଦରବାର ଆମ୍ଭ-ମାନଙ୍କୁ ପୁଣି ନୂତନ ଭାବରେ ପରିଚୟ କରାଇବାକୁ ଗୋଟିଏ ସୁଯୋଗ ହେଉଅଛି । ଆପଣମାନେ ଉତ୍ତମରୂପେ ବୁଝି ପାରୁ-ଥିବେ ମୁଁ ଆପଣମାନଙ୍କ ମଙ୍ଗଳକୁ ମୋର ନିଜର ମଙ୍ଗଳ ସଦୃଶ ଜ୍ଞାନ କରେ କାରଣ ମୁଁ ଭଲରୂପେ ବୁଝି ପାରୁଛି ଯେ ପ୍ରଜାମାନଙ୍କର ସନ୍ତୋଷ ବିଧାନ ମୋର ପ୍ରଧାନ କାର୍ଯ୍ୟ ।

୨ । ଗତବାର ଆପଣମାନଙ୍କର ଶେଷ୍ ବା କର ଭାର କମାଇ ଦେଇ ଟ ୩୨୧୬୪ ଙ୍କା ଗୁଡ଼ି ଘୋଷଣା ଏହି ସ୍ଥାନରୁ କରିଥିଲି । ପୁଣି ଗତ ଝରା ସମୟରେ ନିସ୍ତାର ଓ ଖଲଚଣି ବାବଦରୁ କେତେକ ମାଫ ଦେଇଥିଲି ଯଦ୍ଵାରା କି ଷ୍ଟେଟ୍‌ର ଆୟରୁ ଟ ୧୧୮୦୦ ଙ୍କା କମିଗଲା । ଏହା କହିବା ବାହୁଲ୍ୟ ଯେ ସେ ସବୁ ଗୁଡ଼ି ମଧ୍ୟ ଉତ୍ତରାଧିକାର ସତ୍ତ୍ଵ ପ୍ରାପ୍ତି ଫିସ୍‌କୁ ଉଠାଇ ଦେବା ଦ୍ଵାରା ଏବଂ ଜମି ଦାଖଲ ଖାରଜ ଫିସ୍‌କୁ କମାଇ ଦେବା ଦ୍ଵାରା ଷ୍ଟେଟ୍‌ର କେତେକ ଆୟରେ ଜଳାଞ୍ଜଳି ଦେଇଥିଲି ।

୩ । ମୁଁ ବର୍ତ୍ତମାନ ବନ୍ଦୋବସ୍ତ କରିବାର ଉଦ୍ଦେଶ୍ୟରେ ଷ୍ଟେଟ୍‌ର ସମଗ୍ର ଜମିକୁ ତନ୍ନ ତନ୍ନ ପରୀକ୍ଷା କରି ସାରି ସେଥିରୁ ଏହା ବୁଝିଛି ଯେ ବ୍ୟକ୍ତିଗତ କେତେକ ସ୍ଥଳରେ ପୁନର୍ବିଚାର କରିବା ସାଧାରଣତ ଲୋକପ୍ରିୟ ହେବ ଯଦିଓ ବର୍ତ୍ତମାନ ମାଲ-

Digitized by PPRACHIN, SOA

ଗୁଜାର ସନ୍ନିକଟବର୍ତ୍ତୀ ଅନ୍ୟାନ୍ୟ ଜିଲ୍ଲାମାନଙ୍କର ତୁଲନାରେ ବେଶି ନୁହେଁ । ଯେଉଁ ଯେଉଁ ସ୍ଥଳରେ ନୂତନ କର ଘର ଅତ୍ୟଧିକ ହେବାର ମୁଁ ଦେଖିଛି ସେହିସବୁ ସ୍ଥାନରେ କେତେ-କାଂଶରେ ସେହି ଘର କମାଇ ଦେବା ପାଇଁ ଆଦେଶ ଦେଇଅଛି । ଯେଉଁ ଯେଉଁ ସ୍ଥଳରେ ନୂତନ ବନ୍ଦୋବସ୍ତ କର ଅତ୍ୟଧିକ ହୋଇଅଛି ତାକୁ ପୁଣି ନୂତନ ଗ୍ରୁଣରେ ଆଣିଲେ ଷ୍ଟେଟ୍‌ର ମାଲଗୁଜାରିରୁ ଟ ୧୧୯୦୦ ଙ୍କା କମିଯିବ ଏବଂ ତାହା ସଙ୍ଗେ ସଙ୍ଗେ ଆପଣା ଗ୍ରୁଏଁ ଅନ୍ୟାନ୍ୟ ସେଷ୍ ବା କର ଟ ୨୪୭୯ ଙ୍କା ମଧ୍ୟ କମିଯିବ । ମୋଟରେ ଏହି ବାବଦରୁ ପ୍ରଜାମାନଙ୍କର ଟ ୧୪୩୭୯ ଙ୍କା ଲାଭହେବ । ନୂତନ ମାଲ-ଗୁଜାରି କିସ୍ତି ସମୟ ପୂର୍ବରୁ ମୋର ରେଭିନ୍ୟୁ ଅଫିସରମାନେ ଗ୍ରାମେ ଗ୍ରାମେ ବୁଲି ଏହି କର୍ତ୍ତନ ସମ୍ବନ୍ଧୀୟ ସମସ୍ତ ବିଷୟ ଆପଣମାନଙ୍କୁ ବୁଝାଇ ଦେବେ ଏବଂ ତଦନୁସାରେ ବେଶି କର ହୋଇଥିବା ସ୍ଥଳରେ ଏକପଦିଆ ଓ ପାର୍ଚାକୁ ସଂଶୋଧନ କରି ନିଜ ନିଜର ସ୍ୱାକ୍ଷର ଦେବେ । ମୁଁ ଏଥି ସଙ୍ଗେ ସଙ୍ଗେ ସେମାନଙ୍କୁ ମଧ୍ୟ ଉପଦେଶ ଦେଇଅଛି, ଯେତେବେଳେ ସେମାନେ ନୂତନ କର ସମ୍ବନ୍ଧରେ ପରୀକ୍ଷା କରିବାକୁ ଯିବେ ସେତେବେଳେ ଆଉ ଯେଉଁ ଯେଉଁ ସ୍ଥାନରେ ମାଲଗୁଜାରି ବିଶେଷ କଷ୍ଟଦାୟକ ହୋଇଅଛି ତାହା ସେମାନେ ଦେଖିବେ ଓ ମୋତେ ଜଣାଇବେ । ସେ ସବୁ ମଧ୍ୟ ମୁଁ ଆନନ୍ଦର ସହିତ ନ୍ୟାୟ ବିଚାର କରିବି ।

୪ । ବର୍ତ୍ତମାନ ଆପଣମାନେ ନିଜେ ବିଚାର କରି ଦେଖନ୍ତୁ ଏହି ଦରବାରର କର ସମ୍ବନ୍ଧୀୟ ଗ୍ରୁଡ଼ି କେତେ ଅଧିକ । ଏହି ସବୁ ସୁବିଧା ବା ଗ୍ରୁଡ଼ିକୁ ଏକାଠି କରି ବିଚାର କଲେ ଆପଣ-

Digitized by PPRACHIN, SOA

ମାତେ ଅବଶ୍ୟ ବୁଝିବେ ଦରବାର ଅଳ୍ପ ସମୟ ଭିତରେ ଥର ଥର କରି ଅଧା ଲକ୍ଷରୁ ଉପର ଟଙ୍କା ଷ୍ଟେଟର ସ୍ୱଳ୍ପ ଆୟରୁ ଆପଣମାନଙ୍କ ହାତକୁ ଗୁଞ୍ଜିଦେଲେ । ଏତେ ସବୁ ଗୁଞ୍ଜି ଦେଲା ପରେ ମୁଁ ମନେକରେ ଆପଣମାନଙ୍କଠାରୁ ଅବମିଶ୍ର ରାଜଭକ୍ତି ଏବଂ ବଳବନ୍ତ ଶାସନାନୁରକ୍ତି ଆଶା କରିବା ମୋର ପୂରା ଉଚିତ । ଷ୍ଟେଟର ମର୍ଯ୍ୟାଦା ଆପଣମାନଙ୍କ ହାତରେ । ଯଦି ଆପଣମାନେ ଏବଂ ଷ୍ଟେଟ ପରସ୍ପର ସାହାଯ୍ୟକାରୀ ହୋଇ ଏକ ସଙ୍ଗରେ ଚଳନ୍ତି ତାହାହେଲେ ଆମ୍ଭେମାନେ ଆମ୍ଭମାନଙ୍କର ଶାସନକୁ ଗୋଟିଏ ଆଦର୍ଶ ସ୍ଥାନୀୟ କରିପାରିବା ଏବଂ ଷ୍ଟେଟର ଘରେ ଘରେ ଶାନ୍ତି ଓ ଉନ୍ନତି ଲାଗି ରହିବ । ଆପଣମାନେ ଅନିଷ୍ଟକାରୀ ପ୍ରଭାବରେ ପରିଚାଳିତ ହେବା ଉଚିତ ନୁହେ । କାରଣ ତଦ୍ୱାରା ଆପଣମାନଙ୍କର କୌଣସି ଲାଭ ହୋଇନାହିଁ ଏବଂ ହେବନାହିଁ । ସେ ଆପଣମାନଙ୍କୁ ପଥଭ୍ରଷ୍ଟ କରି ପ୍ରାପ୍ତ ଧନକୁ ଆପଣମାନଙ୍କ ହସ୍ତରୁ ଖସାଇ ନେବ ତାହା ସଙ୍ଗେ ସଙ୍ଗେ ଆପଣମାନଙ୍କର ସୁନାମ ଓ ଚିରନ୍ତନ ରାଜଭକ୍ତିକୁ ନଷ୍ଟ କରିବ । ଆପଣମାନେ ଓ ମୁଁ ଷ୍ଟେଟ ଇତିହାସରେ ଗୋଟିଏ ନୂତନ ଅଧ୍ୟାୟ ଖୋଲିବା ଏବଂ ଭବିଷ୍ୟତ ବଂଶ ପାଇଁ ଗୋଟିଏ ମହତ ଆଦର୍ଶ ରଖିଯିବା ।

୫ । ମୁଁ ଆପଣମାନଙ୍କୁ ଦଶହରା ଅଭିବାଦନ ଜଣାଉ-ଅଛି ଓ ବର୍ଷକ ପାଇଁ ଆପଣମାନଙ୍କର ବିଶେଷ ସୁଖ କାମନା କରୁଅଛି ।

ରଜେଣ୍ଟ ରାଣୀ ସାହେବା
ଗାଙ୍ଗପୁର ଷ୍ଟେଟ

(ମିଶ୍ର ପ୍ରେସ୍, ସମ୍ବଲପୁର)

Digitized by PPRACHIN, SOA



PARWANA OF APPOINTMENT OF ENUMERATORS.

Digitized by PPRACHIN, SOA

# ଘରମାନଙ୍କରେ ନମ୍ବର ଦେବାର ନିୟମ

(କ) ଗୋଟିଏ ପରିବାର ଯେଉଁଠାରେ ରହନ୍ତି ସେ ଗୋଟାଏ ଘର ହେଉ କି ଏକାଧିକ ଘର ହେଉ ତାକୁ ଗୋଟାଏ ଘର ବୋଲି ଗଣନା କରିବ । ମାଆ, ବିଧବା ଭଉଣୀ, ସାନ ଭାଇ ପ୍ରଭୃତି ଆଶ୍ରିତ ଲୋକ ଓ ଚାକରମାନଙ୍କୁ ଘେନି ଯେଉଁମାନେ ଏକ ଅନ୍ନରେ ଓ ଏକ ବାସରେ ଥାଆନ୍ତି ସେମାନେ ଗୋଟିଏ ପରିବାର ବୋଲି ଧରିବ ।

(ଖ) ବାସଗୃହ, ସରାଇ, ଦେବାଳୟ, ମସଜିଦ୍, ଘାଟ, ଗୁଉଣି ସ୍ଥାନ, ସ୍କୁଲ ଘର ଏବଂ ଅନ୍ୟ କୌଣସି ଘର ବା ସ୍ଥାନ ଯେଉଁଠାରେ ଶେଷ ଲୋକ ସଂଖ୍ୟା ଦିନ ରାତିରେ କୌଣସି ଲୋକ ଶୋଇବାକୁ ଆଶ୍ରୟ ନେବାର ସମ୍ଭବ ସେହିସବୁ ସ୍ଥାନରେ ନମ୍ବର ଦେବାକୁ ହେବ ।

(ଗ) ତୁମ୍ଭ ବ୍ଲକର ପ୍ରକୃତ ସୀମାନା ଖୁବ୍ ଯତ୍ନର ସହିତ ନିର୍ଣ୍ଣୟ କରିବ । ଯେଉଁ ଘରମାନଙ୍କର ଗଣତିପାଇଁ ତୁମ୍ଭେ ଦାୟୀ ସେ ଘରସବୁ ମଧ୍ୟ ଠିକ୍ କରି ନିର୍ଣ୍ଣୟ କରିବ ।

(ଘ) ପ୍ରତି ଡାକ୍ତରଖାନା, ସରାଇ, ସ୍କୁଲ୍, ହାସପାତାଳ ଇତ୍ୟାଦିରେ ଗୋଟିଏ ଗୋଟିଏ ନମ୍ବର ଦିଆଯିବ ।

Digitized by PPRACHIN, SOA

(ଘ) ଉତ୍‌ଥାନ ପତନ ପରିବର୍ତ୍ତନ ଖାତକୁ ଅନୁସରଣ କରି ଅଷ୍ଟାଦଶ ନାଗରା ରାଜ୍ୟ ଗାଙ୍ଗପୁର ରାଜ୍ୟରେ ମିଶି ସ୍ୱାତନ୍ତ୍ର୍ୟତା ହରାଇଲା । ପରେ ଗାଙ୍ଗପୁର ସୁନ୍ଦରଗଡ଼ ଜିଲ୍ଲାରେ ପରିଣତ ହୋଇ ଅଧୁନା ଉତ୍କଳରେ ନିଜକୁ ପ୍ରତିଷ୍ଠା କରିଛି । ଏହାର (ନାଗରା) ବରପୁତ୍ର ଗଣ ଇତିହାସର ଅନ୍ତରାଳରେ ଆଜିର ବଂଶଧରଙ୍କୁ ସନ୍ତୃଷ୍ଟ ନୟନରେ ଗୁହିଁ ଅଛନ୍ତି ।

ଲଠିକଟା ନିକଟସ୍ଥ ବଲାଣି ଗ୍ରାମରେ କବି ଶ୍ରୀ ଅର୍ଜ୍ଜୁନ ରାଜ (ଭୂୟାଁ) ବାସ କରନ୍ତି । ସେ ତାଙ୍କର ପୂର୍ବପୁରୁଷଙ୍କ ସ୍ମୃତିକୁ ମନେ ପକାଇ ନାଗରାର ହୃତ ଗୌରବକୁ ସମ୍ମାନ ଦେବାକୁ ଯାଇ 'ନାଗରା ବର୍ଣ୍ଣନା' ଏବଂ 'ପାଞ୍ଚ ପାଇକା' କବିତା ଦ୍ୱୟ ରଚନା କରିଅଛନ୍ତି । ଉକ୍ତ କବିତା ଦ୍ୱୟର କେତେକ ପଙ୍‌କ୍ତି ନିମ୍ନରେ ଉଲ୍ଲେଖ କରାଯାଇଛି । ଏଥିରୁ ନାଗରାର ଭୌଗୋଳିକ ସୀମାରେଖା, ରାଜତନ୍ତ୍ରରେ କେଉଁ ବଂଶର ଶାସନ ଏବଂ ସମାଜର ସାଂସ୍କୃତିକ ଚେତନାର ଆଭାସ ମିଳେ ।

## ନାଗରା ବର୍ଣ୍ଣନା

ଘେନିବେ କୋବିଦେ ଜନେ ସ୍ଥିର କରି ଚିତ୍ତ
କହୁଛି ନାଗରାର ପୂର୍ବର ବୃତ୍ତାନ୍ତ । ୧ ।
ଶାହାସ୍ତ୍ର ପୁରାଣେ କିବା କବିଙ୍କର କାବ୍ୟେ
ଯାହା ନାହିଁ ତାହା କହୁଁ ଲଜ୍ଜିତ ଭାବେ । ୨ ।
ନିରେଖିଲେ ଅବସ୍ଥିତି ପରିସ୍ଥିତି ଚୟ
ଅଖିଳ ସ୍ମୃତି ଚିହ୍ନ ଯା ହୁଏ ଅନୁମେୟ । ୩ ।

Digitized by PPRACHIN, SOA

ଦେବଣ ଭବେ ରହିଛି ତା'ର ତତ୍ତ୍ୱଃସୀମା
ଗୀତ ବନ୍ଧ କରଇ ମୁଁ ତାହାର ବର୍ଣ୍ଣନା ୪ ।

ପୂର୍ବେ ବୋଲାଇ ପଶ୍ଚିମେ ଗାଙ୍ଗପୁର ରାଜେ
ଉତ୍ତରେ ରାଞ୍ଚି ଦକ୍ଷିଣେ ବାମଣ୍ଡା ବିରାଜେ । ୫ ।

ତହିଁ ମଧ୍ୟଭାଗେ ରାଜେ ଏ ନାଗର ଧରା
ନଦୀ ଗିରି ବନମାଳେ ଦିଶେ କେଡ଼େ ଶୋଭା । ୬ ।

ବନ ଶିଖରେ ଶୋଭିତ ପାଦପେ ପନ୍ତ
ଆବର ଫଳ ପୁଷ୍ପରେ ଶୋଭା ପାଉଛନ୍ତ । ୭ ।

ସଦା ବେଷ୍ଟିତ ଥିବାରୁ ନାନା ଲତା ଦ୍ରୁମ
ଏ ଧରା ହୋଇଛି ରହି ନିଘଞ୍ଚ ବପୁଣ୍ୟ । ୮ ।

ନାନା ଫଳ ପୁଷ୍ପେ ବନ ସଦା ଆମୋଦିତ
ମଧୁପ ଗୁଞ୍ଜନ ତହିଁ ଶୁଭେ ଅବିରତ । ୯ ।

ଶୁକ ଶାରୀ କେକା କେକୀ ପିକ ଯେ ଡାହୁକ
ନୀଳକଣ୍ଠ କୁମ୍ଭାଟୁଆ ଆବର କୁକ୍‌କୁଠ । ୧୦ ।

କପୋତ କପୋତି ଆଦି ଖଗ ମୃଗ ଯେତେ
ଏ ଧରା ପୃଷ୍ଠରେ ରହି ବିହରନ୍ତି ସୁଖେ । ୧୧ ।

ନାନା ପକ୍ଷୀ ସ୍ୱନେ ସଦା ଚହଲେ ଅଟବୀ
ବନ ଶୋଭା ଦେଖି ଜନ ମନ ଯାଏ ଦ୍ରବି । ୧୨ ।

ହିଂସ୍ର ଜନ୍ତୁ ଯେନି ଧରା ବିପଦ ସଙ୍କୁଳ
ସର୍ବଦା ବନସ୍ତେ ଯେଣୁ ହସ୍ତୀ ଦଳ ଦଳ । ୧୩ ।

ଗୟଳ ବଣ ମହିଷୀ ସର୍ବଦା ବୁଲନ୍ତି
ଧୂମ୍ରା ସମ୍ବର ବରାହ କେ କରୁ ଗଣତି । ୧୪ ।

Digitized by PPRACHIN, SOA

ନାନା ବଣ୍ୟ ଜନ୍ତୁ ପୂର୍ଣ୍ଣ ସର୍ବଦା ବନସ୍ତ
ବନ ଭେଦିବାକୁ ଲୋକେ ସଦା ଭୀତଗ୍ରସ୍ତ । ୧୫ ।

ବନ ଗିରି ନଦୀ ନାଳା କିବା ଜନପଦ
ସବୁଠାରେ ପଡୁଥାଏ ଲୋକଙ୍କୁ ଆପଦ । ୧୬ ।

ଦୂରେ ଦୂରେ ଗ୍ରାମମାନ ଥାଏ ସ୍ଥାନେ ସ୍ଥାନେ
ସଶସ୍ତ୍ରେ କରନ୍ତି ଗତି ଲୋକେ ସାବଧାନେ । ୧୭ ।

ଭୁବକ ବରଛା ତରବାରି ଧନୁଶର
ବାଟୁଳି ବଲ୍ଲୁଆ ଆଦି ନାନା ହତିଆର । ୧୮ ।

ଶକ୍ତି ବଳ ଘେନି ସର୍ବେ କରୁଥାନ୍ତି ଗତି
ରାଜା ପ୍ରଜାଠାରେ ସଦା ରଖି ଭାବଭକ୍ତି । ୧୯ ।

ଗୁରୁ ଗଉରବ ଭାବ ସଦା ହୃଦେ ଥାଏ
ଅବାଧ ପ୍ରବେଶ ମାତ୍ର ଧରାକୁ ନ ଶୋହେ । ୨୦ ।

ନବଶତ ଗ୍ରାମ ଥିଲା ଏ ଧରା ମଣ୍ଡଳେ
ଚାରି ବର୍ଣ୍ଣ ଛତିଶ ପାଟକ ଜାତି ଭୁଲେ । ୨୧ ।

ନିଜ ନିଜ ବୃତ୍ତି ଘେନି ବଞ୍ଚୁଥିଲେ ଜନ
ସଦା ପୂର୍ଣ୍ଣ ଥିଲା ତାଙ୍କ ବହୁ ଧନଧାନ୍ୟ । ୨୨ ।

ସଦା ବହୁଥାଏ ଧରା ସତ୍ୟ ଶାନ୍ତି ଗୁଣ
ରାଜା ଅନୁଟତେ ଧରି ଭିନ୍ନ ଭିନ୍ନ ନାମ । ୨୩ ।

ଦାସ ବଂଶ ରାଜୁତିରେ ଏ ନାଗରା କ୍ଷିତି
ଚେଦି ରାଜ୍ୟ ବୋଲାଇ ଯେ ଲଭିଥିଲା ଖ୍ୟାତି । ୨୪ ।

ରହିଥିଲେ ଗଡ଼ ରାଜା କୋଇଲି କୂଳରେ
ସ୍ମୃତି ଚିହ୍ନ ରାଜେ ଯା ଚେଛଣ୍ଡି ବସ୍ତି ଉତ୍ତରେ । ୨୫ ।

Digitized by PPRACHIN, SOA

ବହୁ ଦୀର୍ଘକାଳ ବ୍ୟାପି ରହିଲେ ରାଜୁତି
ରାଜ୍ୟେ ପୂରି ରହୁଥାଏ ସଦା ସତ୍ୟ ଶାନ୍ତି । ୨୬ ।

ବ୍ୟୋମଯାନ ସ୍ୱରୂପ ଯାନରେ ଏ ନୃପତି
ଗଗନ ମାର୍ଗରେ ସେହୁ କରୁଥିଲେ ଗତି । ୨୭ ।

ତେଣୁ ସେ ନୃପତି ଜାଣ ଏ ଧରା ମଣ୍ଡଳେ
ଉପରିଚର ବୋଲିଣ ଆଖ୍ୟା ପାଇଥିଲେ । ୨୮ ।

ଦାସ ବଂଶ ଅନ୍ତେ ନାଗ ବଂଶ ଆସି ହେଲେ
ଏହି ଧରା ଧାମେ ସେ ନୃପତି ବୋଲାଇଲେ । ୨୯ ।

ନାଗ ବଂଶ ନାମ ଅନୁସାରେ ନୃପରାଣ
ନାଗରା ବୋଲିଣ ଦେଲେ ଏ ଧରାର ନାମ । ୩୦ ।

ସେହିଦିନୁ ଚେଦୀ ରାଜ୍ୟ ନାମ ଗଲା ଉଠି
ନାଗରା ରାଜ୍ୟ ବୋଲିଣ ପଡ଼ିଲା ରହିଛି । ୩୧ ।

ରାଜଧାନୀ ରଚିଥିଲେ କୋଇଲି କୂଳରେ
ନାଗରା ଗଡ଼ ବୋଲିଣ ତା'ର ନାମ ଦେଲେ । ୩୨ ।

ସେ ସ୍ଥାନେ ରଚିଲେ ଝଗଡ଼ାଇଙ୍କ ଆସ୍ଥାନ
ବିଧି ପୂଜା ପାନ୍ତି ସେହୁ ରହି ବିଦ୍ୟମାନ । ୨୩ ।

ଶକ୍ତି ପରାୟଣ ରାଜା ବହୁ ଶକ୍ତିବାନ
ଶକ୍ତି ବଳ ଯେବେ ରାଜା ଥିଲେ ବଳୀୟାନ । ୩୪ ।

ବଂଶ ପରମ୍ପରା କ୍ରମେ କରନ୍ତେ ରାଜୁତି
ରାଜ୍ୟରେ ସର୍ବଦା ପୂରିଥାଏ ସତ୍ୟ ଶାନ୍ତି । ୩୫ ।

ନାଗବଂଶ ରାଜାଙ୍କର ରାଜୁତିର କାଳେ
କେଶରୀ ବଂଶ ଏଠାକୁ ଆସି ପହୁଞ୍ଚିଲେ । ୩୬ ।

Digitized by PPRACHIN, SOA

ନାଗ ବଂଶ ରାଜା କୁଲେ ରଚିଲେ ସମର
ପରାସ୍ତ କରିଣ ତାଙ୍କୁ କଲେ ସାତ ଘର । ୩୭ ।

ସମରରେ ନାଗରାଜା ରଣ ଜାଗ କଲେ
କାଖେ ପୁତ୍ର ଘେନ ରାଣୀ ରାଜ୍ୟାନ୍ତରେ ଗଲେ । ୩୮ ।

ନାଗ ବଂଶ ଅନ୍ତେ କେଶରୀ ବଂଶୀୟ ରାଜା
ଏ ରାଜ୍ୟରେ ରାଜା ହୋଇ ପାଳିଲେ ପରଜା । ୩୯ ।

ନବଖଣ୍ଡ ଘନ ବପୂର୍ଣ୍ଣ ଗୁରୁ ଗିରିମାଳ
ନାନା ଦ୍ରୁମ ଗୁଳ୍ମେ ଭରି ଥିଲା ଭୂମଣ୍ଡଳ । ୪୦ ।

ଗଡ଼ ରଚିଥିଲେ ରାଜା ବହୁ-ସ୍ଥାନ ଘେନ
ପମସରା ଗଡ଼କୁ ସେ କରି ରାଜଧାନୀ । ୪୧ ।

ଗଡ଼ ଦକ୍ଷିଣ ପଶ୍ଚିମେ ରାଜେ ଗଡ଼ଖାଇ
ଉତ୍ତର ପାର୍ଶ୍ୱରେ ବହୁଛି କୋଇଲି ନଈ । ୪୨ ।

ପୂର୍ବଦ୍ୱାରେ ସିଂହଦ୍ୱାର ଚିହ୍ନ ମନୋରମ
ଅଗ୍ନି କୋଣେ ରାଜୁଅଛି ସୈନ୍ୟ ଦୁର୍ଗ ଚିହ୍ନ । ୪୩ ।

ପ୍ରାସାଦ ସାନ୍ନିଧ୍ୟେ ରାଜେ ମହାମାଇ ମୂର୍ତ୍ତି
ତା' ଦକ୍ଷିଣେ ହସ୍ତୀଶାଳା ଚିହ୍ନ ବିରାଜୁଛି । ୪୪ ।

ଗଡ଼ ପୂର୍ବେ ରାଜେ ଚିହ୍ନ ଶିବଙ୍କ ଆଳୟ
ପର ଲକ୍ଷନ୍ତେ ହୃଦୟେ ହୁଏ ଅନୁମେୟ । ୪୫ ।

ଏମନ୍ତ ସୁରମ୍ୟ ସ୍ଥଳେ ରହି ନୃପରାଣ
ପାଳୁଥିଲେ ପ୍ରଜାକୁଳ କରିଣ ଯତନ । ୪୬ ।

ଧର୍ମ ପରାୟଣ ରାଜା ବହୁ ପୁଣ୍ୟବାନ
ରଚିଛନ୍ତି ବହୁ ଦେବା ଦେବୀ ଅନୁଷ୍ଠାନ । ୪୭ ।

Digitized by PPRACHIN, SOA

ଗ୍ରାମ ଝାଡ଼େ ରାଜେ ଯେଉଁ ଜଳାଶୟ ଶକ୍ତ
ସେ ସବୁ ହିଁ ଅଟେ ଏହି ରାଜାଙ୍କ ଭିଆଣ । ୪୮ ।

ଦେଓଗାଁ ବ୍ରାହ୍ମଣୀ ତଟେ ଯେ ଶିବ ମନ୍ଦିର
ନିର୍ମାଣୀ ଅଛନ୍ତି ଏହି ବଂଶ ନୃପବର । ୪୯ ।

ଧବଳେଶ୍ୱର ନାମରେ ପୂଜା ପାନ୍ତି ଯେହୁ
ଭକ୍ତିମାର୍ଗ ଲେଉଁ ବୈଦ୍ୟନାଥ ବୋଲେ କେହୁ । ୫୦ ।

କେଶରୀ ବଂଶର କୀର୍ତ୍ତି ଏ ଅଟେ ପ୍ରମାଣ
ଯାହାଙ୍କ ଯଶ କେତନ ଉଡ଼େ ବିଦ୍ୟମାନ । ୫୧ ।

ଧର୍ମବଳ ଯେଣୁ ରାଜା ପାଳୁଥିଲେ କ୍ଷିତି
ସଦାକାଳେ ରାଜ୍ୟ ପୂରିଥିଲା ସତ୍ୟ ଶାନ୍ତି । ୫୨ ।

ବଂଶ ପରମ୍ପରା କ୍ରମେ ପାଳି ରାଜନୀତି
ନିର୍ବିଘ୍ନରେ ରହି ରାଜା ପାଳୁଥାନ୍ତି କ୍ଷିତି । ୫୩ ।

× × ×

ଏମନ୍ତ ଏ ରାଜ୍ୟେ ତିନି ନୃପତି ନିଦାନ
ରହିଅଛି ଗୀତ ବନ୍ଧେ ଭଣେ ଧୀନାର୍ଜ୍ଜୁନ । ୧୪୭ ।

ଲେଖକ ଶ୍ରୀ ଅର୍ଜ୍ଜୁନ ରାଜ
ସା : ବଲଣି, ପୋ. ଅ. ଲଠିକଟା
ଜିଲ୍ଲା---ସୁନ୍ଦରଗଡ଼

Digitized by PPRACHIN, SOA

# ପାଞ୍ଚ ପାଇକା

ଦୈବୀ ଦୁର୍ବିପାକେ ଲୁପ୍ତ ଯାନ୍ତେ ରାଜବଂଶ
ପାଇକେ ସମର୍ପି ରାଜ୍ୟ ରାଣୀ ଦେଲେ ଝାସ । ୧ ।

ରାଜା ରାଜୁତିରେ ପାଶଷଦେ ରାଜାଙ୍କର
ସ୍ୱତନ୍ତ୍ର ମର୍ଯ୍ୟାଦା ଦାବୀ ରଖି ନରନ୍ତର । ୨ ।

ରାଜନୀତି ବିଧାନରେ ରହି ଅଂଶୀଦାର
ସଦା ସୁଖେ ଦୁଃଖେ ରହିଥାନ୍ତି ରାଜାଙ୍କର । ୩ ।

ଆବହମାନ କାଳରୁ ଏହାଙ୍କ ସ୍ୱୀକୃତ
ସାମନ୍ତରାଜ ଭାବରେ ଆସେ କରି ଗତି । ୪ ।

ଦୃଷ୍ଟିକୋଣେ ରଖିଥାଏ ସ୍ୱତନ୍ତ୍ର ମର୍ଯ୍ୟାଦା
ଦାବୀକୁ ଥୋଇ କରଇ ଚଳାଚଳ ସଦା । ୫ ।

ରାଜ୍ୟ ସୀମା ସୀମା ଘେନି ରଚିଥାନ୍ତି ଗ୍ରାମ
ସଜାଗରେ ଥାନ୍ତି ରହି ସଦା ସେନା ସୈନ୍ୟ । ୬ ।

ପଦାତିକ ସୈନ୍ୟ ଭାବେ ରାଜ୍ୟେ ରହିଥାନ୍ତି
ଏବାର ଯୋଗେ ରାଜ୍ୟେ ନ ପଡ଼େ ଭୟ ଭ୍ରାନ୍ତି । ୭ ।

ଶିକାର ସମର ଦୁଇ ଏ ଜାତି ବ୍ୟସନ
ତେଣୁ ଝାଡ଼ବନେ ରଚିଥାନ୍ତି ବାସସ୍ଥାନ । ୮ ।

ବାଳିକାଙ୍କୁ ଅସ୍ତ୍ର ଶସ୍ତ୍ର ବିଦ୍ୟାମାନ ସାଧି
ଉପଲବ୍ଧି କରୁଥାନ୍ତି ରଚଣ ପାରିଧି । ୯ ।

ସମର ଚେତନା ଘେନି କରନ୍ତି ପାରିଧି
ଆନନ୍ଦ ଲଭନ୍ତି ହୃଦେ ବଣ ଜନ୍ତୁ ବଧି । ୧୦ ।

Digitized by PPRACHIN, SOA

ବ୍ୟାଘ୍ର ଭଲ୍ଲୁକ ଶୂକର ବଣ ଜନ୍ତୁ ଯେତେ
ହାବୁଡ଼େ ପଡ଼ି ବର୍ତ୍ତି ନ ଯାନ୍ତି କଦାଚତେ । ୧୧ ।

ପାରିଧି ରଚି ଲଭନ୍ତି ସମର କୌଶଳ
ନାନା ଜନ୍ତୁ ବଧି ହୃଦେ ପୋଷିଥାନ୍ତି ବଳ । ୧୨ ।

ଆଶ୍ୱିନରେ ଦୁର୍ଗାଷ୍ଟମୀ ବିଧିରେ ପାଳନ୍ତି
ଆଦ୍ୟାଶକ୍ତି ଆରାଧିଣ ହର୍ଷେ ବିନ ନ୍ୟନ୍ତି । ୧୩ ।

ମୃଗୟା ବ୍ୟସନ ତାଙ୍କ ପରମ୍ପରା ରୀତି
ଶତ୍ରୁ ଲେଉଡ଼ି ବିନାଶନେ ଆଣେ ଅନୁଭୂତି । ୧୪ ।

ବିଜୟା ତିଥିରେ ଲକ୍ଷ ଭେଦ ଗ୍ରାମାନ୍ତରେ
ସଶସ୍ତ୍ରେ ବାହୁଡ଼ା ବିଜେ ବଢ଼ାନ୍ତି ହର୍ଷରେ । ୧୫ ।

ଲକ୍ଷ୍ୟଭେଦେ ରାଜ୍ୟରେ ନ ପଡ଼ଇ ଆପଦ
ଅଭେଦରେ ରାଜ୍ୟରେ ନ ଥାଏ ଶୁଭାଶୁଭ । ୧୬ ।

ଏମନ୍ତ ଭାବ ପୋଷଣ କରିଥାନ୍ତି ରୀତି
ତେଣୁ କରି ରାଜ୍ୟେ ପଡ଼ି ନ ପାରେ ବିପତ୍ତି । ୧୭ ।

ସମରେ ସୁମରି ଯାନ୍ତି ଗ୍ରାମେ ଆଦ୍ୟାଶକ୍ତି
ମୃଗୟାରେ ବନେ ବନ ଦୁର୍ଗାଙ୍କୁ ପୂଜନ୍ତି । ୧୮ ।

ଥିଲେ ଜମିଦାର ଗଡ଼ତିଆ ବାର୍ଦ୍ଧଦାର ।
ଗଞ୍ଜୁ ଗଞ୍ଜୁ ଆନା ତୁଲେ ପୋଷଣ ଗଡ଼ର । ୧୯ ।

ଏହାଙ୍କୁ ପୋଷଣ ରାଜା ରାଜ୍ୟେ ରାଜନୀତି
ଚଳାଇଣ ପାଳୁଥିଲେ ଏ ନାଗରା କ୍ଷିତି । ୨୦ ।

ସଦା ସତ୍ୟ ଶାନ୍ତି ପୋଷ କ୍ଷିତିଥାଏ ପୂରି
ଶାନ୍ତି ଭଙ୍ଗେ ଏ ସମସ୍ତେ ବସନ୍ତି ଆବୋରି । ୨୧ ।

Digitized by PPRACHIN, SOA

ସମସ୍ତଙ୍କଠାରେ ତେଣୁ ସ୍ୱତନ୍ତ୍ରତା ଦାବୀ
ରହୁଥାଏ ତେଣୁ ଶତ୍ରୁ ନ ପାରନ୍ତି ଭେଦ । ୨୨ ।

ପାଞ୍ଚ ପାଇକା ନାମରେ ଏମାନେ ନାମିତ
ହୋଇ ରହୁଥିଲେ ଏ ନାଗରା ଧାମେ ଖ୍ୟାତ । ୨୩ ।

ସମସ୍ତଙ୍କଠାରେ ଥିଲା ଯଥା ଅଧିକାର
ରଖିଥାନ୍ତି ସର୍ବେ ସାନ ବଡ଼ ବ୍ୟବହାର । ୨୪ ।

ସାନ ବଡ଼ ଉଚ ନୀଚ ଭେଦାଭେଦ ମାନ
ରଖି ନ କରନ୍ତି କେହୁ କର୍ତ୍ତବ୍ୟ ଲଙ୍ଘନ । ୨୫ ।

ଜାଣ୍ଡ ଘେନ ବୃତ୍ତିମାନ ଥାଏ ଭିନ୍ନ ଭିନ୍ନ
ତେଣୁ ସମସ୍ତଙ୍କଠାରେ ସମସ୍ତେ ଅଧୀନ । ୨୬ ।

ବହୁ ବହୁ ଜମି ଭୂମି ଅଧିକାରେ ଥାନ୍ତି
ତେଣୁ ଲୋକେ ଭୂୟାଁ ବୋଲି ଯାଙ୍କୁ ସମ୍ବୋଧନ୍ତି । ୨୭ ।

ସୀମାପରି ବନ୍ଧେ ଭୂମି ଥାଏ ଅଧିକାରେ
ବନ ଭୂମି ଗୁଳ୍ମ ଗିରିମାଳ ସହିତରେ । ୨୮ ।

ବହୁ ଧନ ରତନେ ସମୃଦ୍ଧିବନ୍ତ ହୋଇ
ଥିଲେ ଗଜ ବାଜି ଭୃତ୍ୟେ ଚତୁର୍ବର୍ଗ ନେଇ । ୨୯ ।

ଖାଣ୍ଡି ଭୂମି ଘେନ ରଚି ନିଜ ନିଜ ସୀମା
ଲକ୍ଷ୍ୟକଲେ ଜଣାପଡ଼େ ପୂର୍ବର ଗରିମା । ୩୦ ।

ଅଭ୍ୟନ୍ତରେ ରାଜେ ଯାଙ୍କ ଯେ ଯାହା ପଦବୀ
ଜାଣ୍ଡଆନା ବନ୍ଧୁ ଯାହା ଆନେ ନୁହେଁ ଭେଦ । ୩୧ ।

ରାଜନୀତ ଦୃଷ୍ଟିକୋଣେ ରଖି କଲେ ଲକ୍ଷ୍ୟ
ଜଣାପଡ଼େ ପରିସ୍ଥିତି ଯା' ଥିଲା ତାହାଙ୍କ । ୩୨ ।

Digitized by PPRACHIN, SOA

କୁଳାଗ୍ରର ମାନ ଗୃଲେ ବେଦର ବିଧାନେ
ଯଥା ସଂସ୍କାର ଲଭନ୍ତ ରାଇଣ ବ୍ରାହ୍ମଣେ । ୩୩ ।
ରଜକ ବାରିକ ବେନ ତହିଁ ସେବାକାରୀ
ବିଧାନ ମତେ ପାଳନ୍ତ ସ୍ୱ-କର୍ମ ଆଚରି । ୩୪ ।
ଗ୍ରାମେ ଗ୍ରାମେ ରଚ ଦେବା ଦେବୀ ଅନୁଷ୍ଠାନ
ବେଦ ବିଧାନେ ପାଳନ୍ତ ବାର ବ୍ରତ ମାନ । ୩୫ ।
ଗୀତା ଭାଗବତ ତୁଲେ ଶାହାସ୍ତ ପୁରାଣ
ବିଧି ପ୍ରତି ପାଳ କରୁଥାନ୍ତି ଅଧ୍ୟୟନ । ୩୬ ।
ଯାଗ ଯଜ୍ଞ ତୀର୍ଥ ବ୍ରତ କରନ୍ତି ପାଳନ
ଗ୍ରାମେ ଗ୍ରାମେ କରୁଥାନ୍ତି ନାମ ସଂକୀର୍ତ୍ତନ । ୩୭ ।
ଜାତ କର୍ମ କର୍ଣ୍ଣବେଧ ବିବାହାଦ୍ଧ ଯେତେ
ମୃତାଦ୍ଧ କ୍ରିୟାକୁ ଘେନ ପାତକ ସହିତେ । ୩୮ ।
ସଂହିତା ବିଧାନ ଘେନ ଚଳ ଆସୁଛନ୍ତି
ଗୃଲେ ତାଙ୍କ ଜାତିଆନା ଏପରି ସଂସ୍କୃତି । ୩୯ ।
ବେଦ ଘେନ ଦୃଷ୍ଟି କୋଣେ ରଖି କଲେ ଗତି
ବୁଝାପଡ଼େ ଏହାଙ୍କର ଜାତିର ସଂସ୍କୃତି । ୪୦ ।
କେଶରୀ ବଂଶର ଅନ୍ତେ ପାରିଷଦଗଣ
ଚଳାଇଲେ ରାଜ୍ୟେ ପାଞ୍ଚ ପାଇକା ଶାସନ । ୪୧ ।
ଏମନ୍ତ ଶାସନ କେତେକାଳ ଗଲା ବହି
ନାଗରା ଚଳଲ ଗୀତେ ଧନାର୍ଜ୍ଜୁନ କହି । ୪୨ ।

●

ଲେଖକ—ଶ୍ରୀ ଅର୍ଜ୍ଜୁନ ରାଜ
ସା: ବଲିଣି, ପୋ. ଅ. ଲଠିକଟା, ଜିଲ୍ଲା—ସୁନ୍ଦରଗଡ଼

Digitized by PPRACHIN, SOA

# ସିଂହାବଲୋକନ

## ରାଉରକେଲା

### ପ୍ରଥମ ଭାଗ

### ଏକ

ରାଉରକେଲା
ମହିମମୟୀ ଜନନୀ !
ତୋର ଇତିହାସ
ବିସ୍ମୟକର !

ପଶ୍ଚିମରେ......
ବେଦବ୍ୟାସ
ବ୍ରାହ୍ମଣୀର ଉତ୍ପତ୍ତି ସ୍ଥଳ
କଳିର କରାଳ ପ୍ରଭାବରୁ
ଜୀବ ଜଗତକୁ
ମୁକ୍ତିର ସନ୍ଧାନ ଦେବାପାଇଁ
ଭାଗବତ ରଚି

Digitized by PPRACHIN, SOA

ଭଗବତ ପ୍ରୀତି ସୁଧା
ଦେଇଛନ୍ତି
ବିଷ୍ଣୁ ଅଂଶୀ ବ୍ୟାସଦେବ
ଜନ୍ମି ଏଇ କୋଳେ ।

ଦକ୍ଷିଣରେ……
ଦେଓଗାଁ ଶିବାଳୟ
ପଶ୍ଚିମକୁ ମୁଖକରି ଠିଆ ହୋଇଛି ।
ପାଷାଣ ଖୋଦିତ ଶିଳ୍ପକଳା
ଚୂନ-ବାଲିର ଆବରଣରେ ଉର୍କି ମାରି
ଅତୀତର ଯଶ ଗାନ କରୁଛି ।
ବେଦବ୍ୟାସରୁ ବ୍ରାହ୍ମଣୀ
ଦେଓଗାଁ ଧବଳେଶ୍ୱରଙ୍କୁ ଦର୍ଶନ କରି
ଦକ୍ଷିଣ ପୂର୍ବକୁ ବହିଯାଇଛି ।
ସୁନା ପାହାଡ଼
ପୂର୍ବ ଦକ୍ଷିଣ କୋଣରେ ରହି
ସଖାମାନଙ୍କ ସହିତ
ପୂର୍ବରେ ଥିବା……
ବନ୍ଧମୁଣ୍ଡାକୁ
ସ୍ପର୍ଶ କରୁଛି ।

ପୂର୍ବ ଉତ୍ତର କୋଣରେ
ଯମସରା କେଶରୀ ଗଡ଼ର ଭଗ୍ନାବଶେଷ
କୋଏଲ ନଈ ଆଉ ଯମସରା ନାଳର
ତରଙ୍ଗାୟିତ କଲ୍‌ଧ୍ୱନିକୁ
କଙ୍କରିତ ମୁଖରେ

Digitized by PPRACHIN, SOA

ହନୁହାଡ଼ ଦେଖାଇ
ଉପହାସ କରି
ତେନ୍ତୁଳୀ କୁସୁମ
ବର ତାଳ
ବେଲ ମହୁଲ ସହିତ
ଗମ୍ଭୀର ଚିନ୍ତାରେ ବୁଡ଼ି ରହିଛନ୍ତି
ନିର୍ବାସିତ ହୋଇ ।

ଉତ୍ତରରେ
କୋଏଲ ନଦୀ
ଜନ୍ମସ୍ଥଳୀ ନଗଡ଼ିରୁ ଆସି
ବାଉଡ଼ି ବ୍ରାହ୍ମଣୀ
ସଂଯୋଜକ
ମୁଦ୍ରା ପାହାଡ଼
ବ୍ରାହ୍ମୀ (ବ୍ରାହ୍ମଣୀ) ଦେବୀ
ସଭିଙ୍କ ପାଦ ଧୋଇ
ଅନନ୍ତ-ଦୂରରେ
ଭଉଣୀ ଶଙ୍ଖ
ସଖି ସରସ୍ୱତୀ
ସଙ୍ଗମରେ ଝାସ ଦେଇଛନ୍ତି ।
ସିଦ୍ଧି ପ୍ରାପ୍ତି ଆଶାରେ ।

ବୁନ୍ଦେଲ ଗଡ଼ (ଦାସରାଜା ଗଡ଼)
ଗୌତମ ପାହାଡ଼ର ଢୋଷ୍ଟକୁଟ ଆଶ୍ରମ
ସଙ୍ଗମର ଜଳ-ମୁକୁରରେ
ସତ୍ୟବତୀ ଅହଲ୍ୟା

Digitized by PPRACHIN, SOA

ଉଦୟପୁର ସ୍ମୃତି
ପ୍ରତିବିମ୍ବିତ କରୁଛି ।

ଉତ୍ତର ପଶ୍ଚିମ କୋଣରେ
ନାଗରା ଗଡ଼ର ଧ୍ୱଂସସ୍ତୂପ
ମାଟିରେ ମିଶି
କାନନ-ସବୁଜ-ଶ୍ରୀର
ଓଢ଼ଣୀରେ ଉଙ୍କି ମାରୁଛି ।

ସୁଦୂର ପ୍ରସାର......
ମହାବୀର ପାର୍ବତ୍ୟ ମାଳାର
ଏକ ଅଂଶ
ଝରିଆ ପାହାଡ଼
ପରାଶରଙ୍କ ପଦ ସ୍ପର୍ଶରେ
ଉନ୍ନତ ଶିର
ଅବନତ ନ କରି
ଠିଆ ହୋଇଛି;
ଏଇ ବିସ୍ତୃତ ଅଞ୍ଚଳର
ମଧ୍ୟଭାଗରେ
ଇତିହାସର ମୂକସାକ୍ଷୀ ହୋଇ ।

## ଦୁଇ

ହେ ମୌନ ସଖା !
ସ୍ୱାଧୀନ ସୈନିକ
କୁଶ ପ୍ରଧାନ ବିପ୍ର ଅମାତ୍ୟ

Digitized by PPRACHIN, SOA

ମାଦ୍ରି କାଳେ ଶୂନ୍ୟ ଗଉଡ଼
ମେଣ୍ଡ୍ରାଫଙ୍କାର
ଇତିହାସର ଅଦୃଶ୍ୟ ପରଦାରେ
ଇଂରାଜୀ ଶାସନ ରାଜତନ୍ତ୍ର ବିରୁଦ୍ଧରେ
ସାମ୍ୟବାଦ-ଅସ୍ତ୍ର ଉଠାଇ
ମୁକ୍ତି ମନ୍ତ୍ର ଦେଇଯାଏ
ଭୂମିର କାନନେ
ବହ୍ନରନ ବେହେର ନର ବେହେର
ନାଗର ଦର୍ଖ୍ୱାନ
କଲେଇ ଘୋଷ ଲଚଡ଼ା ସାମନ୍ତ,
ବିରସା ମୁଣ୍ଡା ସ୍ମୃତି ଗାନ,
ରହିଅଛି ଇତିହାସ ଗାନେ ।

## ତିନି

ଶାଳ ପିଆଶାଳ
ବର ଅଶ୍ୱତ୍ଥ
ମହୁଲ ପଳାଶ
କୁସୁମ ଅର୍ଜ୍ଜୁନ
ହରଡ଼ା ବାହାଡ଼ା ଅଁଳା
କେନ୍ଦୁ ଜାମୁ
ଆମ୍ବ ପଣସ
ଖଜୁରୀ ତାଳ
ଡ଼ିମିରି ତେନ୍ତୁଳି
ଗୁଳୁଚ ଭୃଣାଦ

ଶ୍ୟାମଳ ଉପତ୍ୟକାର
ମୁଖଶ୍ରୀ ବର୍ଦ୍ଧନ କରେ ।

ତୁମ ପ୍ରକୃତି କୋଳରେ
ଭୁମ୍ବିକେଲ୍ ଯମସଙ୍ଗ
ନାଳ ଦ୍ୱୟ
ନୃତ୍ୟରତା ଲାସ୍ୟମୟୀ
ପାହାଡ଼ କନ୍ୟା ପରି
ରମଣୀୟ ଶୋଭା ବିସ୍ତାର କରି
ଚପଳା ଠାଣିରେ
କୋଏଲ ସହ ମିଶିଯାଏ ।

ଗ୍ରୀଷ୍ମର ଶୀତଳ ସ୍ପର୍ଶ
ଊଷାର ପ୍ରବାଳ ସ୍ଫଟିକ
ବାଳାର୍କର କିରଣ
ଏଇ ନୀଳ ଅଙ୍ଗରେ
କମ୍ପନ ଜଗାଏ ।

କୋରୁଆଁ ବଣମଲ୍ଲୀର ସୌରଭ
ମଳୟରେ ମହକି ଉଠେ ।

ମୟୂର କୋକିଳ
କୁମ୍ଭାଟୁଆ କଜଳପାତି
ଚକୋର ଚକୋରୀ
ଝିଙ୍କାରି ମଧୁପ
ବିବିଧ ବିହଙ୍ଗର

Digitized by PPRACHIN, SOA

କାକଳୀରେ
ତୁମେ
ତନ୍ମୟ ହୁଅ ।

ହାତୀ ମହାବଳ ବାଘ
ଗଧୂଳ ସମ୍ବର
ଭାଲୁ ବାନର
ହରିଣ ଶଶା
ଶୃଗାଳ ମେଳରେ
ଶୁକ୍ଳବସ୍ତ୍ର ପରିହିତା
ଅନନ୍ୟ ସୁନ୍ଦରୀ ଯକ୍ଷିଣୀ
ପଥିକକୁ ଦେଖାହୁଏ ।

ଶଙ୍ଖଚୂଡ଼ ଅବା ଅହିରାଜର
ଅତ୍ୟାଚାର
ଗୋଚାରଣରେ
ଗୋପାଳର
ସର୍ପ ଉଦରେ ଅନ୍ତର୍ଦ୍ଧାନ
ଗୋପାଳୁଣୀ
ଗରମ ଚୁଲିରେ
ଦୁଧ ହାଣ୍ଡି ଭେଟି ଦେଇ
ଅତ୍ୟାଚାରୀକୁ ନିଧନ କରେ
ତୁମ ଝରିଆ ଘାଟିର
ପ୍ରସ୍ତର ଶଯ୍ୟାରେ ।

Digitized by PPRACHIN, SOA

# ଘର

ଉତ୍ତର ବନାଞ୍ଚଳର ଉପବନରେ
ଖରିଆ ବାହାଲ କଣ୍ଟାଝର
ବାର୍‌ଗୁଡ଼ ଲଞ୍ଜି ବେରେଣୀ
ଝିରପାଣି ହମିରପୁର
ମଝିରେ ତୁଲସୀ ଟୋଲା
ପୁ ଟୁଣା ପାଣି ଅହ୍ଵରବନ୍ଧ
ଭଣ୍ଡ୍ରୁଟୋଲା ତୁମ୍ବକେଲା
ଚକଟ ମାଟି ଲୁହାକେରା
ପ୍ରଧାନପାଲି ଟେଣ୍ଡ୍ର୍
ଏହାର ତିନ ସୀମାକୁ
ଏବେ ମଧ ଘେରି ରହିଛି
ଯମସରା ନାଳ ଆଉ କୋଏଲ୍ ନଦୀ ।

ଦକ୍ଷିଣ ଉପତ୍ୟକାରେ
ବନ୍ଧମୁଣ୍ଡା କୁଲମୁଣ୍ଡା
ଉର୍ତ୍ତିନୁମ ବଉରକେଲା
ଟିଲମିଲି ଝରବାହାଲ ଗୁରୁଆଡ଼ହି
ଦୁର୍ଗାପୁର ଝରିଆବାହାଲ
ମହୁଲପାଲି ପାନପୋଷ
ରଘୁନାଥ ପାଲି
ଜଙ୍ଗଲ୍ ପାହାଡ଼ ଘେରା
ପାର୍ବତ୍ୟ କୋଳରେ

Digitized by PPRACHIN, SOA

ହସିଉଠେ
ଅନନ୍ତ ନୀଳିମାକୁ ଚୁହିଁ ।

ଉଭୟ ପ୍ରକୃତି ତଟରେ
ଛୋଟ ବଡ଼ ପାହାଡ଼ ଉପତ୍ୟକାରେ
ଜାମୁ କେନ୍ଦୁ ମହୁଲ
ବର କଣ୍ଟେଇ ଭଇଁଅ (ଚୃର)
କୁସୁମ ତିଫଳା
କୋଳି ପେଣ୍ଡା
ମୁଣ୍ଡ ନୁଆଇଁ
ବନବାସୀର ଭକ୍ତି ଗ୍ରହଣ କରେ ।

ଛୋଟ ବଡ଼ ସରସୀରେ
ନାଲି କଇଁ ଧଳା କଇଁ
ନାଲି ପଦ୍ମ ଧଳା ପଦ୍ମ
ନୀଳ କଇଁ
ନୀଳ ଜଳରେ
ହସର ଲହରି ଖେଳାଏ ।

ଗୋଚର-ଧାନ କ୍ଷେତରେ
ବଂଶୀ ମାଦଳ ଧୁମ୍‌ସାର
ସାନ୍ଦ୍ର ମଧୁର ଧ୍ୱନିରେ
ଆଦିବାସୀ
ହାଣ୍ଡିଆ ମହୁଲ ରସ ପିଇ
ପରମ ତୃପ୍ତି ପାଏ ।

Digitized by PPRACHIN, SOA

ବ୍ରାହ୍ମଣ·ଭୂୟାଁ ଖଣ୍ଡାୟତ
ବାରିକ ଗଉଡ଼ କୁମ୍ଭାର
ତନ୍ତି, କଂସାରି (ଖଡ଼ରା), କମାର(ଲୋହରା),
ମୁଣ୍ଡାରି ଭୂମିଜ ତାମ୍ବିଡ଼ିଆ
ଓରାମ କିସାନ ଖଡ଼ିଆ
ଗଣ୍ଡ ମୁଣ୍ଡା;
ହିନ୍ଦୁ ଖ୍ରୀଷ୍ଟିୟାନର ମିଳନରେ
ବନଭୂମି ମୁଖରିତ ହୁଏ ।

ଅହର ବନ୍ଧ
୬ ମୁଣ୍ଡା ମାଝି ୬ ଖଗେଶ୍ୱର ମାଝି
୬ ବୃନ୍ଦାବନ ମାଝି ଜଗନ୍ନାଥ ମାଝି
ପୁରୁଣାପାଣି
୬ ମିଭୁରୁ ନାଏକ ୬ ଚନ୍ଦ୍ର ନାଏକ
ହମିରପୁର
୬ ମଦନ ବେହେରା ୬ ପାଣ୍ଡୁ ବେହେରା
ଭୁମ୍ବକେଲ
୬ ଜଗବନ୍ଧୁ ନନ୍ଦ ୬ ଗଙ୍ଗାଧର ନନ୍ଦ
ଲୁହାକେରା
୬ ଶ୍ରୀରାମ ନାଏକ
ଛେଣ୍ଡ୍ ନକଟବର୍ତ୍ତୀ ଅଞ୍ଚଳ
(କୁଆଁର ସାଇଡ଼ଙ୍ଗ୍)
୬ ହାଡ଼ପା କାଲୋ ୬ ପରଶୁ କାଲୋ
ରାଉରକେଲା

Digitized by PPRACHIN, SOA

୬ ଗୋବିନ୍ଦ-ନାଏକ
ଝିଗ୍‌ବାହାଲ
୬ ନର ବେହେରା ୬ ଜଗବନ୍ଧୁ ନାଏକ
ମହୁଲ ପାଲି······ମାଗୁଣି ଗଞ୍ଜୁ
ସମୃଦ୍ଧ ପିତୃପୁରୁଷ ଅମଲରୁ
ଗୌନ୍ତିଆ ଗଞ୍ଜୁ ପଦବୀ ପାଇ
ସମାଜରେ ସଦ୍‌ଭାବ ରଖନ୍ତି ।

ଧୂଳି ଧୂସର ଲାଲ ଗୋଡ଼ିପଥ
ଝିରଆ ଘାଟି ଦେଇ
ଉତ୍ତର ଦକ୍ଷିଣର
ମିଳନ କରାଏ
ବ୍ରିଟିଶ ଅମଲରୁ ।

ପୁରୁଣାପାଣି ଅଳ୍ପାବନ୍ଧ ଭୁମ୍ବକେଲର
ଆମ୍ବ କଦଳୀ କମଳା
ଠାଏ ଠାଏ ଉର୍ବର ମୃତ୍ତିକାର
ଧାନ ଫସଲ
ସବୁରିଙ୍କୁ
ସୁଖି କରିମସ୍ତୁ କରେ ।

ଅଳ୍ପାବନ୍ଧ ଭୁମ୍ବକେଲା
ଖଉରକେଲା ରଘୁନାଥ ପାଲି
ଝିଂଟଶାଳୀ ନିମ୍ନ ପ୍ରାଥମିକ
ବିଦ୍ୟାଳୟଗୁଡ଼ିକ

Digitized by PPRACHIN, SOA

ଏ ଅଞ୍ଚଳରେ
ଶିକ୍ଷାର ଆଲୋକ ବିସ୍ତାର କରେ ।

ସୁଖ୍ୟାତ ଛାନ୍ଦ ଗାୟକ
୰ ଫକୀର ମିଶ୍ର ୰ ରତ୍ନାକର ମିଶ୍ର
ଜଗନ୍ନାଥ ସଂସ୍କୃତି ପ୍ରଚାର କରି
ନାରାୟଣ ଚିନ୍ତାରେ
ପରଲୋକକୁ ଗମନ କରନ୍ତି ।

ପାଇକ ଆଖଡ଼ାର
ଅସ୍ତ୍ରବିଦ୍ୟା ଗୁରୁ
ଗ୍ରାମ ପ୍ରଧାନ (ଭୂୟାଁ) ପ୍ରଶସ୍ତି
ଭୂୟାଁ ପାଇକ ମେଳରେ
ବ୍ୟାପ୍ତ ହୁଏ ।

**ପାଞ୍ଚ**

ଅନ୍ତର୍ଗବନ୍ଧ ମୁଣ୍ଡା ମାଝି କପିଳ ପଣ୍ଡା
ମିଳିତ ଉଦ୍ୟମରେ
ତ୍ରିମୂର୍ତ୍ତି ଦାରୁ ବିଗ୍ରହର
(ବଳଭଦ୍ର ସୁଭଦ୍ରା ଜଗନ୍ନାଥ)
ଖପର ଘରେ ପ୍ରତିଷ୍ଠା ହୋଇ
ପୂଜା ଚାଲେ ।

ଚନ୍ଦନ ଟୋଲ୍ ପଞ୍ଚ କୁଟୀରରେ
ପ୍ରତିବର୍ଷ ଗୁଣ୍ଡିଚା ପୀଠ ହୁଏ ।

Digitized by PPRACHIN, SOA

୮ ବୃନ୍ଦାବନ ମାଝି ହେଉ୍‌ଗଞ୍ଜ
ପୂଜ
ଶ୍ରୀ ଜଗନ୍ନାଥ ମାଝି ହେଉ୍‌ଗଞ୍ଜ
କ୍ରମିକ ପରଗ୍ଣନାରେ
କପିଳ ଫକ୍କୀର
ରତ୍ନାକର ଗୌତମ
ଠାକୁରଙ୍କ ସେବା କରନ୍ତି ।
ସବୁଜ ବନାନିର ରଥଯାତ୍ରା
ଜଗନ୍ନାଥଙ୍କ ସ୍ମୃତିକୁ ଜୀବନ୍ତ କରାଏ ।
ଦେଓଗାଁ ବୈଦ୍ୟନାଥ (ଶମ୍ଭୁ) କୃପାରୁ
ସୁବର୍ଣ୍ଣ ଦେଈ
ବୈଦ୍ୟନାଥ ଶମ୍ଭୁ ସ୍ଥାପନା କରେ
ପୂଜ
ଗୋବର୍ଦ୍ଧନ ପଣ୍ଡା ଅମ୍ବରବନ୍ଧ
ଦେବାଳୟ ପ୍ରତିଷ୍ଠା କରି
ସେବାକରେ ।
ଆଷାଢ଼ ଶୁକ୍ଳ ଦ୍ୱିତୀୟାର ରଥଯାତ୍ରା
ଦଶହରାରେ
ଭୂୟାଁ ପାଇକର ଦୁର୍ଗାପୂଜା ଓ ଖଣ୍ଡାପୂଜା
ଓରମର ଇନ୍ଦ ପର୍ବ
କାର୍ତ୍ତିକ ପୂର୍ଣ୍ଣିମାର ରାସଯାତ୍ରା
ମାର୍ଗଶୀରର ଗୁରୁବାର
ମାଣବସା ଆଉ ଲକ୍ଷ୍ମୀପୂଜା

Digitized by PPRACHIN, SOA

ବେଦବ୍ୟାସର ଶିବରାତ୍ରି
ବନବାସୀ ପ୍ରାଣରେ
ବନ୍ଧୁ ପ୍ରୀତିର ମନ୍ଦାକିନୀ
ସୃଷ୍ଟି କରାଇ
ତାକୁ ଭସାଇ ନେଇ
ନିଜ ଗ୍ରାମରେ
ମୁଗ୍ଧ କରାଏ ।
କାଳର ଅଟ୍ଟହାସରେ
ସୁଖ ସ୍ୱପ୍ନ ଭାଙ୍ଗିଯାଏ
ବିଂଶ ଶତାବ୍ଦୀର
ଯାନ୍ତ୍ରିକ ସଭ୍ୟତା ବିକାଶରେ ।
ପ୍ରିୟତମ ମାଟି ଗୁଡ଼
ଏ ସଭ୍ୟତା
ଗୃଳିଯାଏ······
ଦୂର ବନସ୍ତକୁ
କେହି ତା'ର ରଖେନି ହିସାବ ।

●

## ସ୍ପଷ୍ଟୀକରଣ :---

(କ) ବ୍ରାହ୍ମୀ (ବ୍ରାହ୍ମଣୀ) ଦେବୀ—ଭାରତବର୍ଷ ଦେବୀଙ୍କର ଆଷାଢ଼ ମାସରେ ଆଷାଢ଼ ପୂଜା ହୁଏ । ଏହି ପର୍ବରେ ନଡ଼ିଆ, କଦଳୀ, ଆମ୍ବ ଇତ୍ୟାଦି ଫଳ ପୂଜା କରାଯାଏ । ଭିନ୍ନ

Digitized by PPRACHIN, SOA

ବର୍ଷରେ ଥରେ ଲେଖାଁଏ ଗୋଟିଏ କଳା ଛୁଗ ବଳୀ ଦିଆଯାଏ । ଏହି ଦେବୀଙ୍କର ଆସ୍ଥାନ କୋଏଲ ନଦୀର ଉତ୍ତର ଦିଗରେ ଥିବା ରୈନପୁର ନିକଟସ୍ଥ ବ୍ରାହ୍ମଣୀ ପାହାଡ଼ ପାଦଦେଶରେ ଅବସ୍ଥିତ । ଅନାବୃଷ୍ଟିରୁ ରକ୍ଷା ପାଇବା ପାଇଁ ଉପରୋକ୍ତ ପୂଜାର ପ୍ରଚଳନ ହୋଇ ଆସୁଅଛି ।

(ଖ) ଅଗ୍ନିସ୍ୱବନ୍ଧ ଜଗନ୍ନାଥ—ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରତିଷ୍ଠାତା ଅଗ୍ନିସ୍ୱବନ୍ଧର ଗଉନ୍ତିଆ (ହେଡ଼୍‌ଗଞ୍ଜୁ) ସ୍ୱର୍ଗତ ମୁଣ୍ଡା ମାଝି ଅଟନ୍ତି । ମୁଣ୍ଡା ମାଝିଙ୍କ ପରେ ଏହାଙ୍କ ପୁତ୍ର ନାତି ୰ ଖଗେଶ୍ୱର ମାଝି ୰ ବୃନ୍ଦାବନ ମାଝି ଠାକୁରଙ୍କର ସେବାକରି ଇହଧାମ ତ୍ୟାଗକଲେ । ଅଣନାତି ଶ୍ରୀ ଜଗନ୍ନାଥ ମାଝି ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ସେବାକରି ଆସୁ-ଥିଲେ । ସ୍ୱର୍ଗତ ବୃନ୍ଦାବନ ମାଝି ଗାଙ୍ଗପୁର (ସୁନ୍ଦରଗଡ଼) ରାଜ୍ୟର ବାଇବାଇ ଗଡ଼୍‌ଗଡ଼ ବାହାଲରୁ ଫକୀର ମିଶ୍ର କୃତ୍ତିବାସ ମିଶ୍ର ଦୁଇ ଭାଇଙ୍କୁ ଆଣାଇ ଠାକୁରଙ୍କ ସେବା କାର୍ଯ୍ୟରେ ନିଯୁକ୍ତ ଦେଲେ । ୰ ଫକୀର ମିଶ୍ର ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ସେବାକରି ସ୍ୱର୍ଗବାସ କଲେ । ଏହାଙ୍କ ପରେ ପୁତ୍ର ସ୍ୱର୍ଗତ ରତ୍ନାକର ମିଶ୍ର କିଛିକାଳ ମହାପ୍ରଭୁଙ୍କ ସେବା-କରି ତାଙ୍କର କାକା (କକେଇ) ପୁଅ ଭାଇ ଶ୍ରୀ ଗୌତମ ମିଶ୍ରଙ୍କୁ ସେବା ଦାୟିତ୍ୱ ଅର୍ପଣ କରି ଅବସର ନେଲେ । ଆଧୁନିକ ଇସ୍ପାତ ନଗରର ତିନି ନମ୍ବର ସେକ୍ଟରର ଅଗ୍ନିସ୍ୱବନ୍ଧ ହରିହର ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପରେ ମନ୍ଦିରର ପରିଚାଳକ ସଂଘ ଶ୍ରୀ ଗୌତମ ମିଶ୍ରଙ୍କୁ ସେବା-

Digitized by PPRACHIN, SOA

କର୍ମରୁ ଅନ୍ତର କରାଇଲେ । ବର୍ତ୍ତମାନ ଶ୍ରୀ ଜଗନ୍ନାଥ ମାଝି ଏବଂ ଶ୍ରୀ ଗୌତମ ମିଶ୍ର ଝିରପାଣି ରି-ସେଟେଲମେଣ୍ଟ କଲୋନୀରେ ବାସ କରୁଅଛନ୍ତି । ଅଶୀତର ଜଗନ୍ନାଥ ସଂସ୍କୃତିର ପରମ୍ପରାକୁ ବଜାୟ ରଖି କଲୋନୀ ବାସିନ୍ଦାଙ୍କ ସାହାଯ୍ୟରେ ପ୍ରତିବର୍ଷ ରଥଯାତ୍ରା କରାଉ ଅଛନ୍ତି ।

(ଗ) ରତ୍ନାକର ମିଶ୍ର—ସ୍ୱର୍ଗତ ରତ୍ନାକର ମିଶ୍ର ପିତାଙ୍କ ନାମ ଫକୀର ମିଶ୍ର ମାତାଙ୍କ ନାମ ପାର୍ବତୀ । ଫକୀର ମିଶ୍ର ନାଗରାରେ ପାଲା ଗାୟକ ରୂପେ ଖ୍ୟାତି ଅର୍ଜନ କରିଥିଲେ । ପିତାଙ୍କର ପଦାଙ୍କ ଅନୁସରଣ କରି ରତ୍ନାକର ମିଶ୍ର ନାଗରାରେ ନିଜକୁ ଜଣେ ପ୍ରଖ୍ୟାତ ପାଲା ଗାୟକ ରୂପେ ପ୍ରତିଷ୍ଠା କରି ପାରିଥିଲେ । ରାଉରକେଲାର ଆଧୁନିକ ଇସ୍ପାତ ନଗର ପରିକଳ୍ପନା ପରେ ଅହିରାବନ୍ଧରୁ ଝିରପାଣିକୁ ନିଜର ବାସଗୃହ ସ୍ଥାନାନ୍ତରିତ କରି ସେଠାରେ ବାସକଲେ । ଲେଖକ ୧୯୬୫ ମସିହାରୁ ୧୯୭୧ ମସିହା ପର୍ଯ୍ୟନ୍ତ ରତ୍ନାକର ମିଶ୍ରଙ୍କ ଘରେ ରହି ତାଙ୍କର ଘନ-ସମ୍ପର୍କରେ ଆସିଥିଲି । ମିଶ୍ର ମହାଶୟ ଜଣେ ଶାନ୍ତ ସରଳ ଉଦାର ପ୍ରକୃତିର ବ୍ୟକ୍ତି ଥିଲେ । ଈଶ୍ୱର ଦତ୍ତ ସଦାନନ୍ଦ ଭାବରେ ମଜ୍ଜି ରହି ଦୁଃଖର ଚରମ କଷାଘାତକୁ ଭୃକ୍ଷେପ କରୁ ନ ଥିଲେ । ତାଙ୍କର ଜୀବଦ୍ଦଶାରେ ତାଙ୍କୁ ମିଳିଥିବା ପାଲା ପ୍ରଶଂସାପତ୍ର ଲେଖକ ଦେଖିଅଛି । ଦେହାନ୍ତ ପରେ ଉପରୋକ୍ତ ପତ୍ର ଉଦ୍ଧାର କରି ନ ପାରି ଝିରପାଣି ନିବାସୀ ଶ୍ରୀ ପରିକ୍ଷୀତ ପଣ୍ଡାଙ୍କଠାରୁ ସଂଗ୍ରହ କରିଥିବା ବିବରଣୀର ନକଲ ନିମ୍ନରେ ଦେଇଅଛି—

Digitized by PPRACHIN, SOA

"ମୁଁ ଶ୍ରୀ ପରୀକ୍ଷୀତ ପଣ୍ଡା ପିତା ୰ ଗୌରି ପଣ୍ଡା ଗ୍ରାମ ଓହ୍ଲାଣି ଥାନା ହାତିବାରି ଇଷ୍ଟେଟ କଞ୍ଜିର ଜିଲ୍ଲା ସୁନ୍ଦରଗଡ଼ ଆମ୍ଭର ପିତା ୰ ଗୌରି ପଣ୍ଡା ହାତିବାରି ଠାକୁର ୰ଦଗାମ୍ବର ଶେଖର ଦେଓଙ୍କ ଅଧୀନରେ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କର ସନ ୧୯୦୨ ମସିହାଠାରୁ ସନ ୧୯୨୩ ମସିହା ପର୍ଯ୍ୟନ୍ତ ପୂଜାକାମ କରି ଆସୁଥିଲେ । ତାଙ୍କ ମୃତ୍ୟୁପରେ ମୁଁ ସାବାଳକ ହେବା ପରେ ଠାକୁର ସାହେବଙ୍କ ଗୃହରେ ସୁପକାର କାମ ଠାରୁ ନେଇ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ପୂଜାକାର୍ଯ୍ୟ ଏବଂ ତାଙ୍କ ରାଜବାଟୀ ମଧ୍ୟରେ ଥିବା ଦ୍ୱାଦଶ ଚନ୍ଦ୍ର ରଘୁନାଥ ମହାପ୍ରଭୁଙ୍କର ପୂଜା କରିଥିଲି ।

ସେହି ସମୟର କଥା ୰ ରତ୍ନାକର ମିଶ୍ର ପିତା ଫକୀର ମିଶ୍ର ଗ୍ରାମ ଅହିରବନ୍ଧ ଥାନା ରଘୁନାଥ ପାଲି ଜିଲ୍ଲା ସୁନ୍ଦରଗଡ଼ ଠାରୁ ପାଲି ଦଳ ନେଇ ହାତିବାରି ଗ୍ରାମରେ ଉପସ୍ଥିତ ଥିଲେ । ସେହି ସମୟରେ ୰ ମାଗୁଣି ନାଥ ଗ୍ରାମ ବାହିଆପୁର ଜିଲ୍ଲା ଢେଙ୍କାନାଳରୁ ସଦଳବଳେ ଆସି ହାତିବାରି ରାଜବାଟୀଠାରେ ପହୁଞ୍ଚିଲେ । ଏହିଠାରେ ଗାୟକ ରତ୍ନାକର ମିଶ୍ର ଗାୟକ ମାଗୁଣି ନାଥ ଉଭୟଙ୍କ ମଧ୍ୟରେ ସନ ୧୯୩୮ ମସିହାରେ ରାଜବାଟୀରେ ବାଦ ପାଲି ହେଲା । ବାଦ ପାଲିରେ ରତ୍ନାକର ମିଶ୍ର ଜୟଲାଭ କଲେ । ୰ ଠାକୁର ବଦ୍ରିନାରାୟଣ ଶେଖର ଦେଓ ତାଙ୍କୁ ଖଣ୍ଡିଏ ସାର୍ଟିଫିକେଟ ପ୍ରଦାନ କରିଥିଲେ ବୋଲି ଆମେ ଶୁଣି ପାରିଥିଲୁ ।

ଉକ୍ତ ଦୁଇ ଦଳଙ୍କର ବାଦ ପାଲି ମୁଁ ଏବଂ ଆମ ଗ୍ରାମର

Digitized by PPRACHIN, SOA

ଅନେକ ଭଦ୍ରବ୍ୟକ୍ତିମାନେ ଶୁଣି ପାରିଅଛନ୍ତି ଏବଂ ମୁଁ ସ୍ୱଚକ୍ଷୁରେ ଦେଖିଅଛି ।”

| | |
|---|---|
| ତା ୫ । ୨ । ୮୪ | ଶ୍ରୀ ପରୀକ୍ଷିତ ପଣ୍ଡା |
| ମଣିହା | ଝିରପାଣି |

(ଘ) କବି ଶ୍ରୀ ଅର୍ଜୁନ ରାଜ—

ବନ ଗିରି ଶୋଭିମା କନ୍ଧେଇର କଲେଇପୋଷ ଗ୍ରାମରେ ବଡୋରାଜ ସୂର୍ଯ୍ୟକାନ୍ତଙ୍କ କୋଳ ମଣ୍ଡନ କରି ପିତା ମାତାଙ୍କର ପ୍ରଥମ ସନ୍ତାନ କବି ଶ୍ରୀ ଅର୍ଜୁନ ରାଜ ଉଣେଇଶ ଏଗାର ମସିହା ଫାଲ୍‌ଗୁନ ଶୁକ୍ଳପକ୍ଷ ଦଶମୀ ଗୁରୁବାର ଦିନ ଭୂମିଷ୍ଠ ହେଲେ ।

ଜନ୍ମଭୂମି ବଲାଙ୍ଗିରର ଆକର୍ଷଣକୁ ଏଡ଼ି ନ ପାରି ବଡୋରାଜ ନିଜର ସ୍ତ୍ରୀ ଏବଂ ପୁତ୍ର ଅର୍ଜୁନ ସହ ନିଜ ଗ୍ରାମକୁ ପ୍ରତ୍ୟାବର୍ତ୍ତନ କଲେ । ପଥରେ ବଲାଣି ବାର୍ହଦାର ଖଗେଶ୍ୱର ଅମାତ ଏବଂ ଭଣଜା ମଦନ ମୋହନ ଅମାତ ଉଭୟଙ୍କ ଆତିଥେୟରେ ପ୍ରୀତ ହୋଇ ସପରିବାର ବଲାଣିରେ ବାସକଲେ । ଜୀବିକା ନିର୍ବାହ ନିମିତ୍ତ ବାର୍ହଦାରଙ୍କ ପ୍ରଦତ୍ତ ଭୂସମ୍ପତ୍ତି ଭୋଗକରି ସୁଖରେ କାଳାତିପାତ କଲେ । ବଲାଣିରେ କବିଙ୍କର ତିନି ଭାଇ ଜନ୍ମ ଗ୍ରହଣ କରିଥିଲେ ।

କବି ବଲାଣିରେ ନିମ୍ନପ୍ରାଥମିକ ଶିକ୍ଷା ସମାପ୍ତ କରି କୁଆଁର ମୁଣ୍ଡାରେ ମିଡ଼ଲ୍ ଭର୍ଣ୍ଣାକୁଲର (ଅଷ୍ଟମ ଶ୍ରେଣୀ) ପଢ଼ି ୧୯୩୦

Digitized by PPRACHIN, SOA

ମସିହାରେ ଉତ୍ତୀର୍ଣ୍ଣ ହେଲେ । ଏହାପରେ ୧୯୩୧ ମସିହା ଜାନୁଆରୀ ପନ୍ଦର ତାରିଖରୁ କୁଆଁର-ମୁଣ୍ଡାରେ ଶିକ୍ଷକତା ଆରମ୍ଭ କଲେ । ପରେ ବିଶ୍ରାକୁ ବଦଳି ହେଲେ । ଉଭୟ ବିଦ୍ୟାଳୟରେ ସତର ବର୍ଷ ଶିକ୍ଷାଦାନ କରି ତତ୍କାଳୀନ ସରକାରଙ୍କ ନିର୍ଦ୍ଦେଶକ୍ରମେ ପି-ଡବ୍ଲ୍ୟୁ-ଡ଼ି ଏବଂ ରେଭେନ୍ୟୁ ବିଭାଗରେ ଟାଇମ୍‌କିପର୍ ରୂପେ କାର୍ଯ୍ୟ କଲେ । ୧୯୫୪ ମସି-ହାରେ କବିଙ୍କୁ ବାରିପଦା ବଦଳି ହେଲା । ସେ ବଦଳି ଆଦେଶକୁ ଗ୍ରହଣ ନ କରି କର୍ମରୁ ଅବସର ନେଇ ବଲାଣିରେ ତିନି ଭାଇଙ୍କ ସହ ଏକ-ଅନ୍ନରେ ଅଦ୍ୟାବଧି ବାସ କରୁଛନ୍ତି ।

ଆଦର୍ଶ ଶିକ୍ଷାଗୁରୁ ସ୍ୱର୍ଗତ ଅର୍ଜ୍ଜୁନ ଗଡ଼ତିଆଙ୍କ ଆଶିଷରୁ କବି ତାଙ୍କ ପ୍ରଥମ କବିତା ୧୯୩୦ ମସିହାରୁ ଆରମ୍ଭ କରିଛନ୍ତି । କବିତାଟି ହେଉଛି—

ପଦ ବନ୍ଦନା (ରାଗ—ରସକୁଲ୍ୟା)

ଜୟ ମା' ନାଗରୀ ମାତା        ମହିମା ତୋ ଅକଳନ୍ତା
ଦୟା କ୍ଷମା ଶାନ୍ତି ଗୁଣେ ରହିଛୁ ପୂରି ।
ଏ ସବୁ ସହଣି ଭାବ        ଦେଇକି ତୋତେ ମାଧବ
ଆନନ୍ଦେ ବିଜୟ କଲେ ମଥୁରାପୁରୀ ।
ତେଣୁ କି ଗୋ କରୁଣାମୟୀ;
ନିରନ୍ତରେ ଅଛୁ ରହି ହୋଇ ବିନୟୀ । ୧ ।

ଦେଖି ତୋ ବିନୟ ଭାବ        ବେଦବ୍ୟାସେ ବ୍ୟାସଦେବ
ନିର୍ମଳ ମନରେ କରିଛନ୍ତି ଆସ୍ଥାନ
ପୁଣି ଦେଓଗାଁରେ ମାତ        ବୈଦ୍ୟନାଥ ହିଁ ସମ୍ଭୂତ
ହୋଇ ଦେଖାଉ ଅଛନ୍ତି କ୍ଷୀରତିମାନ

Digitized by PPRACHIN, SOA

ବ୍ରାହ୍ମଣୀ ତୋ କୋଳୁଁ ଜନମ;
ସରସ୍ୱତୀ କୋଇଲ ଶଙ୍ଖକୁ ଧେନଣ । ୨ ।

ଇନ୍ଦ୍ରାଦି ଦେବତା ଗଣ   ଇଚ୍ଛନ୍ତି ଯାଙ୍କ ଦର୍ଶନ
ତାଙ୍କୁ କୋଳେ ଧଇଲୁ ମା' ସୁକୃତ ବଳେ ।
ଆଉ କେତେ ଦେବାଦେବୀ   ଛନ୍ତି ତୋ କୋଳୁଁ ଉଦ୍‌ଭବ
ଯାଙ୍କ ପ୍ରତାପେ ପଥର ଭସଇ ଜଳେ ।
ନିଜ ନିଜ ମହିମାମାନ;
ଅକପଟେ ଦେଖାନ୍ତି ତୋତେ ବିଦ୍ୟମାନ । ୩ ।

ତୋ ବନ ପର୍ବତ ଗୁଣ   ନିରେଖି ମଣେ ବିଷମ
ନାନା ବନ୍ୟ ଜନ୍ତୁରେ ଗୋ ଅଛନ୍ତି ପୂରି ।
ବ୍ୟାଘ୍ର ଭଲ୍ଲୁକ ଶୁକର   ଧୂମା ଶଶକ ସମ୍ବର
ଏକେ ଏକେ କହିବି କେତେ ନାମ ଧରି ।
ଶୃଗାଳରୁ ଗଧୂଳ ଯାଏଁ;
ତୋ ଗୁଣ ସୁମରି ରହିଛନ୍ତି ଗୋ ମାଏ । ୪ ।

ଆସ ଆସ ଭ୍ରାତୃଗଣ   କରି ସର୍ବେ ଏକ ତାନ
ଗାଇବା ମଙ୍ଗଳ ଗାନ ଜୟ ମନାଇ ।
ଅଜ୍ଞାନ ତମସା ରାଶି   ଦେବା ଦୂରକୁ ନିକ୍ଷେପି
ଭାଗ୍ୟ ରବି ପରକାଶି ପ୍ରାଚୀ ରଞ୍ଜାଇ ।
ଭଞ୍ଜନ ହୋଇବ ସଂକଟ;
ଜୟ ମା' ନାଗରୀ ବୋଲି କରୁ ପ୍ରକଟ । ୫ ।

ଅବସର ନେବାପରେ କବିଙ୍କର ଲେଖନୀରୁ ନାଗରୀ ବର୍ଣ୍ଣନା, ଜଗନ୍ନାଥ ଜଣାଣ, ଶ୍ରୀକୃଷ୍ଣ ରାସଲୀଳାର ସୁମଧୁର ଗୀତ

Digitized by PPRACHIN, SOA

ପ୍ରବାହ ବିଚ୍ଛୁରିତ ହୋଇ ଓଡ଼ିଆ ସାରସ୍ୱତ ଭଣ୍ଡାରକୁ ସମୃଦ୍ଧ କରୁଛି ।

ପିତା ପ୍ରପିତାମହଙ୍କ ଗୃହ ଶହ ଏକର ଜମି ହରାଇ କବିଙ୍କ ସାହିତ୍ୟ ସାଧନା ବିଶେଷ ଅଗ୍ରଗତି କରି ପାରିନାହିଁ । ତାଙ୍କର ସ୍ୱଳ୍ପ ସୃଷ୍ଟିରେ ପରିପୂର୍ଣ୍ଣ ଭଗବତ ପ୍ରୀତିର ପରିଚୟ ପାଇ ଯେ କେହି ତନ୍ମୟ ହେବ ଏଥିରେ ସନ୍ଦେହର ଅବକାଶ ନାହିଁ ।

(ଙ) କୁଶ ପ୍ରଧାନ—

ନାଗପୁର ଜଣେ ପ୍ରସିଦ୍ଧ ବୀର ଥିଲେ । ଧନୁର୍ବିଦ୍ୟା ତନ୍ତ୍ର ବିଦ୍ୟା ଉଭୟରେ ସିଦ୍ଧି ଲାଭ କରି ଅଲୌକିକ ରଣକୌଶଳରେ ସମସ୍ତଙ୍କୁ ବଶୀଭୂତ କରି ପାରୁଥିଲେ । ସେ ପଇଁତରଣ ଖଣ୍ଡ ମୌଜାର ଇଲାକାଦାର ହୋଇ ପଡ଼ୋଶୀମାନଙ୍କ ସହ ଶାନ୍ତି ମୈତ୍ରୀରେ ଆବଦ୍ଧ ଥିଲେ । ଏହାଙ୍କର ବଂଶଧର ଜହର ପ୍ରଧାନ ଡମ୍ବରୁ ପ୍ରଧାନଙ୍କର ସ୍ୱର୍ଗବାସ ହୋଇଛି । ବର୍ତ୍ତମାନ ରାଜକିଶୋର ପ୍ରଧାନ ଭିକାରୀ ପ୍ରଧାନ କାଟେପୁର ନିକଟସ୍ଥ ଚିତାପେଡ଼ରେ ବାସ କରୁଛନ୍ତି । ଅନ୍ୟତମ ବଂଶଧର ବିଦ୍ୟାଧର ପ୍ରଧାନ ଜରେଇକେଲାରେ ବାସ କରନ୍ତି ।

(ଚ) ଶୁକ୍ର ଗଉଡ଼—

ଜନ୍ମସ୍ଥାନ ଏରେଗେଡ଼ା । ଏହାଙ୍କର ବଂଶଧର ସ୍ୱର୍ଗତ ଝୁଁଣ୍ଟି ବାଘ ଗଉଡ଼ । ଏହି ବଂଶର ଦାୟାଦ ଝିରଗୁ ଗଉଡ଼ ସୋମବାରୁ ଗଉଡ଼ ଜୀବିତ ଅଛନ୍ତି ।

Digitized by PPRACHIN, SOA

(ଛ) ମେଣ୍ଡା ଫକ୍ତାର—

ଜନ୍ମସ୍ଥାନ ଚନ୍ଦ୍ରପୁର । ଏହାଙ୍କର ବଂଶଧର ବାଳୀ ସୁଗ୍ରୀ ଦନାର ଚନ୍ଦ୍ରପୁର ବାସିନ୍ଦା ଅଟନ୍ତି । ସୁଗ୍ରୀର ଝିଅ ସାବିତ୍ରୀ ଏବଂ ଦନାରର ପୁତ୍ର ଆନନ୍ଦ ଜୀବିତ ଅଛନ୍ତି ।

(ଜ) ବପ୍ର ଅମାତ--

ଜନ୍ମସ୍ଥାନ ବଲାଂଗି । ଜାତିରେ ଭୂୟାଁ । ଅସାଧାରଣ ବୀର ଥିଲେ । ଏହାଙ୍କର ବଂଶଧର କୃଷ୍ଣ ଅମାତ, ରାମ ଅମାତ, କ୍ଷେତ୍ର ଅମାତ, ଶୁକ୍ର ଅମାତ ଥିଲେ । କ୍ଷେତ୍ର ଅମାତଙ୍କର ପୁତ୍ର ଧନେଶ୍ୱର ଅମାତ ଜୀବିତ ଅଛନ୍ତି ।

ସନ ଅଠରଶହ ବୟାଳିଶ ମସିହାରେ ସିଂହଭୂମିର ପୋଡ଼ାଘାଟ ଯୁଦ୍ଧ ବ୍ରିଟିଶ (ଇଂରେଜ) ସେନା ଓ ସମ୍ବଲପୁରର ବିଦ୍ରୋହୀ ରଜା ବୀର ସୁରେନ୍ଦ୍ର ସାଏଙ୍କ ମଧ୍ୟରେ ସଂଘଟିତ ହୋଇଥିଲା । ଏହି ଯୁଦ୍ଧରେ ଶୁକ୍ର ଗଉଡ଼ ମେଣ୍ଡା ଫକ୍ତାର ଏବଂ ବପ୍ର ଅମାତ ବୀର ସୁରେନ୍ଦ୍ର ସାଏଙ୍କ ସପକ୍ଷରେ ଲଢ଼ି-ଥିଲେ । ବପ୍ର ଅମାତ ଇଂରେଜ ସେନାପତିଙ୍କ ପୁତ୍ରକୁ ଶର-ଘାତରେ ଧରାଶାୟୀ କଲେ ।

ଏକଦା ଇଂରେଜ କମିଶନର ବଗ୍ତାର କୁକୁଡ଼ା ଗ୍ରାମ ନିକଟସ୍ଥ ଆମ୍ବତୋଟାରେ ତମ୍ବୁ ପକାଇଥିଲେ । କମିଶନରଙ୍କ ଖାଲସା (ପୂଜାରୀ)କୁ ଆଦିବାସୀମାନେ ଧରିନେଇ ଶାଳ ଗଛରେ ବାନ୍ଧି ମାରିବା ଉଦ୍ୟମ କରିବା ସମୟରେ ବପ୍ର ଅମାତ ପୂଜାରୀକୁ ମୃତ୍ୟୁ ମୁଖରୁ ଉଦ୍ଧାର କଲେ ।

Digitized by PPRACHIN, SOA

ବିଶ୍ୱାସଘାତକଙ୍କ କୂଟନୀତିରେ ବିପ୍ର ଅମାତ ଧରା-ହେଲେ । ମୃତ୍ୟୁ ଦଣ୍ଡରେ ଦଣ୍ଡିତ ହେବା ପୂର୍ବରୁ ପୂର୍ବୋକ୍ତ ପ୍ରଜାଙ୍କ ସାହାଯ୍ୟରେ ଦଣ୍ଡରୁ ମୁକ୍ତ ହେଲେ । ଇଂରେଜ କର୍ତ୍ତୃପକ୍ଷ ତାଙ୍କର ବ୍ୟବହୃତ ଧନୁ ଶର ଏବଂ ତାବଲ୍କୁ ଅଧିକାର କଲେ । ଶେଷ ଜୀବନ ବଲ୍‌ଣିରେ କଟାଇ ସ୍ୱର୍ଗବାସ କଲେ ।

(ଝ) ମାଦ୍ରିକାଲେ—

ସୁନ୍ଦରଗଡ଼ (ଗାଙ୍ଗପୁର)ର ବଡ଼ଗାଁ ନିକଟସ୍ଥ କୁରେଇ-ବଗା ଗ୍ରାମରେ ଭୂୟାଁ କୁଳରେ ଭୂମିଷ୍ଠ ହୋଇଥିଲେ । ମହାବୀର ପାହାଡ଼ରେ ଇଷ୍ଟଦେବୀଙ୍କ ଉପାସନା କରି ଅସାଧାରଣ ଶକ୍ତି ଲାଭକଲେ । ଦେବୀଙ୍କ ସନ୍ତୋଷ ବିଧାନ ପାଇଁ ପ୍ରତିବର୍ଷ ଜାଙ୍ଗଡ଼ୀ (ବଳଖୁଣ୍ଟ)ରେ ପୋଡ଼ (ମହିଁଷ) ଏବଂ ଗୁଗବଳ ପ୍ରଥା ପ୍ରଚଳନ କରିଥିଲେ । ଦେବୀ କୃପାରୁ ତନ୍ତ୍ର ବିଦ୍ୟାରେ ସିଦ୍ଧିଲାଭ କରି ନିପୁଣ ହେଲେ । ଧନୁଶର, ଠାଙ୍ଗୀ ଏହାଙ୍କର ପ୍ରଧାନ ଭୂଷଣ ଥିଲା । ବଡ଼ଗାଁ ସନ୍ନିକଟ ପ୍ରାୟ ପନ୍ଦରରୁ କୋଡ଼ିଏଟି ଗ୍ରାମର ଭୂସମ୍ପତ୍ତି ଭୋଗ କରି ପ୍ରଜାଙ୍କ ଅନ୍ତରରେ ରାଜାର ଆସନ ପ୍ରତିଷ୍ଠା କରି ପାରିଥିଲେ । କୁରେଇବଗା, ଗୁଡ଼ିଆଳି, ମାମପାଲି ଲଫଲେଇ ସିଆଳପୋର ଏବଂ ଲମଲେଇ ମୌଜାଗୁଡ଼ିକ କାଲେଙ୍କ ଅଞ୍ଚଳର ଅନ୍ତର୍ଭୁକ୍ତ ଥିଲା ।

ଗାଙ୍ଗପୁର ରାଜା ରଘୁନାଥ ଶେଖର ଦେଓଙ୍କ ରାଜତ୍ୱ କାଳରେ ଘାଷିନୁନୁ ନାମଧେୟ ଜନୈକ ରାଜବଂଶଧର ମାଦ୍ରି-କାଲେଙ୍କ ଜମିକୁ ଅନଧିକାର ଦଖଲ କରିବାରୁ ସେ ଗାଙ୍ଗପୁର

Digitized by PPRACHIN, SOA

ରାଜାଙ୍କ ବିରୁଦ୍ଧରେ ପ୍ରାୟତଃ ଅଠରଶହ ପଞ୍ଚାଅଶୀ ମସିହାରେ ଅସ୍ତ୍ର ଉତ୍ତୋଳନ କଲେ । ବିଦ୍ରୋହ ଦମନ ପାଇଁ ରାଜା ଇଂରେଜ ସରକାରଙ୍କ ସାହାଯ୍ୟ ଭିକ୍ଷାକଲେ । ମାଦ୍ରିକାଲୋ ତାଙ୍କର ଭୂୟାଁ ଏବଂ କନ୍ଧ ଅନୁଚରଙ୍କ ସହିତ ମହାବୀର ପାହାଡ଼ ଗୁମ୍ଫା ଏବଂ ଶିଖରରେ ନିର୍ମିତ ପଥର ଦୁର୍ଗରେ ରହି ବିଦ୍ରୋହ ଚଳାଇଲେ । ବଡ଼ ବଡ଼ ପଥର ଖଣ୍ଡ ଦଉଡ଼ିରେ ବାନ୍ଧି ଦୁର୍ଗର ଚତୁଃପାର୍ଶ୍ୱରେ ରଖି ଶତ୍ରୁ ଆଗମନ ସମୟରେ ସେଗୁଡ଼ିକ କାଟି, ଶତ୍ରୁଙ୍କୁ ଦମନ କରୁଥିଲେ । ଢୋଲ ଭିତରେ ମହୁମାଛି ରଖି, ତନ୍ତ୍ର ବିଦ୍ୟାରେ ଏଗୁଡ଼ିକୁ ଯୁଦ୍ଧରେ ବ୍ୟବହାର କରୁଥିଲେ । ଗାଙ୍ଗପୁର ନାଗରା ଉଭୟ ଅଞ୍ଚଳର ପାର୍ବତ୍ୟ ଭୂମି ମାଦ୍ରିକାଲୋଙ୍କ ବିଦ୍ରୋହର ଆଶ୍ରୟସ୍ଥଳୀ ଥିଲା । ମିଳିତ ରାଜଶକ୍ତି ଇଂରେଜ ଶକ୍ତି ମାଦ୍ରିକାଲୋଙ୍କ ସହିତ ଯୁଦ୍ଧରେ ପରାସ୍ତ ହେଲେ । ବିଦ୍ରୋହ ଅର୍ଜିତ ସମ୍ପତ୍ତିକୁ ସାମ୍ୟବାଦ ନୀତିରେ ଗରିବମାନଙ୍କୁ ବିତରଣ କରି କାଲୋ ସେମାନଙ୍କର ଶ୍ରଦ୍ଧାଭାଜନ ହେଲେ ।

ପନ୍ଦର ବର୍ଷ ବିଦ୍ରୋହ ପରେ ଗାଙ୍ଗପୁର ରାଜା ମାଦ୍ରିକାଲୋଙ୍କର ଜଣେ ବିଶ୍ୱସ୍ତ ବନ୍ଧୁ, କୁରଙ୍ଗା ଗ୍ରାମର ନାଏକ ଜମିଦାରଙ୍କ ସହିତ ଗୁପ୍ତ ମନ୍ତ୍ରଣା କରି ବିଶ୍ୱାସଘାତକ ନୀତିରେ ମାଦ୍ରିକାଲୋଙ୍କୁ ଊନବିଂଶ-ଶତାବ୍ଦୀରେ ବନ୍ଦୀ କଲେ ।

ସୁନ୍ଦରଗଡ଼ ଜେଲ୍‌ରେ କଏଦୀ ଜୀବନ ଅଳସରେ କଟାଇବାକୁ ପସନ୍ଦ ନ କରି ଜେଲ୍‌ରେ ବଗିଚା କାମ କରିବାକୁ କର୍ତ୍ତୃପକ୍ଷଙ୍କୁ ପ୍ରସ୍ତାବ ଦେଲେ । ରାଜାଙ୍କ ସମ୍ମତି ପାଇ ମାଦ୍ରିକାଲୋ କଏଦୀମାନଙ୍କ ସହ ବଗିଚା କାମ ଆରମ୍ଭ କରିଥିଲେ । ବଗିଚାର

Digitized by PPRACHIN, SOA

ପ୍ରଥମ ଅଶ୍ୱବା ବାଇଗଣ ବଲଦ୍ତ ବାଇଗଣ ଓ ଶାଗ ରାଜାଙ୍କୁ ଉପହାର ଦେଲେ । ଏଗୁଡ଼ିକୁ କାଟିଲେ କାଟଲ୍‌କୁ ମାରିବା ସମ୍ଭବ ଅନ୍ୟଥା ଅସମ୍ଭବ । ସମ୍ବାଦ ପାଇ ରାଜା ଅଶ୍ୱବା କାଟିବାରେ ସମସ୍ତ ଶକ୍ତି ବିନିଯୋଗ କଲେ । ଅସଫଳ ହୋଇ ମାଧ୍ୱ କାଟଲ୍‌ଙ୍କୁ ଛଅ ବର୍ଷ ପରେ ରାଞ୍ଚି ଜେଲ୍ ପଠାଇଲେ । ରାଞ୍ଚି ଜେଲରେ ଚାରି ବର୍ଷ ବନ୍ଦୀ ହେବା ପରେ ତାଙ୍କୁ ଊନେଇଶ ଦଶ ମସିହାରେ ମୁକ୍ତ କରାଗଲା ।

ଊନେଇଶ ଦଶ ମସିହାରୁ ଊନେଇଶ ଚଉଦ ମସିହା ଚାରି ବର୍ଷ ଗାଙ୍ଗପୁର ଏବଂ ନାଗରା ଅଞ୍ଚଳରେ ବିଚରଣ କରି ଊନେଇଶ ଚଉଦ ମସିହାରେ ରାଜଗାଙ୍ଗପୁର ସନ୍ନିକଟ ଲମ-ଲୋଇ ଗ୍ରାମରେ ଇହଲୀଳା ସାଙ୍ଗକଲେ । ଏହାଙ୍କ ମୃତ୍ୟୁ ପରେ ପ୍ରଧାନ କଣ୍ଢ ଅନୁଚରଙ୍କୁ ବନ୍ଦୀ କରି ତାଙ୍କର ଦୁଇ ହସ୍ତକୁ କାଟି ଦିଆଗଲା । ଅଳ୍ପଦିନ ପରେ ତାଙ୍କର ମୃତ୍ୟୁ ହେଲା । ଫଳରେ ମାଧ୍ୱ କାଟଲ୍‌ଙ୍କର ଅଲୌକିକ ବିଦ୍ରୋହ ଶିଖା ସମ୍ପୂର୍ଣ୍ଣ ନିର୍ବାପିତ ହେଲା ।

ମାଧ୍ୱ କାଟଲ୍‌ଙ୍କର ପରବର୍ତ୍ତୀ ବଂଶଧର ସ୍ୱର୍ଗତ ବ୍ରଜ ମୋହନ କାଟଲ୍, ଦଇତାରି କାଟଲ୍ । ଏମାନଙ୍କ ବଂଶଧର ଝାରଗଡ଼ା ନିବାସୀ ଶ୍ରୀ ପରମାନନ୍ଦ କାଟଲ୍, ସିଆଲଯୋର ନିବାସୀ ଶ୍ରୀ ଜୟକୃଷ୍ଣ କାଟଲ୍ ଅଟନ୍ତି । ଶ୍ରୀ ଅର୍ଜ୍ଜୁନ ରାଜଙ୍କ ମତରେ ସୁନ୍ଦରଗଡ଼ ଲୋକସଭା ଆସନର ଭୂତପୂର୍ବ ସଦସ୍ୟ ବଲିଶି ନିବାସୀ ଶ୍ରୀ ଦେବାନନ୍ଦ ଅମାତ ବ୍ରଜମୋହନ କାଟଲ୍‌ଙ୍କର ନାତି ଅଟନ୍ତି ।

Digitized by PPRACHIN, SOA

ଜନଶ୍ରୁତିରୁ ସଂଗୃହୀତ ମାଦ୍ରିକାଳେ, ଉତ୍କଳର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଅନ୍ୟତମ । ଏହାଙ୍କ ଜୀବନ ଚରିତ ଏବଂ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇପାରିଲେ, ସୁନ୍ଦରଗଡ଼ ତଥା ଉତ୍କଳର ସାମାଜିକ ସାଂସ୍କୃତିକ କ୍ଷେତ୍ରରେ ଅଶେଷ କଲ୍ୟାଣ ସାଧିତ ହେବ ।

(ଞ) ସାଂସ୍କୃତିକ ଅନୁଷ୍ଠାନ—

ବହୁବର୍ଷ ଧରି ବଲିଶି, ସେମେଣ୍ଟା, ଝିରପାଣି, ଗମ୍ଭୀରୀ-ତିହି, ଚନ୍ଦ୍ରପୁର, ରାଣ୍ଟୋ, ପିତାଗାଁ ମାନଙ୍କରେ ସୁସଙ୍ଗଠିତ କୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ଶ୍ରୀକୃଷ୍ଣ ରାସଲୀଳା ପାଳିତ ହୋଇ ଆସୁଅଛି ।

(ଟ) ତନ୍ତ୍ର ବିଦ୍ୟାର ପ୍ରଚଳନ—

ଅତୀତର ରାଉରକେଲାରେ ବହୁତ ତେନ୍ତୁଳୀ ଏବଂ ବୀର-କେରାରେ ତାଳ ବୃକ୍ଷମାନ ଥିଲା । ଉଭୟ ଗ୍ରାମର ଦୁଇ ଜଣ ତାନ୍ତ୍ରିକ ବନ୍ଧୁ ହାଡ଼ିପାଙ୍କ ତନ୍ତ୍ରଯୋଗ ସିଦ୍ଧି ଲଭ କରି ରାଉର-କେଲାରୁ ତେନ୍ତୁଳୀ ଓ ବୀରକେରାରୁ ତାଳ ଗଛକୁ ନିଜ ନିଜ ଗ୍ରାମକୁ ସ୍ଥାନାନ୍ତରିତ କରିଥିଲେ । ତାଳଗଛ କାରଖାନା ହେବା ପୂର୍ବରୁ ମରି ଯାଇଅଛି । ତେନ୍ତୁଳୀ ବୃକ୍ଷଟି ଅଦ୍ୟାବଧି ବୀରକେରା ଗ୍ରାମରେ ବଞ୍ଚି ରହିଛି । କବି ଶ୍ରୀ ଅର୍ଜ୍ଜୁନ ରାଜଙ୍କ କମ୍ପ୍ୟଦର୍ଶୀରୁ ଉପରୋକ୍ତ କାହାଣୀ ସଂଗ୍ରହ କରାଯାଇଅଛି ।

●

Digitized by PPRACHIN, SOA

# ସିଂହାବଲୋକନ

## ରାଉରକେଲା

### ଦ୍ୱିତୀୟ ଭାଗ

( ୧ )

ଊଣେଇଶ ଚଉବନ ମସିହା
ସ୍ୱାଧୀନ ଭାରତର ପ୍ରଧାନମନ୍ତ୍ରୀ
ଜବାହାରଲାଲ ନେହରୁ
ରାଉରକେଲାର ଇସ୍ପାତ ନଗର ଆଉ
କାରଖାନାର
ଭିତ୍ତି ସ୍ଥାପନ କରନ୍ତି ।

ଊଣେଇଶ ଅଣଷଠି ଫେବୃୟାରୀ ତିନ
ମଙ୍ଗଳବାର;
କାରଖାନାର ପ୍ରଥମ ବ୍ଲାଷ୍ଟ ଫର୍ନେସ
ସର୍ବୋଚ୍ଚ ଶାସନ ମୁଖ୍ୟ

Digitized by PPRACHIN, SOA

ପ୍ରଥମ ରାଷ୍ଟ୍ରପତି
ଡକ୍ଟର ରାଜେନ୍ଦ୍ର ପ୍ରସାଦ
ଉନ୍ମୋଚନ କରନ୍ତି ।

( ୨ )

ଅଠେଇଶ ବର୍ଷର ଦ୍ରୁତ ପରିବର୍ତ୍ତନରେ
ଶ୍ୟାମଳ ବନାନୀ
ଲୁଚିଯାଇ ଉର୍ଦ୍ଧ୍ୱ ମାରେ
ଝରିଆ ପାହାଡ଼ ନଗ୍ନ ଅଙ୍ଗରେ ।
ଇସ୍ପାତ ନଗର, ରାଉରକେଲା ସଦର
ଶିଳ୍ପ ଅଞ୍ଚଳ (ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ),
ପାନପୋଷ
ସାର ନଗର ଇଣ୍ଡିଆନ୍ ଡେଟର ନେଟର
ଶକ୍ତି ନଗର ବାସନ୍ତୀ କଲୋନୀ
କୋଏଲ ନଗର ଛେଣ୍ଡ୍
ଏରୋଡ୍ରମ୍ ର ପରିକଳ୍ପନା
ହନୁମାନ୍ବାଟିରେ ଅଙ୍ଗ ବିସ୍ତାର କରି
ସୌଧମାଳିନୀ ରାଉରକେଲାର
କଳେବର ବୃଦ୍ଧି କରୁଛି······ ।

( ୩ )

ଶୀତତାପ ନିୟନ୍ତ୍ରିତ
ରାଉରକେଲା ଭବନ ରାଉରକେଲା କ୍ଲବ

Digitized by PPRACHIN, SOA

ଜର୍ମାନୀ କ୍ଲବ ବ୍ରାହ୍ମଣୀ କ୍ଲବ
ଅତିଥି ଭବନ ସିଭିକ୍ ସେଣ୍ଟର
ଇସ୍ପାତ ସାଧାରଣ ଚିକିତ୍ସାଳୟ
ଇସ୍ପାତ କାରଖାନା ସାରକାରଖାନାର
ମୁଖ୍ୟ ପ୍ରଶାସନ ଭବନ ସମୂହ
ପରିଚାଳକ ବାସଗୃହ
ବାଣିଜ୍ୟ କୋଠୀ
ଧନୀକ ଶ୍ରେଣୀର ସୁରମ୍ୟ ଅଟ୍ଟାଳିକା
କାର୍ପେଟ ସୋଫାସେଟ୍
ଟେବୁଲ୍ ମୁଭେବୁଲ୍ ଚେୟାର
ଡନଲପ୍ ବେଡ୍ ଡ୍ରେସିଙ୍ଗ୍ ଟେବୁଲ୍
ଫ୍ରିଜ୍ ଷ୍ଟିଲ୍ ଆଲମିରା
ଟେଲିଫୋନ ରେଡ଼ିଓ
ଟେପ୍ ରେକର୍ଡ଼ କ୍ୟାମେରା
ବିଜୁଳିବତି ବିଜୁଳି ପଙ୍ଖାରେ
ସୁସଜ୍ଜିତ ହୋଇ;
କବାଟ ଝରକା ପରଦା
ଆଲୋକ ଖଚିତ ପୁଷ୍ପ ଉଦ୍ୟାନ
ଆଗରେ ରଖି
ଶ୍ରମିକର
କମ୍ୟୁନିଟି ସେଣ୍ଟର
ଶ୍ରମ କାର୍ଯ୍ୟାଳୟଗୁଡ଼ିକୁ
ଉପହାସ କରୁଛି ।

Digitized by PPRACHIN, SOA

ସମସ୍ତ ଚତ୍ୱରେ
ବସ୍ତିଆ ସ୍ମୃତି ସଦନ
ଅଙ୍କିତ ଆଦର୍ଶକୁ ଭୁଲି
ଆକାଶକୁ ମୁଣ୍ଡ ଟେକୁଛି ।

ଆଜ୍‌ବେଷ୍ଟ୍ସ ଖପର
ଚାଳ କୁଡ଼ିଆ (ଝୁମ୍ପୁଡ଼ି)
ଏମାନଙ୍କୁ
ସନ୍ତୁଷ୍ଟ ନୟନରେ
ଚାହିଁ ରହିଛି ।

( ୪ )

ଶତାଧିକ
ନିମ୍ନ ପ୍ରାଥମିକ
ଉଚ୍ଚ ପ୍ରାଥମିକ
ଉଚ୍ଚ ଇଂରାଜୀ
ଇସ୍ପାତ ଶିକ୍ଷା ସଦନ
ମିଳିତ ଅନୁଷ୍ଠାନର କ୍ରମ ବିକାଶରେ
ସାକ୍ଷର ସଂଖ୍ୟା ବଢ଼ି ଚାଲିଛି ।

କଳା ବିଜ୍ଞାନ
ଯନ୍ତ୍ରୀ (କାରିଗରୀ) ବୈଷୟିକ
ଆଇନ ହୋମିଓପାଥିକ
ନୃତ୍ୟ ସଙ୍ଗୀତର

Digitized by PPRACHIN, SOA

ମହା ବିଦ୍ୟାଳୟ ଗୁଡ଼ିକ
ଉଚ୍ଚ ଶିକ୍ଷାର ପ୍ରସାର କରୁଛନ୍ତି ।
ସେଣ୍ଟ୍ ପଲ୍ କାର୍ମେଲ୍
ଡ଼ିସୁଜା ଧାପିକା
ଏମ୍. ଜି. ଏମ୍. ସେଣ୍ଟ୍ଜୋସେଫ
ପବ୍ଲିକ୍ ସ୍କୁଲର
ବିଶାଳ ସୌଧ ଗୁଡ଼ିକ
ବିଦେଶୀ ସଂସ୍କୃତିର
ବୀଜ ବପନ କରି
ଧନୀକ ଶ୍ରେଣୀର ଆଭିଜାତ୍ୟରେ
ମୁଣ୍ଡ ଟେକି
ସେମାନଙ୍କୁ
ଇଂରାଜୀ ଶିକ୍ଷାର ଆଲୋକ
ବିତରଣ କରୁଛନ୍ତି ।
ଅରବିନ୍ଦ ବିବେକାନନ୍ଦ;
ଚିନ୍ମୟାନନ୍ଦ; ନାନକ
ସନ୍ଥ ଶିକ୍ଷାଳୟ
ଭାରତୀୟ ଶିକ୍ଷାର ପ୍ରସାର କରୁଛନ୍ତି ।
ଇଂରାଜୀ ହିନ୍ଦୀ
ଓଡ଼ିଆ ବଙ୍ଗଳା
ଭାଷାର
ପୁସ୍ତକ ସମାରୋହରେ
ପାଠାଗାର ଗୁଡ଼ିକ

Digitized by PPRACHIN, SOA

ଶିକ୍ଷାର ମାନଦଣ୍ଡ
ବୃଦ୍ଧି କରୁଛି ।

( ୫ )

କ୍ରିକେଟ ହଲ୍ ।
ପକ୍କା ଦର୍ଶକ ଗ୍ୟାଲେରୀ
ମଝିରେ;
ସବୁଜ ଘାସର ପଡ଼ିଆକୁ ନେଇ
ଇସ୍ପାତ ଷ୍ଟାଡ଼ିୟମ ।
ଇଞ୍ଜିନିଅରିଙ୍ଗ୍ କଲେଜର ଖେଳ ପଡ଼ିଆ
ଇନ୍ଦିରା ଗାନ୍ଧୀ ପାର୍କ
ସାର ଉଦ୍ୟାନ
ରାଉରକେଲା ଶିଶୁ ଉଦ୍ୟାନ
ଇଣ୍ଡଷ୍ଟ୍ରିଆଲ୍ ମ୍ୟୁଜିୟମ
କାୟିକ ମାନସିକ
ଶକ୍ତି ବର୍ଦ୍ଧନ କରି
ମନକୁ ପ୍ରଫୁଲ୍ଲ କରୁଛି ।

( ୬ )

ଇସ୍ପାତ ସାଧାରଣ ଚିକିତ୍ସାଳୟ
ଶାଖା ପ୍ରଶାଖା ବିସ୍ତାର କରି
ରାଉରକେଲା ରଘୁନାଥ ପାଲି
ସରକାରୀ ବେସରକାରୀ

Digitized by PPRACHIN, SOA

ଚିକିତ୍ସାଳୟ ମିଳି
ଭେଦଭାବ
ବିଶ୍ୱ ପ୍ରୀତିକୁ
ସମ୍ମାନ ଦେଇ
ରୋଗୀର ସେବା କରୁଛନ୍ତି ।

( ୭ )

କୋଏଲ-ଶଙ୍ଖ-ବ୍ରାହ୍ମଣୀ ଜଳ
ପମ୍ପ ହାଉସ୍‌ରୁ ଓ୍ୱାଟର ଟ୍ୟାଙ୍କ
ଓ୍ୱାଟର ଟ୍ୟାଙ୍କରୁ ଲୁହାନଳୀ ଦେଇ
ଯାନ୍ତ୍ରିକ ପ୍ରଣାଳୀରେ
ଜଳ ଯୋଗାଣ କରି
ସବୁରି ତୃଷା ହରଣ କରୁଛନ୍ତି ।
ଠାଏ ଠାଏ
କୂପ ପୁଷ୍କରଣୀ
ଜଳ ସେଚନରେ ସାହାଯ୍ୟ କରୁଛନ୍ତି ।

( ୮ )

ଇଣ୍ଡିଆନ୍ ଷ୍ଟେଟ କମରସିଆଲ୍
ବରୋଦା ପଞ୍ଜାବ ନ୍ୟାସନାଲ
ଆନ୍ଧ୍ର ଇଣ୍ଡିଆନ୍ ଓଭରସିଜ୍
ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ଗ୍ରାମ୍ୟ ବ୍ୟାଙ୍କ
ସମୂହ ବ୍ୟାଙ୍କ ମିଳି

Digitized by PPRACHIN, SOA

କଳ କାରଖାନା
ରାଉରକେଲା ମାଲଗୋଦାମ
ସେଣ୍ଟ୍ରାଲ ମାର୍କେଟ
କମରସିଆଲ ମାର୍କେଟ
ଡେଲି ମାର୍କେଟ
ମଧୁସୂଦନ ମାର୍କେଟ
ଇସ୍ପାତ ସୁପର ମାର୍କେଟ
ଇସ୍ପାତ ମାର୍କେଟ (ଆମ୍ବାଗାନ)
ପାଞ୍ଚ ନମ୍ବର ମାର୍କେଟ
ବଡ଼ ଷ୍ଟ୍ରିଟ ଅନେକ ଶାଖା ମାର୍କେଟ
ଭରଣପୂ ଖାଦ୍ୟ ସଂସ୍ଥା
ସହଯୋଗ କଣ୍ଟ୍ରୋଲ ଦୋକାନ
ବାଣିଜ୍ୟ କେନ୍ଦ୍ର ଅଫିସ ସହିତ
ମିତ୍ରତା ସ୍ଥାପନ କରି
ଜନ ସେବାରେ
ଆଗେଇ ଚାଲିଛି ।

ଉଡ଼ାଜାହାଜ ରେଲ
ବସ୍ ଟ୍ରକ୍
କାର୍ ଜିପ୍
ଟେମ୍ପୋ ଅଟୋରିକ୍ସା ରିକ୍ସା
ମଟରସାଇକେଲ ସାଇକେଲ
ବଳଦ ଗାଡ଼ି ଠେଲା ଗାଡ଼ି
ଡଙ୍ଗା ଗୁଡ଼ିକ

Digitized by PPRACHIN, SOA

ଜଳ ସ୍ଥଳ ଆକାଶ ମାର୍ଗରେ
ଯାତାୟତ
ଅନ୍ନ ବସ୍ତ୍ର
ପରିବହନ କରି
ବାଣିଜ୍ୟକୁ
ସମୃଦ୍ଧ କରୁଛି ।

ଚଉଦଟି ଶାଖାକୁ ନେଇ
ମୁଖ୍ୟ ଡାକଘର ରାଉରକେଲା ସଦର
ଟେଲିଫୋନ ଭବନ ଦୂରବାଣୀ ଭବନ
ଝରିଆ କୂଳର
ଶକ୍ତିଶାଳୀ ମାଇକ୍ରୋଓ୍ୱେଭ ଏରିଏଲ୍
ଦେଶ ବିଦେଶର ସମ୍ବାଦ
ଆହରଣ ପରିବେଷଣ କରି
ମଣିଷର ଭାବ
ନିୟନ୍ତ୍ରଣ କରୁଛି ।

( ୯ )

## ମୁଦ୍ରିକା ପଥ (ରିଙ୍ଗ୍ ରୋଡ଼)

ମୁଖ୍ୟ ପିଚୁ ମୁଦ୍ରିକା ପଥରୁ
ବହୁ ଶାଖା ପ୍ରଶାଖା
ବୁଡ଼ି ଆଣୀ ଜାଲପରି
ସହରର ଚତୁର୍ଦ୍ଦିଗକୁ···
ଲମ୍ବି ଯାଇଛି ।

Digitized by PPRACHIN, SOA

ସହସ୍ର ସହସ୍ର ବର୍ଷ ଖୁଣ୍ଟରୁ
ମରକ୍ୟୁରି ଭେପର ବଜ୍ରାଳବଶ୍ମି
ତାରକା ଖଚିତ ଆକାଶକୁ ଗୃହିଁ
ଲଜ୍ଜରେ
ମଥା ଅବନତ କରୁଛି ।

ଚୁକୁଣ୍ଡା ଶିରଷ
କୃଷ୍ଣଚୂଡ଼ା ସୁନାଣ୍ଡି
ଲମ୍ବ ମାହାଲ
ଶିଶଂପା ଦେବଦାରୁ
ଅର୍ଜ୍ଜୁନ ରୋହଣୀ
ମୁଚୁକୁନ୍ଦ ଗିଲଣ୍ଡି
ପଥଧାରରେ
ପଥିକକୁ ଆଶ୍ରୟ ଦେଉଛି ।

ଇସ୍ପାତ ସହରର ଅର୍ଦ୍ଧାଂଶ
ରାଉରକେଲା ସହର
ମଝିରେ
ଝରିଆ ପାହାଡ଼ ଉନ୍ନତ ଶିଖ
ଏନ୍ଧାର ଗର୍ଭରେ
ଠିଆ ହୋଇଛି ।

ଇସ୍ପାତ କାରଖାନା
ମଥାମଣି ପରି
ଶୋଭା ବର୍ଦ୍ଧନ କରୁଛି ।

Digitized by PPRACHIN, SOA

କାରଖାନାର
ରକ୍ତ ଧୂସର
କଳା ସୁଡ଼ଙ୍ଗ
ଧୂଆଁ
କୁଣ୍ଡଳୀ ରଚି
ସୂର୍ଯ୍ୟ ଚନ୍ଦ୍ର ତାରକାଙ୍କୁ
ଗ୍ରାସ କରି
ଅନନ୍ତ ନୀଳିମାରେ
ଲୁଚକାଳି ଖେଳୁଛି ।

ପ୍ରଭିବନ୍ଧ !
ପଥିକର ଗତି ସହିତ
ତାଳ ଦେଇ
ଲୁଚି ଯାଉଛି ।

( ୧୦ )

## ଇନ୍ଦିରା ଉଦ୍ୟାନ

ନୀଳଗିରିର ଅଜ୍ଞାତ ମୁହଁରେ
ଶାଳ ମହୁଲ
ବର ଶାଳ୍ମଳୀକୁ ନେଇ
ଝରଣା ଉପତ୍ୟକାରେ
ଫୁଲବଣୀ
ଉଦ୍ୟାନ ସୁନ୍ଦରୀ

Digitized by PPRACHIN, SOA

ଇନ୍ଦିରା ଗାନ୍ଧୀ
ଜନ୍ମ ନିଏ
ଅର୍ଦ୍ଧାଧିକ ବର୍ଷ ଶତାବ୍ଦୀରେ;
ଦେବା ପାଇଁ
ଶାନ୍ତି ଓ ସନ୍ତୋଷ
ଇଚ୍ଛାତ ହୃଦୟେ ।
ରହସ୍ୟମୟୀ !
ତୁମ ରୂପ
ତୁମ ଭାବ
ତୁମ ମୁଖଶ୍ରୀର
ପଟାନ୍ତର ନାହିଁ ।

ତୁମର ଦେଶୀ ବିଦେଶୀ
ହେନା ଯୁଇ
ମଲ୍ଲୀ ଚନ୍ଦ୍ରମଲ୍ଲୀ
ଗେଣ୍ଡୁ ଗ୍ରେଟ ଗେଣ୍ଡୁ
ଟଗର ତରାଟ
ଚମ୍ପା ବଉଳ
କନିଅର ମନ୍ଦାର
ମୁଚୁକୁନ୍ଦ କାଠଚମ୍ପା
ଦେବଦାରୁ କଦମ୍ବ
ଡାଇକେରା ଶିରଷ
ବାଉଁଶ କ୍ରୁଟାନକ୍ରୁସ୍
ନାନାରଙ୍ଗର ଗୋଲାପ -

Digitized by PPRACHIN, SOA

ଜନଆ ଡାଲଆ
ଗିଲଡ଼ଆ କଷନଆ
ସୁଇଟ୍‌ପିସି ସୁଇଟ୍‌ଇଲିପ୍ସମ୍
ଜୁନଆ ଫ୍ଲାକସ୍
ଭୈରବାଣା ଡାଇଣ୍ଥେସ୍
ଆଣ୍ଟି ନାମା ରେଶରଗୋଲ
କସମସ ପପୀ
ପିଟୁନଆ ହଲହକ୍
କୁସୁମ ସମାରୋହ
ଦର୍ଶକ ପ୍ରାଣରେ ଭରିଦିଏ
ରଙ୍ଗୀନ ସ୍ୱପ୍ନ
ସୁରଭିତ ବାସ
ଆଉ
ମଦୁଲ କଦମ୍ବର
ନିଶା ।

ପଡ଼ୋଶୀ କୋରୁଆଁ
ପଥ ଧାରରେ
ପଥିକ ନେତ୍ରରେ
ପ୍ରିୟତମାର
ମଧୁସ୍ମୃତି ଆଙ୍କି ଦିଏ
ତୁମେ ଭ୍ରୂକୁଞ୍ଚନ କର
କାରଣ
ତୁମେ ସ୍ୱାର୍ଥପର ।

Digitized by PPRACHIN, SOA

ଦର୍ଶକ ସ୍ତମ୍ଭ
ଇସ୍ପାତ ସ୍ମୃତି ସ୍ତମ୍ଭ
ରେଳ ରାସ୍ତା ଘେରା ପୁଷ୍କରଣୀ
ମଝିରେ ସିମେଣ୍ଟ ଜାହାଜ
କୃତ୍ରିମ ଜଳ ଉତ୍ସ
ଫ୍ଲେଟ ଶଡ଼ଆଖାନା
କଣ୍ଢେଇ ଗୃହ
ସବୁଜ ଘାସର ଗାଲିଚ୍ଚ
କାଗଜ ବଣମଲ୍ଲୀ
ଲତା ଗୁଳ୍ମ
ହେଜ୍-ଘେରରେ
ପ୍ରଜାପତି ଡେଣାମେଲି
ଭ୍ରମର ଅଙ୍ଗ ମଣ୍ଡନ କରି
ବିଜୁଳି ଆଲୋକରେ
ଭୂମ କୋଳରେ
ନୀଳ ମେଘକୁ
ସ୍ୱାଗତ କରୁଛି ।

ଶ୍ରମିକ ମାଲିକ
ପ୍ରେମିକ ପ୍ରେମିକାର
ଚରିତ
ଆତ୍ମଲିପିରେ ସାଇତି ରଖି
ଗନ୍ଧ ଆଉ ପରାଗ ରେଣୁ
ମଳୟର ମୃଦୁ-କରରେ ଭେଟି ଦେଇ

Digitized by PPRACHIN, SOA

ଆଲିଙ୍ଗନରେ
ନୀରସ କରି······
ଶେଷେ ଗାଅ
ବିଦାୟ ଗୀତିକା ।

ତୁମେ ତ ଗାଇନ ସଖି !
କେବେ କା'ର
ସ୍ୱାଗତ-ସଙ୍ଗୀତ ।
ପ୍ରୀତି ବନ୍ଦନମୟେ,
ଭୁଲିଯାଉଛି ସବୁରି ପରାଣି ।

ତୁମକୁ ଭୁଲେନା କବି
ତୁମେ ତାର
କବିତାର ପ୍ରୀତି-ସୁଧା-ଧାର ।

( ୧୧ )

## ବେଦବ୍ୟାସ

ରାଉରକେଲାର ଆଶୀର୍ବାଦକ
ବୃକ୍ଷଲତା ଘେରା
ବେଦବ୍ୟାସ ପାହାଡ଼ର
ଶ୍ୟାମଳ ପାଦପ ଗୁଳ୍ମ ଆ ତଳେ
ବେଦବ୍ୟାସ ଗୁମ୍ଫା
ଚନ୍ଦ୍ରଶେଖର ପୁଣି ଠାକୁରଙ୍କ
ଆଜ !

Digitized by PPRACHIN, SOA

ଷ୍ଟେଟ ଷ୍ଟେଟ
ଦେବାଳୟ ଅଟ୍ଟାଳିକାରେ ପୂର୍ଣ୍ଣ ।

ପାହାଡ଼ ଚୂଳରୁ
ବ୍ରାହ୍ମଣୀ କୂଳକୁ
ପ୍ରସ୍ତର କର୍କ୍ରିଟ ପାବଚ୍ଛ
ଲମ୍ବି ଆସି
ଜଳ ସ୍ପର୍ଶ କରୁଛି ।

ଉଚ୍ଚ ପ୍ରସ୍ତର ପ୍ରାଚୀରରେ
କୋଏଲ ଶଙ୍ଖର ପ୍ରଖର ସ୍ରୋତ
ହାର ମାନି
ଶାନ୍ତ ଚିତ୍ତରେ
ବ୍ୟାସ ପଦ ଧୌତ କରୁଛି ।

ସରସ୍ୱତୀ
ବେଦବ୍ୟାସ ଉପତ୍ୟକାରୁ ବାହାରି
ସ୍ରୋତରେ ଝାସ ଦେଇ
ତ୍ରିଧାର ସମଷ୍ଟିରେ
ବ୍ରାହ୍ମଣୀ ନାମ ପ୍ରଚ୍ଚର କରୁଛି ।

ଗିରି-ଶିଖରେ
ଦାରୁ ବ୍ରହ୍ମ ତ୍ରିମୂର୍ତ୍ତି
(ବଳଭଦ୍ର-ସୁଭଦ୍ରା-ଜଗନ୍ନାଥ)
ତଳକୁ ହନୁମାନ୍ଦୟରେ
ଲକ୍ଷ୍ମଣ-ରାମ-ସୀତା
ହନୁମାନ

Digitized by PPRACHIN, SOA

ବେଦବ୍ୟାସ ଗୁମ୍ଫା
ବ୍ୟାସଦେବଙ୍କ ସାଧନା ପୀଠ
ଶିବ-ପାର୍ବତୀ
ରାଧା-କୃଷ୍ଣ
ନିତାଇ-ଗୌର
ଏକାଧିକ ଧର୍ମଶାଳା
ମହାମିଳନର ଦୃଶ୍ୟ
ବ୍ରହ୍ମାନନ୍ଦ ପ୍ରଦାନ୍ କରି
ମୁଗ୍ଧ କରୁଛି ।

( ୧୨ )

## ଅହିରାବନ୍ଧ ଜଗନ୍ନାଥ ମନ୍ଦିର

ରାଉରକେଲାର
ଆଧୁନିକ ଇସ୍ପାତ ନଗରରେ
ଅଷ୍ଟାଦଶ
ଅହିରାବନ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ବିଗ୍ରହ
ଖପରଘର ଦେବାଳୟ (ଜଗନ୍ନାଥ ଗୁଡ଼ି)
ଉଦୟପୁର ପରିବର୍ତ୍ତନରେ

× × ×

ଆଜି !
ହରିହର ଜଗନ୍ନାଥ ମନ୍ଦିରର ଉଚ୍ଚମଥା
ନୀଳ ଘନକୁ

Digitized by PPRACHIN, SOA

ନୀଳଚକ୍ର
ନୀଳ ନେତ୍ରରେ
ଖେଳାଉଛି ।
ହରିହର ପ୍ରଧାନ
ରଘୁନାଥ, ଭଗୀରଥି
ବାପ ପୁଅର ନହଣ ମୁନରେ
ମନ୍ଦର ଗଢ଼ାଇ
ସାକ୍ଷୀଗୋପାଳ ତୁଳସୀ ଚଉରା
ଦୁର୍ଯ୍ୟୋଧନ ମିଶ୍ରଙ୍କୁ
ଠାକୁରଙ୍କ ସେବା ଦାୟିତ୍ୱ ଦେଇ
ଜଗତର
ମଙ୍ଗଳ କରୁଛି ।
ପ୍ରତି ବର୍ଷ
ତ୍ରି ରଥରେ ତ୍ରି ମୂର୍ତ୍ତି
ଜନ ସମାଗମରେ
ମୁକ୍ତିକାପଥ ମଣ୍ଡନ କରି
ଆମ୍ଭାଗାନ ଗୁଣ୍ଡିଚ୍ଚ ମନ୍ଦର
ଯାତ୍ରା କରନ୍ତି ।

( ୧୩ )

ମନ୍ଦର ମସ୍ଜିଦ୍
ଚର୍ଚ୍ଚ ଗୁରୁଦ୍ୱାର
ବେଦ ଭବନ

Digitized by PPRACHIN, SOA

ରାମକୃଷ୍ଣ ମିସନ
ଜଗନ୍ନାନନ୍ଦ ଅରବିନ୍ଦ
ଚିନ୍ମୟାନନ୍ଦ ଅନୁକୂଳ ଚନ୍ଦ୍ର
ଅଭିରାମ ପରମହଂସ ଅଲେଖ ଆଶ୍ରମ
ଖଟିଆବାହାଲ ଭାଗବତ ଟୁଙ୍ଗି
ନିଜ ନିଜ ଧର୍ମବାଣୀର
ପ୍ରଚାରରେ ବ୍ୟସ୍ତ ।

ଗାୟତ୍ରୀ ତାରା-ତାରିଣୀ
ଦୁଇଟି ଲକ୍ଷ୍ମୀ ନାରାୟଣ
ସାତଟି ଶିବ ମନ୍ଦିର
ରାଉରକେଲା
ପାହାଡ଼ ଶିଖ ଆଉ ଉପତ୍ୟକାରେ
କୃତ୍ରିମ ନୈସର୍ଗିକ ଶୋଭା ବିସ୍ତାର କରି
ଭକ୍ତ ପ୍ରାଣକୁ
ଆନନ୍ଦ ଦେଉଛି ।
ସମୟର ପରିବର୍ତ୍ତନ
ସୌଧ ମାଳିନୀ ରାଉରକେଲାକୁ
ମନ୍ଦିର ମାଳିନୀ
ଆଖ୍ୟା ଦେଉଛି ।

ହିନ୍ଦୁର
ରଥଯାତ୍ରା ଦଶହରା
କାଳୀପୂଜା ଲକ୍ଷ୍ମୀପୂଜା
ଶିବରାତ୍ରୀ ଦୋଳ

Digitized by PPRACHIN, SOA

ଗଣନାଥ ସରସ୍ୱତୀ
ମାନ୍ଦ୍ରାସୀ କେରଳୀର
ଆୟ୍ୟାପା
ତେଲଗୁର-ଭେଙ୍କେଟଶ୍ୱରମ୍ (ବାଲାଜୀ)
ନେପାଳୀର-ଲକ୍ଷ୍ମୀ ନାରାୟଣ
ଶିଖର-ଗୁରୁପୂଜା
ମୁସଲମାନର ଇଦ ମହରମ
ଖ୍ରୀଷ୍ଟିୟାନର ବଡ଼ଦିନ ଖିଜର୍
(ଗୁଡ୍-ଫ୍ରାଏ-ଡେ)
ଉତ୍ସବ ଗୁଡ଼ିକ
ରାଉରକେଲାକୁ
ମୁଖରିତ କରୁଛି ।

( ୧୪ )

ସୂତା ଏଣ୍ଡି ଟସର
ଶିଲକ୍ ନାଲଲେନ୍ ନାଇଲେକ୍ସ
ଟେରିଲିନ୍ ଟେରିକଟନ୍
ଗାବାଡ଼ିନ୍‌କୋରିଆ ପଲିଷ୍ଟରର
ସ୍କର୍ଟ୍ ଫ୍ରକ୍
ମିଡ଼ି ମେକ୍ସି
ସାଲୁଆର କମିଜ
ଚୁନ୍ନୀ ଶାଢ଼ୀ ଓଢ଼ଣୀ
ଭିତରେ

Digitized by PPRACHIN, SOA

ସାପ୍ଟା ବ୍ଲାଉଜ୍
ବଡ଼ଶ୍ ଚଢ଼ ।

ଧୋତି ଚଦର ପଗଡ଼ି
ପଞ୍ଜାବୀ ଟ୍ରାଉଜର
ପ୍ୟାଣ୍ଟ୍ ସାର୍ଟ କୋଠ୍
ଭିତରେ
ଗଞ୍ଜି ଚଢ଼
ପାଟ ମଠା
ବିବିଧ ରଙ୍ଗର ପୋଷାକ
ରୁମାଲ
ମଳୟରେ ପ୍ରଜାପତିର ଡେଣା ପରି
ବାଳିକା ବାଳକ
ସ୍ତ୍ରୀ ପୁଂରୁଷଙ୍କ
ଅଙ୍ଗ ମଣ୍ଡନ କରୁଛି ।

ସୁଗନ୍ଧ ତୈଳ
ଲିପଷ୍ଟିକ୍ କଜଳ
ସ୍ନୋ ବରୋଲିନ୍
ପାଉଡ଼ର ଅତର
ଅଳତା ସିନ୍ଦୂର
ପ୍ରସାଧନରେ
ପ୍ରାଧାନ୍ୟ
ବଜାୟ ରଖୁଛି ।

Digitized by PPRACHIN, SOA

ସୁନା ରୁପା ପୋହଳା
ତମ୍ବା ଷ୍ଟିଲ୍ ପିତଳ
ପ୍ଲାଷ୍ଟିକ୍ କାଚ କାଇଁଚର
ଅଳଙ୍କାର
ଘଣ୍ଟା ଝରକଲମ
ପରିଧାନରେ ଶୋଭ ପାଉଛି ।

( ୧୫ )

ଆଦର୍ଶ ପାଠାଗାର
ପ୍ରଗତି ଉତ୍କଳ ସଂଘ
ନୀଳଚକ୍ର
ଉପେନ୍ଦ୍ର ଭଞ୍ଜ ଗୋପବନ୍ଧୁ
ମଧୁସୂଦନ ବୀର ସୁରେନ୍ଦ୍ର ସାଏ
ଜୟନ୍ତୀ ଉତ୍ସବ
ଭଞ୍ଜ ଭବନ ଟିଣ କୁଟୀରରେ
ପାଳନ କରି
ଉତ୍କଳର ମହାନ ଐତିହ୍ୟକୁ
ଉପହାସ କରୁଛି ।

ନବପଲ୍ଲବ
ଆଲୋକ ଅନ୍ଧାରରେ
ଲୁଚକାଳି ଖେଳି
ଲଳିତ କଳା ଶିକ୍ଷା ପ୍ରତିଷ୍ଠାନକୁ
ଅଙ୍ଗୀଭୂତ କରିଛି ।

Digitized by PPRACHIN, SOA

ଉତ୍କଳ ଇସ୍ପାତ ସମ୍ମେଳନ ଓ ମୀନା ମଣ୍ଡଳୀ
କାଳବାଡ଼ର ଚନ୍ଦ୍ରକାନ୍ତ ପଣ୍ଡାଙ୍କର
ଗୋପବନ୍ଧୁଙ୍କୁ
ସମ୍ମାନ ଦେଉଛି ।
କୋଣାର୍କ ପରିଷଦ
ବୋଇତ ବନ୍ଦାଣ ।

ଉତ୍କଳ ବାହ୍ମଣୀ
ଭାଷା ସଂସ୍କୃତିର ସୁରକ୍ଷା ।
ପାଳନ କରୁଛି ।
ଇସ୍ପାତ ସାହିତ୍ୟ ସଂସଦ···
ଯାଯାବର ଜୀବନ,
ଧୂସର ବନର ପକ୍ଷୀ (ଗଳ୍ପ ସଙ୍କଳନ)
ସ୍ତବକ (ମାସିକ ପତ୍ରିକା)
ପ୍ରକାଶନରେ ବ୍ୟସ୍ତ ରହି
ସ୍ଥିତିକୁ
ସୁଦୃଢ଼ କରୁଛି ।
ଖଇରଆବାହାଲ ପାଠଚକ୍ର
କ୍ଷୀଣ ଶକ୍ତିକୁ ଠୁଳକରି
ପ୍ରଗତି ପଥରେ
ଆଗେଇଛି ।
ଉତ୍କଳମଣି ଇସ୍ପାତ କେନ୍ଦ୍ରୀୟ ପାଠାଗାର
ସବୁ ଭାଷାର ପାଠକ ରୁଚିକୁ
ସ୍ୱାଗତ କରୁଛି ।

Digitized by PPRACHIN, SOA

କୃଷ୍ଣଚନ୍ଦ୍ର ଗଜପତି ସାଂସ୍କୃତିକ ପରିଷଦ
ଗଜପତି ସ୍ମରଣିକା ପ୍ରକାଶ କରି
ଉତ୍କଳର ବରପୁତ୍ରଙ୍କୁ
ସମ୍ମାନିତ କରୁଛି ।

ସିଂହଭୂମି ସାଂସ୍କୃତିକ ପରିଷଦ
ଗୋଦାବରୀଶ ଜୟନ୍ତୀ ପାଳନ
ଛଉନୃତ୍ୟ ପରିବେଷଣ
କରି
ଉତ୍କଳୀୟ ସଂସ୍କୃତିର (ନଜର)
ମାନ ରକ୍ଷା କରୁଛି ।

ଏ ସବୁକୁ ଭ୍ରୂକ୍ଷେପ ନ କରି
ବଜାଶୟୁ ଭାଷା ସଂସ୍କୃତି
ରାଉରକେଲାକୁ
ସନ୍ଦର୍ଭରେ
ଗ୍ରାସ କରୁଛି ।

ପର୍ଯ୍ୟଟକ
ସତ୍ୟର ରହସ୍ୟ
ଅବଲୋକନ କରି
ସଠିକ ଅନୁଭୂତିକୁ
ପ୍ରକାଶ କରୁଛି ।

Digitized by PPRACHIN, SOA

( ୧୭ )

ରାଉରକେଲା ମଜଦୁର ସଙ୍ଘ
ପ୍ରତିଷ୍ଠାତା
ସ୍ୱର୍ଗତ ଧୂଳେଶ୍ୱର ବସ୍ତିଆ
କମ୍ୟୁନିଷ୍ଟ୍ ନେତା
ସ୍ୱର୍ଗତ ବନ ବିହାରୀ ଜେନା
ନିଃସ୍ୱାର୍ଥ ସେବା
ସେମାନଙ୍କର ଅମର ସ୍ମୃତିକୁ
ଶ୍ରମିକ
ମୁକୁଟ ବିହୀନ ସମ୍ରାଟ ସଦୃଶ
ସମ୍ମାନ ଦେଇ
ହୃଦୟରେ
ଆସନ ଦେଇଛି ।

ଆଜ
ଗଣତନ୍ତ୍ର ନେତା ଶ୍ରମିକ ନେତା
ଜନତାକୁ
ଭିଷଣର ଭେଳକି ଦେଖାଇ
ସାମୂହିକ ସ୍ୱାର୍ଥକୁ
ନିଜସ୍ୱ କରୁଛି ।

ଦିବ୍ୟ ଦ୍ରଷ୍ଟା
ଗୋପବନ୍ଧୁ ମଧୁସୂଦନ୍
ପ୍ରତିମୂର୍ତ୍ତି

Digitized by PPRACHIN, SOA

ଇସ୍ପାତ ସୁପର ମାର୍କେଟ
ରାଉରକେଲା ମଧୁସୂଦନ ମାର୍କେଟ
ମଞ୍ଚରେ
ଦଣ୍ଡାୟମାନ ହୋଇ
ଜାତିର ନୈତିକ ଅଧଃପତନ ଦେଖି
ଆଧୁନିକ ଉତ୍କଳର
ଘୋର ଚିନ୍ତାରେ
ନିମଗ୍ନ ଅଛନ୍ତି ।

( ୧୭ )

ରଘୁନାଥ ପାଲି ଟାଙ୍ଗର ପାଲି
ପ୍ଲାଣ୍ଟ ସାଇଡ଼ ଉଦିଶେଇଶ ନମ୍ବର
ସାତ ନମ୍ବର ପନ୍ଦର ନମ୍ବର
ଥାନାଗୁଡ଼ିକ
ଶାଖା ବିସ୍ତାର କରି
ଫୋର୍ଥ ବ୍ୟାଟାଲିୟନ୍ ଓଡ଼ିଶା ମିଲିଟାରୀ
ପୋଲିସ୍
ସେଣ୍ଟ୍ରାଲ ସେକ୍ୟୁରିଟି ଫୋର୍ସ
ସହ ସମ୍ପର୍କ ରଖି
ଉଦିତ ନଗର ନ୍ୟାୟାଳୟ ଅଧୀନରେ
ରାଉରକେଲାର
ଶାନ୍ତି ଶୃଙ୍ଖଳା
ରକ୍ଷା କରୁଛି ।

Digitized by PPRACHIN, SOA

ପୋଲସ୍ ବାହ୍ୱାମୀ
ସତର୍କ ଦୃଷ୍ଟିରେ ଧୂଳି ଦେଇ
ଗ୍ରେଟ୍ର ଡାକୁ ଟାଉଟର
କଳାଧନର ଅବାଧଗତି
ଦିନ ରାତି
ବୃଦ୍ଧାଇ ଚାଲିଛି ।

( ୧୮ )

କଣ୍ଟାଝର ଜଗଦା
ଝିରପାଣି ହମିରପୁର
ଭୁମ୍ବକେଲା ଶକଟପଡ଼ା
ବାର୍କି ଆ ଲୁହାକେରା
ପଧାନ ପାଲି ବନପୋଷ
ଛେଣ୍ଡ୍ରି ରଘୁନାଥ ପାଲି
ଦେଓଗାଁ ଜଲଦା
ହାଣ୍ଡିବନ୍ଧ ଅସୁର ଗୁପର
ନୂଆଡେରା ସୁନା ପାହାଡ଼
ବନ୍ଧମୁଣ୍ଡା ଫୁଲଝର
ଗୋଲକାରଟରେ
ଝରିଆ ପାହାଡ଼ ରାଉରକେଲା
ମୁଖଶ୍ରୀରେ
ଅଣ୍ଟତକୁ ସ୍ମରଣ କରନ୍ତି ।
ପୂର୍ବର ସରଳ ସୁନ୍ଦର ଜୀବନ
ଆଧୁନିକ ଯାନ୍ତ୍ରିକ ସଭ୍ୟତାର

Digitized by PPRACHIN, SOA

କୁହୁକ ମନ୍ତ୍ରରେ
ବିଚିତ୍ର ରୂପ ନିଏ ।

ରାଜସିକ ତାମସିକ
ଖାଦ୍ୟ ସହିତ
ମଦ ହାଣ୍ଡିଆ
ଗଞ୍ଜେଇ ଅଫିମ
ବ୍ରାଣ୍ଡି ହୁଇସ୍କି
ବିଅର କୋଲଡ୍ରିଙ୍କ
ଦେଶୀ ବିଦେଶୀ ନିଶା
ନାରୀର ଉନ୍ନତ ଯୌବନ
ରଙ୍ଗୀନ ସ୍ୱପ୍ନ
ମଣିଷକୁ ଉନ୍ମତ୍ତ କରେ ।

ଚଳଚ୍ଚିତ୍ର ପ୍ରେକ୍ଷାଳୟ
ସ୍ୱପ୍ନକୁ ସଫଳ କରେ
ଫଳ ବିଷମ ହୁଏ ।
ହେତୁବାଦ ଜଡ଼ବାଦ
ଆସ୍ତିକକୁ ପଦାଘାତ କରି
ବିଜ୍ଞାନୀ ମଣିଷର
ହାତ ନିଏ
ଆତ୍ମତତ୍ତ୍ୱ ।

ତେଣୁ
ଧ୍ୱଂସର ଶୀତଳ ସ୍ପର୍ଶ
ମଣିଷକୁ ଗ୍ରାସ କରେ ।

Digitized by PPRACHIN, SOA

ପୂଣ୍ୟମୟି !
ରାଉରକେଲା (ଇସ୍ପାତ ନଗର-ରାଉରକେଲା
ସଦର-ସାରନଗର)
ମାଲିକ ଶ୍ରମିକ
ସବଳ ଦୁର୍ବଳ
ଧର୍ମ ଅଧର୍ମ
ଭଲ ମନ୍ଦ
ନେତା ଜନତାର
ତୀବ୍ର ଦ୍ୱନ୍ଦରେ
ବିଚଳିତ ନ ହୋଇ
ପୃଥିବୀର
ସବୁ ଜାତି
ସବୁ ଭାଷାକୁ
ସମ୍ମାନ ଦେଇ
ଧରିତ୍ରୀର
ମୂଲ୍ୟାଙ୍କନ କରି
ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ପ୍ରଣତି ଜଣାଇ
ଉତ୍କଳର
ଯଶ ଗୀତି ଗାଉଛ ।

କରୁଣାମୟି !
ତୁମ କୃପାରୁ
ତୁମ କୋଳେ ରହି
ତୁମ ଯଶ ଗାଇ

Digitized by PPRACHIN, SOA

ତୁମ ଠାରୁ ବିଦାୟ ନେଇ
ଜନନୀ କୋଳକୁ ଫେରିଯିବ ।

ଅତୀତର ଐତିହ୍ୟକୁ ଭୁଲି ନ ଯାଇ
ପରାଶର ବ୍ୟାସ ଗୌତମ ବାଣୀ
ପ୍ରଚାର କରି
ଧର୍ମର ଆଲୋକରେ
ଅଧର୍ମର ବିନାଶ କରି
ସନ୍ତାନଙ୍କୁ ଆଶିଷ ଦେଇ
କବିର ପ୍ରଶାନ୍ତ ଧ୍ୟେନ
ସୃଷ୍ଟିକୁ ମଧୁମୟ କର ।
ଏହାହିଁ
କବିର ସ୍ୱପ୍ନ ।

—ସ ମା ପ୍ତ—

## ସ୍ପଷ୍ଟୀକରଣ :

(କ) ଭୁମ୍ବିକେଲ୍ ନାଲ୍ (ନାଳ) :—

ବର୍ତ୍ତମାନ ଇସ୍ପାତ ନଗରର ମୁଖ୍ୟ ନର୍ଦ୍ଦମାରେ ପରିଣତ ହୋଇଛି ।

(ଖ) ମାଟି ସଡ଼କ :—

ବ୍ରିଟିଶ ଶାସନ ଅମଳରୁ ଗୋଟିଏ ମାଟି ସଡ଼କ ରାଉର-କେଲାରୁ ଝିରିଆ ଘାଟି ଅତିକ୍ରମକରି ଆମ୍ବାଗାନ ଦେଇ ହମିର-ପୁର ପର୍ଯ୍ୟନ୍ତ ବ୍ୟାପିଥିଲା ।

Digitized by PPRACHIN, SOA

(ଗ) ଅଶ୍ୱତ୍ଥ ବୃକ୍ଷ :—

ବହୁ ବର୍ଷର ଏକ ବିଶାଳକାୟ ଅଶ୍ୱତ୍ଥ ବୃକ୍ଷ ଇସ୍ପାତ ସୁପର ମାର୍କେଟ ଗୋପବନ୍ଧୁ ପ୍ରତିମୂର୍ତ୍ତିଙ୍କ ନିକଟରେ ଥିଲା ।

(ଘ) ଆମ୍ବାଗାନ୍ :—

ପୂର୍ବସ୍ମୃତିକୁ ବଜାୟରଖି କେତେକ ପୁରାତନ ଆମ୍ବଗଛ ଏବେ ବି ଆମ୍ବାଗାନ (ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଗୁଣ୍ଡିଚା ମନ୍ଦିର ନିକଟବର୍ତ୍ତୀ ଅଞ୍ଚଳ) ନାମ ପ୍ରଚାର କରୁଛି ।

(ଙ) ପାଇକ ଆଖଡ଼ା :—

ପାଞ୍ଚ ନମ୍ବର ସେକ୍ଟର ପାର୍କ ଏବଂ ସିଭିକ ସେଣ୍ଟର ଅଞ୍ଚଳରେ ଦୁଇ ଗୋଟି ଭୂୟାଁ ପାଇକ ଆଖଡ଼ା ଥିଲା । ପ୍ରତିବର୍ଷ ଦଶହରା ମହାଷ୍ଟମୀରେ ଚଣ୍ଡୀ ପାଠ ଏବଂ ଖଣ୍ଡା ପୂଜା ଭୂୟାଁ ଗ୍ରାମଗୁଡ଼ିକରେ ପାଳିତ ହେଉଥିଲା ।

(ଚ) ସିଦ୍ଧବଟ :—

ଅହିରବନ୍ଧର ପୁରାତନ ବଟବୃକ୍ଷ ଇସ୍ପାତ ନଗରର ଛଅ ନମ୍ବର ସେକ୍ଟର ସ୍ଥିତ ଅହିରବନ୍ଧ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ନିକଟରେ ଅଛି । ଅଳ୍ପଦିନ ପୂର୍ବରୁ ଉକ୍ତ ବଟବୃକ୍ଷ ଧ୍ରୁବ ଚରଣ ମହାତ୍ମାଙ୍କ ପ୍ରଚେଷ୍ଟା ଫଳରେ ସିଦ୍ଧବଟ ନାମରେ ପରିଚିତ ହୋଇ ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ସହ ପୂଜିତ ହେଉଛି ।

Digitized by PPRACHIN, SOA

(ଛ) ଶ୍ରୀ ଶ୍ରୀ ଜଗନ୍ନାଥ ମହାପ୍ରଭୁ ଓ ଶ୍ରୀ ଶ୍ରୀ ବୈଦ୍ୟନାଥ ମହାପ୍ରଭୁଙ୍କ ମନ୍ଦିର :—

ଇସ୍ପାତ ନଗର ତିନ ନମ୍ବର ସେକ୍ଟରର ଅବ୍ସ୍ଥିତ ଜଗନ୍ନାଥ ମନ୍ଦିର ଏବଂ ବୈଦ୍ୟନାଥ ମନ୍ଦିର ଦ୍ୱୟର ପରିଚାଳନା ଦାୟିତ୍ୱ ଦେବୋତ୍ତର କମିଶନରଙ୍କ ଗଠିତ ଟ୍ରଷ୍ଟକୁ ଗତ ତା ୧୨-୭-୧୯୮୪ ରିଖଠାରୁ କମିଶନରଙ୍କ ଦ୍ୱାରା ହସ୍ତାନ୍ତରିତ କରାଯାଇଅଛି ।

(ଜ) ଜୁବୁଲି ପାର୍କ :—

ଇସ୍ପାତ କାରଖାନାର ସିଲ୍‌ଭର ଜୁବୁଲି ସ୍ମୃତି ଉଦ୍ଦେଶ୍ୟରେ ଜୁବୁଲି ପାର୍କର ଉଦ୍‌ଘାଟନ ଉତ୍ସବ ଓଡ଼ିଶାରେ ଚୌରିଅର୍ଶୀ ମସିହା ଫେବୃଆରୀ ତିନ ତାରିଖରେ ପାଳିତ ହୋଇଅଛି ।

(ଝ) ଜନରବରୁ ସଂଗୃହୀତ ରାଉରକେଲାର ଅତୀତ ବର୍ତ୍ତମାନର ସୂଚନା ନିମ୍ନରେ ଦିଆଯାଇଅଛି—

ଝିରିଆ ପାହାଡ଼ର ଦକ୍ଷିଣ ଦିଗ

| ଅତୀତ | ବର୍ତ୍ତମାନ |
|---|---|
| ଝିରବାହାଲ | ଡୋଲମାଇଟ ବ୍ରିକ୍‌ସ ପ୍ଲାଣ୍ଟ ଓ ଟନେଜ୍ ଅକ୍‌ସିଜେନ ପ୍ଲାଣ୍ଟ୍ |
| ରାଉରକେଲା (ପୁରୁଣା) | ମାର୍‌ସାଲିଙ୍ଗ୍ ୟାର୍ଡ଼୍ |

Digitized by PPRACHIN, SOA

| ଅତୀତ | ବର୍ତ୍ତମାନ |
| --- | --- |
| କୁଲମୁଣ୍ଡା | ସିଣ୍ଟରିଙ୍ଗ୍ ପ୍ଲାଣ୍ଟ୍ |
| ଗୁରୁଆ ଡ଼ିହ | ରୋଲିଙ୍ଗ୍ ମିଲ୍ |
| ଦୁର୍ଗାପୁର | ଉଦିତ ନଗର ଏବଂ ବାସନ୍ତୀ କଲୋନୀ |
| ମହୁଲପାଲି | ରାଉରକେଲା ସଦର |
| ଡୁଣ୍ଡୂମ | ଏକବିଂଶ ସେକ୍ଟର ଓ ନୂଆବଜାର |

ଝିରଆ ପାହାଡ଼ର ଉତ୍ତର ଦିଗ

| ଅତୀତ | ବର୍ତ୍ତମାନ |
| --- | --- |
| ଝିରଆ ବାହାଲ | |
| ଚନ୍ଦନ ଟୋଲା | ଏକ ନମ୍ବର ସେକ୍ଟର |
| ପୁରୁଣାପାଣି | ଆମ୍ବାଗାନ, ଅଠର ନମ୍ବର, ଛଅ ନମ୍ବର, ସାତ ନମ୍ବର ସେକ୍ଟର ଅଞ୍ଚଳ |
| ଲାଞ୍ଜିବେରେଣୀ | ଇନ୍ଦିରା ଗାନ୍ଧୀ ପାର୍କ |
| ଅନ୍ଧାରିବନ୍ଧ | ତିନ ଓ ଚାରି ଉଭୟ ସେକ୍ଟର |
| ଜଗନ୍ନାଥ ଗୁଡ଼ି | ହରିହର ଜଗନ୍ନାଥ ମନ୍ଦିର (ଅନ୍ଧାରିବନ୍ଧ ଜଗନ୍ନାଥ ମନ୍ଦିର) |

Digitized by PPRACHIN, SOA

| ଅତୀତ | ବର୍ତ୍ତମାନ |
|---|---|
| ଶିବ ଗୁଡ଼ | ବୈଦ୍ୟନାଥ ଶିବ ମନ୍ଦିର |
| ବାଗ୍‌ଗୁଡ଼ (ଗାଁ) | ଆଠ ନମ୍ବର ସେକ୍ଟର |
| ଝିରପାଣି | ଗଉରକେଲା ହାଉସ |
| ଘଣ୍ଡ୍ରୁ ଟୋଲା | ସତର ନମ୍ବର ସେକ୍ଟର |
| ଧାଭୁମ୍ ଟୋଲା | ଷୋହଳ ନମ୍ବର ସେକ୍ଟର ନିକଟବର୍ତ୍ତୀ କୋଏଲ ନଦୀ ଉପକୂଳ ଅଞ୍ଚଳ |
| ଭୁମ୍ବକେଲା | ଷୋହଳ, ପନ୍ଦର ଏବଂ ଚଉଦ ନମ୍ବର ସେକ୍ଟର ଅଞ୍ଚଳ, |

●

Digitized by PPRACHIN, SOA